ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଅଗଷ୍ଟ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

## ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଙ୍ଗ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, August 2022, Issue No. V

ISSN NO. 2583-147X(P)

RNI No. : ODIODI/2015/64435

P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


କବି ସନ୍ତୋଷ କୁମାରଙ୍କ 'ଅଲୋଡ଼ା ଏଲିଜି':
ନୀଳାଭ ସ୍ଥିତିବାଦର ଏକ ସାଂଙ୍କିକ ପରିପ୍ରକାଶ
– ଡକ୍ଟର ମଧୁଛନ୍ଦା ନାୟକ ୦୭

ଅର୍ଚ୍ଚନା ନାୟକଙ୍କ ଗଳ୍ପରେ ନାରୀ
– ଡ. ସୋନାଲି ସାହୁ ୧୨

ଦଣ୍ଡନାଟର ସାଂସ୍କୃତିକ ପରମ୍ପରାରେ ନାବକେଳି
– ସନ୍ତୋଷ ଭୋଇ ୧୮

ତୁଳନାତ୍ମକ ଆଲୋକରେ 'ବିକଳ ଅନ୍ତର'
ଆକାଂକ୍ଷାର କବିତା 'ଅଲକା ସାନ୍ୟାଲ': ଏକ ପ୍ରାୟୋଗିକ ସୂକ୍ଷ୍ମାନୁଶୀଳନ
– ଡକ୍ଟର ସନ୍ତୋଷ କୁମାର ନାୟକ ୨୪

ଶେଷଚିଠି
– ସୁକାନ୍ତି ରାଉତ ୩୩

ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ପ୍ରତିଫଳିତ ମନସ୍ତାତ୍ତ୍ୱିକ ଚେତନା
– ଡ. କୁନା ସୁନା ୩୭

ଗୋଣ୍ଡ ସମାଜରେ ପ୍ରଚଳିତ 'ଗୌରୀ ଓଷା'
– ନମିତା ମହାପାତ୍ର ୪୩

ବାରନ୍ଦା
– ରଜନୀକାନ୍ତ ମିଶ୍ର ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ୱା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ......................................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................

ବ୍ୟାଙ୍କ୍........................................ ସ୍ଥାନ...................................................

ତାରିଖ....................................... ଦସ୍ତଖତ................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), **Vol.- 8, Issue No. V, August 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# କବି ସନ୍ତୋଷ କୁମାରଙ୍କ 'ଅଲୋଡ଼ା ଏଲିଜି': ନୀଳାଭ ସ୍ଥିତିବାଦର ଏକ ସାଂଙ୍କିକ ପରିପ୍ରକାଶ

**ଡକ୍ଟର ମଧୁଛନ୍ଦା ନାୟକ**

"Poetry is the establishment of being by means of the word". — (Martin Heidegger)

ସ୍ଥିତିବାଦ ଓ ମୃତ୍ୟୁଚେତନାର ସଂପର୍କ ଖୁବ୍ ଘନିଷ୍ଠ ଓ ବଳିଷ୍ଠ । ସାଧାରଣତଃ ସ୍ଥିତିବାଦ ସହ ମୃତ୍ୟୁଚେତନାର ସଂପର୍କ ଜଣାପଡ଼େ ନାହିଁ ବା ସାଧାରଣରେ ଦେଖାଯାଏ ନାହିଁ, କିନ୍ତୁ ଏକ ଉନ୍ନତ ବା ଉତ୍ତୀର୍ଣ୍ଣ ସ୍ତରରେ ଏହାର ରୂପରେଖ ବେଶ୍ ସ୍ପଷ୍ଟ । ଏ ଦୁଇ ଚେତନା ପରସ୍ପର କେବଳ ହାତ ଧରାଧରି ହୋଇ ଚାଲନ୍ତି ନାହିଁ ଅଧିକନ୍ତୁ ଏ ଦୁହେଁ ଏକତ୍ର ହୋଇଯାଆନ୍ତି, ଏକାକାର ହୋଇଯାଆନ୍ତି ଓ ଆପଣା ଆପଣାର ସ୍ଥିତିକୁ ହଜାଇ ପାରସ୍ପରିକ ସାହଚର୍ଯ୍ୟରେ ଆପଣାର ସ୍ଥିତିକୁ ଦୃଢ଼ତଃ ଜାହିର୍ କରନ୍ତି । ମୃତ୍ୟୁ ଏକ ନୀଳାଭ ଏବଂ ଶାଶ୍ୱତ ପ୍ରକ୍ରିୟା । ଏହା ସହ ସ୍ଥିତିବାଦର ଚୁକ୍ତି ଅର୍ଥ ନିଜର ସ୍ଥିତିକୁ ସର୍ବାବସ୍ଥାରେ, ସର୍ବକାଳ, ସ୍ଥାନ, ପାତ୍ର ଊର୍ଦ୍ଧ୍ୱରେ ସ୍ୱୀକାର କରିବା । ଜଣେ ଅତ୍ୟନ୍ତ ଆଲୋକବାଦୀ ସ୍ରଷ୍ଟା ହିଁ ଏହିକଥା ଚିନ୍ତା କରିପାରେ । ଯେପରି ଏଲିଅଟ୍‌ଙ୍କ ୱେଷ୍ଟ୍‌ଲାଣ୍ଡ୍‌ରେ ମୃତ୍ୟୁର କରାଳ ଲହରୀ ଓ ଭଗ୍ନାଂଶ ମଧ୍ୟରେ ଜୀବନର ପରିମେୟ ରୂପ ଉଙ୍କିମାରିଥାଏ, ଅନୁରୂପ ଭାବେ କବି ଶ୍ରୀ ନାୟକ ଏଠାରେ ମୃତ୍ୟୁକୁ ସ୍ୱୀକାର କରିବା ସଂଗେ ସଂଗେ ଆପଣା ପିଠିରେ ଅସ୍ମିତାର ମୋହର ମଧ୍ୟ ମାରିଦେଇଛନ୍ତି ।

ଏ କବିତାଟି ଛାଡ଼, ସଂପୂର୍ଣ୍ଣ "ସୂର୍ଯ୍ୟ ଉଇଁଲେ ରାତି" ସଂକଳନରେ ପ୍ରାୟ ସମସ୍ତ କବିତା ମାନଙ୍କରେ ଯେଉଁ ଚେତନା ପରିପ୍ରକାଶିତ, ପରିସ୍ଫୁଟିତ, ତାହାର ଏକ ଉତ୍ତରିତ ରୂପ ଏଠାରେ ମାତ୍ର ଦେଖିବାକୁ ମିଳିଥାଏ । କବିତାଟି କ୍ଷୁଦ୍ର । ଆବେଦନ ଏହାର ସୂକ୍ଷ୍ମ ଓ ତୀକ୍ଷ୍ଣ । ଭାବ ସାଂଦ୍ର । ଧ୍ୱନି ମଂଦ୍ର । କାରଣ କବି ମଜ୍ଜାରେ ରହିଛି ଭାରତୀୟ ମାଟି, ପାଣି ଓ ପବନର ପ୍ରେରଣା । ବେଦ, ଉପନିଷଦର ପ୍ରଭାବ କବିଙ୍କ ଠାରେ ସ୍ପଷ୍ଟ । ନତୁବା ସେ କ'ଣ କେବେ ରଚନା କରିଥାଆନ୍ତେ 'ସୋଽହଂ', 'ବ୍ରହ୍ମାସ୍ମି' ପରି କବିତା ପୁସ୍ତକ ? ସେଠାରେ ବ୍ରହ୍ମର ସ୍ଥିତି ବି ରହିଛି, ଆତ୍ମାର ଅସ୍ମିତା ବି ରହିଛି । ସେଠି ଈଶ୍ୱର ଓ ମାନବ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଗୋଟିଏ ଦେହରେ ଅନ୍ୟଟିର ପ୍ରବେଶ । ଅନ୍ୟଟି ଦେହରେ ଅପରର ଅଭିନିବେଶ । ଈଶ୍ୱର ସତ୍ତା ମଧ୍ୟରେ କେତେବେଳେ ମାନବ ସନ୍ତାନ ପ୍ରବେଶ କରୁଛି ତ ଆଉ କେତେବେଳେ ଈଶ୍ୱର ନିଜେ ଆଶ୍ରା ଖୋଜି ଖୋଜି ମାନବ ହୃଦ-କନ୍ଦର ମଧ୍ୟରେ ବସା ବାନ୍ଧିବାକୁ ବାଧ ହୋଇଛନ୍ତି । ଯା'ରି ଭିତରେ ଆନନ୍ଦ ଓ ଶାଶ୍ୱତପଣିଆଟି ଜାହିର୍ ହୋଇଯାଇଛି । ମୃତ୍ୟୁ ଅଛି । ପୁନର୍ଜନ୍ମ ବି ଅଛି । ଅଥବା ପୁନର୍ଜନ୍ମ ଥାଇ ବି ନପାରେ । ମାତ୍ର କଥାଟା ଏତିକି ଯେ, ମୃତ୍ୟୁ ପରେ ବି ଅବିନାଶି ଆତ୍ମା ମଧ୍ୟରେ ଆପଣାର ସ୍ଥିତିକୁ ସ୍ୱୀକାର ଓ ଅନୁଭବ କରିବା ହେଉଛି ବଡ଼ କଥା । ଏହା ସ୍ଥିତିବାଦ ଓ ନୀଳାଭ ମୃତ୍ୟୁଚେତନା, ଉଭୟକୁ କ୍ଲିନ୍‌ଚିଟ୍; ଉଭୟକୁ ସର୍ବସାଧାରଣ ସ୍ୱୀକୃତି ମାତ୍ର ।

କବିତାଟିର ଆବେଦନକୁ ଏଠାରେ ଲକ୍ଷ୍ୟ କରାଯାଉ । ମାତ୍ର ଲକ୍ଷ୍ୟକରିବା ପୂର୍ବରୁ ଯୁରାଥୁଷ୍ଟ୍ରଙ୍କ ଏକ ବକ୍ତବ୍ୟକୁ ଦେଖାଯାଉ । "ପୃଥିବୀରୁ ସ୍ୱର୍ଗ ମଧ୍ୟରେ ଏପରି ଅନେକ ପଦାର୍ଥ ଅଛି ଯାହାର ସ୍ୱପ୍ନ କେବଳ କବିମାନେ ଦେଖିପାରନ୍ତି । ବିଶେଷକରି ଅପାର୍ଥିବର । କାରଣ ସମସ୍ତ ଦେବତା କବିମାନଙ୍କର ହିଁ ଚିତ୍ରକଳ୍ପ, ଅନ୍ଧବିଶ୍ୱାସ ।" ତେବେ ଏହା କବିଙ୍କର ବିଶ୍ୱାସ କି ଅନ୍ଧବିଶ୍ୱାସ ସେକଥାର ଫଏସଲା ହେବ ତର୍କରେ । ଯଦି କବି ଉକ୍ତିଟି ତାର୍କିକ ହୋଇଥିବ, ତେବେ ଅବଶ୍ୟ ଏହା ବିଶ୍ୱାସଯୋଗ୍ୟ-ଭରସାଯୋଗ୍ୟ ।

ବୟସ ଅଳ୍ପ । ଅନୁଭୂତି କିନ୍ତୁ ସାଂଦ୍ରାତି-ସାଂଦ୍ର । ଆବେଦନ ସୂକ୍ଷ୍ମ ଓ ତରଳ । ଭଂଗୀ ମନୋଜ୍ଞ । ଭାଷା ସଂବେଦନଶୀଳ ଓ ମନୋଗ୍ରାହୀ । ହିଆ ଓ ପ୍ରଜ୍ଞା- ଉଭୟ ତିନ୍ତିଲା ପରି ଭାଷା, ଶୈଳୀ ଓ ଥିମ୍ ଏଠାରେ ପ୍ରଖ୍ୟାପିତ । ଶିଳ୍ପକଳା ଏଠାରେ ସୁନ୍ଦର-ମନୋରମ-ଚମତ୍କାର । Face is the index of mind କଥାଟା ଅନୁସାରେ ଓ Title and symbol are one and alike କଥାଟାର ଦଲିଲ୍

ମତେ କବିତାଟିର ଶୀର୍ଷକ ଖାଲି compact ନୁହେଁ, illusive ଓ ଯଥାର୍ଥ ମଧ୍ୟ; 'ଅଲୋଡ଼ା ଏଲିଜି' । କବିତାଟିର ଶୀର୍ଷକରେ ଶବ୍ଦ ଶବ୍ଦ ମାତ୍ର ନୁହେଁ । ଗୋଟିଏରେ ଜୀବନର ଆରମ୍ଭ (ଅଲୋଡ଼ା), ଦ୍ୱିତୀୟ ବା ଶେଷଟିରେ ଦୁଃଖ ବା ଅଶୁଭ ପରିଚ୍ଛେଦ ମୃତ୍ୟୁର କଥା (ଏଲିଜି) । ଗୋଟିଏ ଜନ୍ମ (ଜୀବନ)ର ସଂଜ୍ଞାବାହୀ, ଅନ୍ୟଟି ମୃତ୍ୟୁର ଆଜ୍ଞାବାହୀ । ତଥାପି ମିଶିଗଲେ ସେଠିଖାଲି ଜୀବନ ହିଁ ଜୀବନ । ନୂତନତା ଓ ଆନନ୍ଦର ପୁଷ୍ପବର୍ଷଣ ହିଁ ବର୍ଷଣ । କାରଣ କବି ମୃତ୍ୟୁପରେ ବି ନିଜ ସ୍ଥିତିକୁ କାଏମ୍ ରଖି ଜୀବନର ଅନ୍ୟ ଏକ ଅଧ୍ୟାୟର ପରିକଳ୍ପନା କରିଛନ୍ତି । ସେ ଅଧ୍ୟାୟରେ ଜଡ଼ତା, ନିଥରତା ବା ସ୍ଥାଣୁତା ନାହିଁ ଅଛି ପ୍ରଗଲ୍‌ଭତା, ସ୍ୱତଃସ୍ଫୂର୍ତ୍ତତା, ଚଞ୍ଚଳତା, ସଂବେଦନଶୀଳତା, ସ୍ନାୟବିକ ଆବେଗପଣିଆ ଓ ଅନୁଭବ-ଅନୁଭୂତିର ପ୍ରାଚୁର୍ଯ୍ୟ ନଚେତ୍ ସେ କି କେବେ ଗାଇଥାଆନ୍ତେ-

*"ସବୁଠାରୁ ଶେଷ ସୁର, ଶେଷ ରଙ୍ଗ ଲେପି*
*ତୁମ ହାତେ ହାତ ଆଉ ପାଦ ପାଦେ ଥାପି*
*ଯାପିବି ଦିଗନ୍ତପାରେ*
*ନୀଳବର୍ଣ୍ଣ ପୃଥିବୀରେ*
*ଉତ୍ତର ସପ୍ତମଋତୁ ତଥାପି ତଥାପି*
*ଛାତିରେ ସ୍ମୃତିକୁ ଯାପି ଅତୀତର*
*ଆମ ପୃଥିବୀର,*
*ମୁହଁରେ ଆମ୍ଭାରେ ବୋଳି ତୁମରି ଅବିର*
*ଯୁଗବ୍ୟାପୀ ରହିଥିବା ଗୋଟି ଗୋଟି ସବୁ ଆମ୍ଭା*
*ସମସ୍ତ ଛବିର ।"* (ଶେଷଚିଠି- ସୂର୍ଯ୍ୟ ଉଇଁଲେ ରାତି)

ତେବେ ସେ ଯାହାହେଉନା କାହିଁକି 'ଅଲୋଡ଼ା ଏଲିଜି'- ଏକ ଏଲିଜି କି ଏଲିଜି ନୁହେଁ ଏକଥା କହିବା ବିବିଧମାନ ହେବ । ମାତ୍ର ଜଣେ କେହି ତ ମରିଛି । ମାତ୍ର କବି ସେଠି ତା'ର ମୃତ୍ୟୁକୁ ସ୍ୱୀକାର କରିନାହାଁନ୍ତି । କାରଣ ମୃତ୍ୟୁ ଠାରୁ ଜୀବନର ମାନେ କବିଙ୍କ ଠାରେ ଢେର୍ ବେଶୀ, ଢେର୍ ଅଧିକ । ଏପରିକି କବି ଏତେ optimistic ଯେ, ନିଜେ ମୃତ୍ୟୁପରେ ଜୀବନକୁ ଜୀଇଁବାର ଧରାଗୀତି ଗାଇବାର ନିଶାରେ ମଜ୍‌ଗୁଲ । ସେ ସେଥିପାଇଁ ଅନୁଶୋଚନାର ଛାୟାକୁ ହରେଇ ରଖିଛନ୍ତି । କାରଣ ଥଣ୍ଡାରେ ଥଣ୍ଡାରେ ରାତିରେ ରାତିରେ ସେ ପୃଥିବୀର ଆନନ୍ଦ ନେବାକୁ ଚାହିଁଛନ୍ତି । ସେଠି ମୃତ୍ୟୁ, ଦୁଃଖ, ପରିତାପ, ଶୋକ, ଅନୁଶୋଚନା ଓ ବିରହବାଦର ଲେଶ ମାତ୍ର ରଖିବାକୁ ଅନିଚ୍ଛୁକ କବି । ଏଣୁ ସେ ମନ୍ମୟମାନସର ତନ୍ମୟ କବିପ୍ରବର । କବିତ୍ୱ ବୋଧହୁଏ ଏଇୟା । କବିଙ୍କ ପାଇଁ କବିତାର ସଂଜ୍ଞା ବୋଧହୁଏ ଏଇୟା । ଯଦି କେବେ କବିତାର ସଂଜ୍ଞା କ'ଣ ବୋଲି ପଚରାଯାଏ, ତେବେ ବୋଧହୁଏ ସେ କହିବେ "ଏହା ଜୀବନ ଛଡ଼ା ଆଉ ଅନ୍ୟ କିଛି ନୁହେଁ ।" ଚଞ୍ଚଳତାର ଅନ୍ୟ ନାମ ହିଁ କବିତା, ଅନୁଭବର ଅନ୍ୟ ନାମ, ଆବେଗ ଓ ସ୍ନାୟବିକ ଉଦ୍‌ବେଗର ଅନ୍ୟ ନାମ ହିଁ କବିତା ।

ଶତେକ ଦୁଃଖ, ଝଡ଼ଝଞ୍ଜା ଓ ବିଘ୍ନ ମଧ୍ୟରେ ରହି ମଧ୍ୟ ସେ ଜୀବନର ସ୍ୱପ୍ନ ଦେଖିଛନ୍ତି । ସେ ଖୁବ୍ ଈଶ୍ୱର ବିଶ୍ୱାସୀ ଓ ଜୀବନ ପ୍ରତ୍ୟୟୀ । ଈଶ୍ୱର ଯଦି ଏକ ଶବ୍ଦ ହୁଏ ବା ଧାତୁ ହୁଏ ବା କ୍ରିୟା ହୁଏ, ତେବେ ଜୀବନ ହେବ ତାଙ୍କ ପାଇଁ ପୂର୍ବ ପ୍ରତ୍ୟୟ ଓ ପର ପ୍ରତ୍ୟୟ ଉଭୟ । ଏଥିପାଇଁ ମୃତ୍ୟୁପରେ ମଧ୍ୟ ସେ ସ୍ପଷ୍ଟ ଘୋଷଣା କଲେ ଦୁଃଖ କରିବାର କିଛି ନାହିଁ- ଏହା ଆମର ଅନ୍ୱେଷା, ଏହା ଆମର ପ୍ରାପ୍ୟ, ଲକ୍ଷ୍ୟ ଓ ସାଧନ । ସାଧନାରେ ସାଧକ ବ୍ରତୀ ରହି ସାଧନାର ଫଳ ପାଇଲାବେଳେ ଅନୁଶୋଚନାର ମାନେ କ'ଣ, ଅର୍ଥ କ'ଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି । ନତୁବା ସେ କ'ଣ କେବେ ଗାଇଥାଆନ୍ତେ-

*"କାହିଁକି ବା ଖାଲିଟାରେ*
*ଲେଖିବ ମୋ' ଲାଗି ଗୋଟେ*
*ଶୋକବୋଳା ନୀଳାଭ ଏଲିଜି ?"*
*(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)*

କବି ଆତ୍ମସଚେତନ ଓ ପରସଚେତନ । ସେ ନିଜକୁ ଧ୍ୟାନଦେବା ଅପେକ୍ଷା ଅନ୍ୟର ଚିନ୍ତା ମଧ୍ୟ କରିଛନ୍ତି ଓ ଏଥି ସଂଗେ ସଂଗେ ସେ ସମାଜକୁ ଏହି ବିଜ୍ଞାପନଟି ଦେଇଛନ୍ତି ଯେ, ଏଠି କେହିକେବେ ମରେନା, ସବୁ ନିଜ ନିଜର ଦୁନିଆ ପରିବର୍ତ୍ତନ କରନ୍ତି । ସମସ୍ତେ ସେଇ ଦୁନିଆକୁ, ଅଦୃଶ୍ୟ ଜଗତକୁ ନିଜ ଅଲକ୍ଷ୍ୟରେ ଯିବାପାଇଁ ଚାହାଁନ୍ତି । ଏଣୁ ଏହି ଦୁନିଁଆ ସରିବା ବା ଛାଡ଼ିବା କଥାକୁ ଅତି ଗୌଣାତିଗୌଣ ମନେକରି ସେ ସଭିଙ୍କୁ ସଚେତନ କରିଦେଇଛନ୍ତି । ସମସ୍ତେ ତ ସେଇ ପଥର ପଥିକ । ପୁଣି ଏ ବୃଥାନୁ-ଶୋଚନା କ'ଣ ପାଇଁ ? ଏଣୁ ସେ ଉଦାର ହୃଦୟ ବୀଣାର ତନ୍ତ୍ରି ବାଇ ଗାଇଉଠିଲେ-

*"କ'ଣ ବା ଅଛି ସେଥିରେ*
*କାହିଁକି ବା ଅଯଥାରେ*
*ସନ୍ତୁଳି ମରିବ କିଏ*
*ତୁଚ୍ଛାଟାରେ, ମିଛ କଥାଟାରେ ?"*
(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ଜଣେ ସଚ୍ଚାକବି ଭାବରେ ଜଣେ ସର୍ବଦା ଆତ୍ମସଚେତନ ରହିବା ନିହାତି ଦରକାର । ପୁଣି ତା'ଠାରୁ ବଡ଼କଥାଟା ହେଲା

ତା'ର ସମୂହ ସଚେତନତା, ପରିବେଶ ସଚେତନତା । ଏଇ ତିନିଗୋଟି ଚେତନା କବି ଶ୍ରୀ ନାୟକଙ୍କ ଏ କବିତାର ଠାବେ ଠାବେ ବିଦ୍ୟମାନ; ଏଥିରେ ଦ୍ୱିରୁକ୍ତି ନାହିଁ । କବି ନାୟକ ଓ କାବ୍ୟନାୟକ ଦୁହେଁ ଏକ ଓ ଅଭିନ୍ନ । ପୁଣି ଦୁହେଁ ଭାରି ଜୀବନପ୍ରିୟ । ଜୀବନକୁ ଏତେଭଲ ପାଆନ୍ତି ସେମାନେ ସେଠି ମୃତ୍ୟୁକୁ ପ୍ରତି ସଉଦାରେ ଫାଙ୍କି ଦେବାକୁ ଡେରି ନାହିଁ । କେଡ଼େ ଚତୁରତାର ସହିତ ସେ କହୁଛନ୍ତି- ଏ ପାର୍ଥିବ ଜୀବନଟା ତ ମୁଁ ଜୀଇଁଲି, ତମେମାନେ ବି ଖୁବ୍ ଜୀଇଁ ନିଅ । ବାକିରହିଲା ଇହଲୀଳା ସମ୍ବରଣ କରିବା କଥା । ତେବେ ସେକଥା ଭାବ ନାହିଁ । କାରଣ ତୁମେ, ଆମେ କିଛି ସମ୍ବରଣ କରୁନେ, ବରଣ କରୁଛେ । ପାଉଛେ, ଲାଭ କରୁଛେ, ଖୋଜୁଥିବା ଜିନିଷଟାକୁ ବା ଆକାଙ୍କ୍ଷିତ, ଅଭୀପ୍ସିତ ଜିନିଷଟାକୁ ଆମେ ପାଉଛେ । ଏଣୁ ଏଠି ବି ଜୀଅଁ, ସେଠି ବି ଜୀଅଁ । ଦୁଇଆଡ଼େ ବଞ୍ଚିବାର ଯଥାର୍ଥ ଓ ଯଥେଷ୍ଟ ସମ୍ଭାବନା ସୃଷ୍ଟିକରି ଜୀବନଟାକୁ ଆହୁରି ମଧୁମୟ-ଭୀତିଶୂନ୍ୟ କରିଦେଇଛନ୍ତି କବି ଏ କବିତାରେ । ପ୍ରିୟତମ ଘନଶ୍ୟାମ ସହ ମିଳନ ହେବାରେ କାହାର କି କେବେ କୁଣ୍ଠାବୋଧ ରହିଛି ନା ରହିବ ? ଏଣୁ ଏଥିରେ ଭାବିବାର ବା ଅନୁଶୋଚନା ପ୍ରକାଶ କରିବାର କିଛି (ଆବଶ୍ୟକତା) ମାନେ ନାହିଁ । ସେ ତେଣୁ ବୁଝାଇ ସୁଝାଇ କହିଲେ-

*"ସୁଯୋଗ ତ ଦିଅ ତାଙ୍କୁ*
*ଏମିତିରେ ସହଜରେ*
*ପୁରୁଣା କାନ୍ଥରେ ଲିପି*
*ମାଟି ଓ ଗୋବର*
*ଧୋଇ ପୋଛି କଳାପଟା, କାନ୍ଥବାଡ଼*
*ଆଇନା ଓ ମୁହଁ,*
*ଭୁଲିବାର ଧୀରେ ଧୀରେ*
*ସବୁ ଛବି, ସବୁ ସେ କଥାକୁ... ।"*

(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ଏଠାରେ କବିତା ଆରମ୍ଭରୁ ଯଦି ଶୈଳୀ କଥା ଦେଖାଯାଏ, ତେବେ ଏକ ନାଟକୀୟ ଶୈଳୀ ପରି ଏହା ପ୍ରତୀତ ହେବ । କାରଣ ଏଥିରେ କାବ୍ୟନାୟକ ଓ ତଦୀୟ ସାଥୀ (ପରମ ପ୍ରିୟ ଶ୍ରୀଯୁକ୍ତ ମୃତ୍ୟୁ)ଙ୍କ ମଧ୍ୟରେ ବାର୍ତ୍ତାଳାପ ହିଁ ଚାଲିଛି । କାବ୍ୟନାୟକ ଶ୍ରୀଯୁକ୍ତ ମୃତ୍ୟୁଙ୍କୁ ଏକ ପରମ ଆତ୍ମୀୟ ମନେକରି ଅନ୍ୟମାନଙ୍କ ଜୀବନକୁ ଶୋକଦଗ୍ଧ ନକରି, ବୃଥା ଏଲିଜିରେ ଜୀବନର ଗୀତିକା ନଲେଖି- ସାଧାରଣ ବାଲାଡ୍ ବା ଲିରିକ୍‌ଟିଏ ଲେଖିବାକୁ କହିଛନ୍ତି । ମିଳନର ଅପୂର୍ବ ରାଗିଣୀ ଗାଇବାକୁ କହିଛନ୍ତି କବି ଏଠାରେ ।

ପୁଣି ଏଠି ଲେଖକୀୟ ସାଂସ୍କୃତିକ ରୂପରେଖ ଓ ବୈଜ୍ଞାନିକ ଦୃଷ୍ଟିକୋଣର ସମନ୍ୱିତ ସାହିତ୍ୟିକ ରୂପକୁ ଦେଖିହୁଏ । କବି ମାଟି ଓ ଗୋବର ଲିପିବା କଥା କହି- ଦର୍ଶନ, ବିଜ୍ଞାନ, କଳା ଓ ସଂସ୍କୃତିକୁ ଏକ ସୂତ୍ରରେ ସୂଚାରୁରୂପେ ବାନ୍ଧି ଦେଇଛନ୍ତି ମାତ୍ର । ଗୋବର ଏକ ଆଣ୍ଟିବାୟୋଟିକ୍ ବା ଡିସ୍‌ଇନ୍‌ଫେକ୍‌ଟାଣ୍ଟ୍ ବା ପ୍ରତିସଂକ୍ରାମକ ମହୌଷଧି । ଏହାକୁ ମାଟିରେ ମିଶାଇ ଲିପିବା ଅର୍ଥ ମିଥ୍ୟା ଓ ଅଦରକାରୀ ଜିନିଷକୁ ଲିଭାଇ ଏକ ବିଶୁଦ୍ଧ, ପରିଷ୍କାର, ପରିଚ୍ଛନ୍ନ, ନିର୍ମଳ ଓ ସୁନ୍ଦର ଭାବମୂର୍ତ୍ତି ନିର୍ମାଣ କରିବା । ତେବେ ଜୀବନର ଅଶାଶ୍ୱତ ପଣିଆକୁ ଏଠାରେ ଅଣଦେଖା ମଧ୍ୟ କରାଯାଇ ନାହିଁ । ପ୍ରକାରାନ୍ତରେ ଏହା ଉପରେ (ଦୁଃଖ, ଶୋକ, ଯନ୍ତ୍ରଣା...ଇତ୍ୟାଦି) ମାଟି ଓ ଗୋବର ରୂପୀ ପ୍ରତିଶେଧକ ଓ ପ୍ରତିସଂକ୍ରାମକ ମହୌଷଧି ପ୍ରୟୋଗ କରି ଏକ ନିତ୍ୟ-ନୂତନ, ସହଜ-ସରଳ-ସୁନ୍ଦର-ନିର୍ମଳ ଓ ବିଶୁଦ୍ଧ ଜୀବନଧାରାର ସ୍ୱାଗତ କରାଯାଇଛି । ଏହି ବିଶୁଦ୍ଧ ଜୀବନଧାରା ମୃତ୍ୟୁ ଉତ୍ତର ଜୀବନ ଛଡ଼ା ବା ମୃତ୍ୟୁତ୍ତର ଜଗତ ଛଡ଼ା ଆଉ କ'ଣ ହୋଇପାରେ ?

ପୁଣି କାବ୍ୟନାୟକ ବୁଝାଇ କହିଛି । କମିମାନସ ତର୍କ (logic)ର ପ୍ରୟୋଗ କରିଛି ଓ କହିଛି-

*"ତା'ପରେ*
*ମୁଁ କ'ଣ ଏହା ହୋଇଯିବି*
*ସବୁଦିନ ପାଇଁ? ମୁଁ ପରା*
*ବୁଲିବି ତୁମ ହାତ ଧରି*
*ତୁମ ଛାଇ ପରି ।"*

(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ଏଣୁ ଏହା ନିଃସଂଗତାର କବିତା ନୁହେଁ । ଏହା ଏକାକୀପଣ ବା ବିରହ ବା ବିଚ୍ଛେଦର କବିତା ନୁହେଁ । ବରଂ ଜୀବନରେ ବିରହ, ବିଚ୍ଛେଦ, ଶୋଚନା ଥାଇପାରେ କିନ୍ତୁ ମୃତ୍ୟୁ ପରେ ଏହା ନଥାଏ । ସେଠି ମିଳନ ଓ ମିଳନର କଥା ଥାଏ । ସେଠି ସଂଯୋଗର କଥା ଥାଏ, ପ୍ରାପ୍ତି ଓ ମିଳନର କଥା ଥାଏ । ଏଣୁ ଜୀବନ ଯଦି ଏକ ଧାରା ହୁଏ, ମୃତ୍ୟୁ ଯଦି ଏହାର ଉପସଂହାର ହୁଏ, ଏକ ଅବିଚ୍ଛେଦ, ଅକାଟ୍ୟ ଅଂଶ (ଅବୟବ) ବିଶେଷ ହୁଏ, ତେବେ ଜୀବନ ହେଉଛି ଏକ କବିତା; ସ୍ୱତଃସ୍ଫୂର୍ତ୍ତ କବିତା । ଆଉ କବିତା ହେଉଛି ଜୀବନର ପ୍ରତିଭୂ । ଅତଏବ ଏ କବିତା ଏଲିଜି ହୋଇପାରେନା । ଅଥବା ଏଥିରେ ଦୁଃଖାନୁଶୋଚନା ରହିପାରେନା । ଏଣୁ ଏହା ଅଲୋଡ଼ା ଏଲିଜି । କୌଣସି ଏଲିଜି ଲେଖିବା ଦରକାର ନାହିଁ ।

ପୁଣି ଏଠାରେ ଦ୍ରଷ୍ଟବ୍ୟ ଯଦି ଏ ସଂଳାପ କାବ୍ୟନାୟକ ଓ

ଶ୍ରୀଯୁକ୍ତ ମୃତ୍ୟୁ (Mr. Death)ଙ୍କ ମଧ୍ୟରେ ହେଉଛି, ତେବେ ନିଶ୍ଚିତରୂପେ ସେଠି ମୃତ୍ୟୁ ଓ ଭାଗ୍ୟ ଏକାକଥା । କାବ୍ୟନାୟକ ବା କବି ଦୃଷ୍ଟିରେ ମୃତ୍ୟୁ ହିଁ ଭାଗ୍ୟ ଲେଖେ ଓ ଭାଗ୍ୟ ହିଁ ମୃତ୍ୟୁକୁ ଆମନ୍ତ୍ରଣ କରେ । ଏଠାରେ କବିତାଟି ପ୍ରଥମ ପୁରୁଷରେ ଲିଖିତ । ଅର୍ଥାତ୍ କାବ୍ୟପୁରୁଷ ନିଜେ କବି । ଆଉ ଏ ସଂଳାପ ପ୍ରଥମ ପୁରୁଷ ଓ ଦ୍ୱିତୀୟ ପୁରୁଷ ମଧ୍ୟରେ ହୋଇଛି । ତେବେ ସେ ଯାହାହେଉନା କାହିଁକି- ଏଇ 'ମୁଁ' ଓ 'ତୁମେ' ମଧ୍ୟରେ ଏ କବିତାର ପୃଥିବୀ ପରିବ୍ୟାପ୍ତ । କେତେବେଳେ ଏଇ 'ମୁଁ'ଟି ଭିତରେ 'ତମେ'ର ସତ୍ତାଟି ଲୁଚି ଯାଉଥାଏ ତ ଆଉ କେତେବେଳେ 'ମୁଁ ସତ୍ତାଟି 'ତମେ' ଭିତରେ ଲୁଚିଯାଉଥାଏ । ଏଣୁ କବି ଗାଇଉଠିଲେ-

*"ସବୁଥିରେ ମିଶୁଥିବି, ହସୁଥିବି*
*ବସୁଥିବି, ଉଠୁଥିବି, ଗୀତ ଗାଉଥିବି*
*ଏସବୁ ଭିତରେ କିନ୍ତୁ କେବେହେଲେ*
*ଦିଶୁ ମୁଁ ନଥିବି ।"*

(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ଅର୍ଥାତ୍ ମୃତ୍ୟୁ ଉତ୍ତାରେ ସବୁ ସେଇ କାମ କରୁଥିବି, ସବୁ ଆନନ୍ଦ ଲୁଟୁଥିବି ମାତ୍ର ଫରକ୍ ଏତିକି ଏସବୁ ବସିବା-ଉଠିବା ଭିତରେ କିନ୍ତୁ କେବେହେଲେ କାହାକୁ ମୁଁ ଦିଶୁନଥିବି । ଏହି ଅଦୃଶ୍ୟମାନ ଜଗତର ଜଣେ ଯାତ୍ରୀ ହୋଇ ମୁଁ ଚରୁଥିବି ଓ ବୁଲୁଥିବି । ଏଠାରେ କବିଚେତନା ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ହୋଇଯାଇଛି । ରହସ୍ୟବାଦୀ ଗୋଲୋକ ଆଡ଼କୁ କବିଚେତନା ମୁହେଁଇଛି । ଏଇ ଜଗତର ଧୂଳିମାଟିରେ ମଧ୍ୟ ରହିଛି ।

ପରିଶେଷରେ କବି ତର୍କ ସହ ସତର୍କ କରିଦେଇଛନ୍ତି ଓ ଉଦ୍‌ଘୋଷଣା କରି କହିଛନ୍ତି-

*"ଏଣୁ ନାହିଁ ଦରକାର*
*ଗାଇବାର ବ୍ୟଥାର ସଂଗୀତ*
*ବାଇବାର ବେହେଲା ବା*
*ଲେଖିବାର ଯୋଖିବାର*
*ଶବ୍‌ଦ ସବୁ ଏକଲା ପଣର*
*ଲୋଡ଼ା ନାହିଁ ଲେଖିବାର*
*ଗୋଟେ ବି ଏଲିଜି*
*ଯେଣୁ ମୁଁ ହଜିନି କେବେ*
*ଶତବାର ହଜି*
*ସହସ୍ର ସହସ୍ର ଥର ଭାଜିରୁଜି*
*ଆଜିପରି କାଲିପରି, ସବୁଦିନ ପରି*
*ବଞ୍ଚିଛି ଓ ବଞ୍ଚିଥିବି*
*କେଉଁଥିରୁ ନହୋଇ ବଞ୍ଚିତ ।"*

(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ଏଠାରେ କବିଙ୍କର ବକ୍ତବ୍ୟରୁ ତଦୀୟ ଏକଲାପଣ ଯଦିଓ ସେତେଟା ଉଭୁରି ଆସିନି ତେବେ କବିଙ୍କ ବ୍ୟକ୍ତିଗତ ଜୀବନ ଯେ ଦୁଃଖମୟ ସେକଥାର ଏକ ଆଂଶିକ ଆଭାସ ଅବଶ୍ୟ ମିଳୁଛି । ସେ ଅଭାବ, ସେ ଦୁଃଖ ସାମାଜିକ, ମାନସିକ ବା ଶାରୀରିକ ବା ଆର୍ଥିକ ହୋଇପାରେ । ପୁଣି ତର୍କକୁ କବି କେବେ ଛାଡ଼ି ନାହାଁନ୍ତି ଏଣୁ ସେ ଏକଲା ନହେବାର ଯଥେଷ୍ଟ ପ୍ରମାଣ ପ୍ରତିଟି ପଙ୍‌କ୍ତିରେ ଦେଇଚାଲିଛନ୍ତି । କବିତାର ସର୍ବଶ୍ରେଷ୍ଠ ଆବେଦନ ଓ ପ୍ରମାଣ ତଥା ନିଷ୍କର୍ଷଟି ଶେଷଭାଗରେ ଠୁଳୀଭୂତ ହୋଇରହିଛି । କବି ଏକ ବିମଳ-ବିଶୁଦ୍ଧ ଚିତ୍ତରେ ଏଣୁ କହିଛନ୍ତି, ଗାଇଛନ୍ତି ସେ ପଙ୍‌କ୍ତିଟିକୁ । ମନେହୁଏ ସେସବୁ ଶବ୍‌ଦ ତାଙ୍କର ଆତ୍ମାର ଅନ୍ତରୀଣ ତନ୍ତ୍ରୀରୁ ନିସୃତ । ଏଣୁ କବିତାର ସାରତତ୍ତ୍ୱ ନିର୍ଯ୍ୟାସକୁ ସେଇ ପଙ୍‌କ୍ତି ମାଧ୍ୟମରେ ବ୍ୟକ୍ତ କରିବା ହିଁ ଶ୍ରେଷ୍ଠ ପଦ୍ଧତି ବୋଲି ମନେହୁଏ । ତାହା ଏହିପରି-

*"କିଛି ତ ନଥିଲା ମୋର*
*ହଜିବାର ନାହିଁ ଥିଲା କିଛି*
*ଏଲିଜି କେମିତି ହେବ 'ପରିଣତି'*
*କବିତାର ମୋର*
*ବହୁଦିନ ବହୁବର୍ଷ ଖୋଜିଖୋଜି*
*ଯେଣୁ ଆଜି ତୁମକୁ ପାଇଛି ?"*

(ଅଲୋଡ଼ା ଏଲିଜି- ସୂର୍ଯ୍ୟ ଉଇଁଲେ ରାତି)

ମୌଳିକତା ଏହି କବିତାଟିର ପ୍ରାଣ । ତରଳତା ଏହାର ଧର୍ମ । ଦର୍ଶନ ଏଠି ଜୀବନ ଆଡ଼କୁ ତୀର୍ଯକ୍ (inclined) । ଅସ୍ମିତା ଓ ଅସ୍ତିତ୍ୱବାଦୀ ଚେତନା ଏଠି ପ୍ରତି ଶବ୍‌ଦର କୋଷକୋଷରେ ବିଦ୍ୟମାନ । ମୃତ୍ୟୁର ଚରମ ଅଭିବ୍ୟକ୍ତି ଯେ ମଣିଷର ସ୍ଥିତିର ବଳିଷ୍ଠ ପ୍ରମାଣ- ଏକଥା କବିଙ୍କ କବିତା ପଢ଼ିଲା ପରେ ଆଉ ବୁଝିବାରେ ବାକି ରହେନାହିଁ ।

କବି ଶ୍ରୀ ନାୟକ ଜୀବନର ଆଦ୍ୟ ପାହାଚରେ ଏବେ ଅବତୀର୍ଣ୍ଣ । ଅଳ୍ପବୟସ ହେଲେବି ଅନୁଭୂତି ଓ ଆବେଗର ସାନ୍ଦ୍ରତା ପ୍ରଶଂସାର ଯୋଗ୍ୟ । ମୂଳତଃ ଜଣେ କବି । ତା'ଛଡ଼ା ଗାଳ୍ପିକ, ନାଟ୍ୟକାର ଓ ସମାଲୋଚକ ଭାବରେ ତଦୀୟ ସ୍ୱୀକୃତି ଯଥେଷ୍ଟ । 'ଇକ୍ଷା-ବୀକ୍ଷା-ସମୀକ୍ଷା', ସମୀକ୍ଷା ସୌରଭ', 'ସମୀକ୍ଷା ଗୌରବ', 'ସମୀକ୍ଷା ପ୍ରୟାଗ', 'ବାଗ୍‌ଯନ୍ତ୍ର', 'ଭାଷା ଓ ସାହିତ୍ୟ', 'ତୂଳୀ ଓ

ତୁଳନା', 'ନଷ୍ଟ ପୁରୁଷ' ପ୍ରଭୃତି ସମୀକ୍ଷା ପୁସ୍ତକ, 'ସୋଽହଂ', 'ବ୍ରହ୍ମାଽସ୍ମି', 'ସୂର୍ଯ୍ୟ ଉଇଁଲେ ରାତି', 'ସାଂଖ ଭ୍ରମଣ' ପ୍ରଭୃତି କବିତା ଗ୍ରନ୍ଥ, 'ଦୃଷ୍ଟି ଓ ଦର୍ଶନ' ଓ 'ଘୁଣକୀଟ' ପ୍ରଭୃତି ପ୍ରବନ୍ଧ ପୁସ୍ତକ, 'ଶବ୍ଦ ନିରବଧି', 'ଶବ୍ଦେଶ୍ୱରୀ', 'କବିତା ଓ କବିତା', 'ପ୍ରବନ୍ଧ ମାନସ' ପ୍ରଭୃତି ବିବିଧ ସଂପାଦିତ ପୁସ୍ତକ ତଦୀୟ ସାରସ୍ୱତ ସରଣୀର ପ୍ରମାଣ ତଥା ବଳିଷ୍ଠ ସ୍ୱାକ୍ଷର । ଏହାଛଡ଼ା ଅନେକ ମୌଳିକ ତଥା ଏକକ ପ୍ରବନ୍ଧ ଓ କବିତାର ସେ ସ୍ରଷ୍ଟା । ଇଂରାଜୀ ସାହିତ୍ୟରେ ମଧ୍ୟ ତଦୀୟ ଲେଖନୀ ମୁଖର । 'ଧ୍ୱନି ପ୍ରତିଧ୍ୱନି', 'ସାଗରିକା', 'ଅଳକାନନ୍ଦା', 'ଉତ୍କଳ ପ୍ରସଂଗ', 'ସଂହିତା', 'ଦ' ହରାଇଜନ୍', 'ଆମେ' ପ୍ରଭୃତି ଅନେକ ପତ୍ରପତ୍ରିକା ତଥା ମହାବିଦ୍ୟାଳୟ ମୁଖପତ୍ର ମାନଙ୍କରେ (ଭାସ୍ୱତ, ଫକୀର) ଆଦିରେ ତଦୀୟ ସାରସ୍ୱତ ଛାପ ବିଦ୍ୟମାନ । ରାଜ୍ୟସ୍ତରରେ ଅନେକ ଥର ସେ ସାରସ୍ୱତ ପ୍ରତିଭା ରୂପେ ସ୍ୱୀକୃତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି । ତଥାପି ସେସବୁ ସମ୍ମାନର ସଂପର୍କ ସାରସ୍ୱତ ଜୀବନ ସହ ସେପରି ବିଶେଷ କିଛି ନାହିଁ ବୋଲି ସେ ବିଶ୍ୱାସ କରନ୍ତି କାରଣ ପତ୍ରିଭା ଆନୁକୂଲ୍ୟ ଚାହେଁ ସତ କିନ୍ତୁ ତା'ର ସ୍ଫୁରଣଶକ୍ତି ରହିଥିବା କଥା ମଧ୍ୟ ସେତିକି ସତ, ସେତିକି ସଂଗତ । ଅଧୁନା ସେ ଜଣେ ପ୍ରତିଷ୍ଠିତ ଗବେଷକ ଓ ସୁଅଧ୍ୟାପକ ଭାବରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ଓ ଅଧ୍ୟାପନାରତ ।

ଆଲୋଚ୍ୟ କବିତା 'ଅଲୋଡ଼ା ଏଲିଜି' ତାଙ୍କର 'ସୂର୍ଯ୍ୟ ଉଇଁଲେ ରାତି' ସଂକଳନରୁ ଉଦ୍ଧୃତ । ଏହାଛଡ଼ା ଏହା ଖୁବ୍ ଚର୍ଚ୍ଚିତ କବିତା ମଧ୍ୟ ।

କବିତାଟିରେ ମୃତ୍ୟୁର ଏକ absolute ରୂପଚିତ୍ର ଆଙ୍କିଥିଲାବେଳେ ସ୍ଥିତିବାଦୀ ଚେତନାର ଏକ definitive sketch ସେ ଏଠାରେ ପ୍ରଦାନ କରିଛନ୍ତି । ମୋଟାମୋଟି ଉପରେ ଶୀର୍ଷକ, କବିତାର ଭାଷା, ଶୈଳୀ, ପ୍ରସଂଗ, କ୍ରମବିକାଶ ଓ ଉପସଂହାର ବେଶ୍ ହୃଦ୍ୟ ଓ ଚମତ୍କାର ହୋଇପାରିଛି । ମୃତ୍ୟୁକୁ ଏତେ ନିଖେଇ ଦେଖିବା, ତା'ସହ ମିଳାମିଶା, ବସାଉଠା, କଥାବାର୍ତ୍ତା କରିବାରେ କବି ଧୂରନ୍ଧର ମନେହୁଅନ୍ତି । ସତେ ଯେପରି ଯୁଗଯୁଗର ବନ୍ଧୁ, ଯୁଗଯୁଗର ସାଥୀ ସେ ଦୁହେଁ (କାବ୍ୟ-ନାୟକ ଓ ଶ୍ରୀଯୁକ୍ତ ମୃତ୍ୟୁ) । କବି ରମାକାନ୍ତଙ୍କ ପରେ ବୋଧହୁଏ ଏପରି ସ୍ୱର ଓଡ଼ିଆ ସାହିତ୍ୟରେ ଶୁଭିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ କବି ରମାକାନ୍ତ ମଧ୍ୟ ମୃତ୍ୟୁକୁ ଏକପ୍ରକାର ଭଲପାଇ ଥାଆନ୍ତି । ତେବେ ରମାକାନ୍ତ ରଥଙ୍କ ପ୍ରଭାବ କବି ସନ୍ତୋଷ କୁମାରଙ୍କ ଉପରେ ପଡ଼ିଲେ ମଧ୍ୟ ସେ ତନ୍ମଧ୍ୟରେ ନିଜର ସ୍ୱୀକୀୟତା ବା ସ୍ୱାତନ୍ତ୍ର୍ୟକୁ ଯଥାର୍ଥ ରୂପରେ ବଜାୟ ରଖିପାରିଛନ୍ତି ।

ଏପରି କି ତଦୀୟ ଅନ୍ୟାନ୍ୟ କବିତା ଅନୁଶୀଳନ କଲାବେଳେ ପୁଣିଥରେ ବୌଦ୍ଧିକତା ସହ ହୃଦ୍ୟ ଭାଷା-ଶୈଳୀ ଓ ଅଭିବ୍ୟକ୍ତିର ସାହିତ୍ୟ ଫେରିଆସିଲା ପରି ମନେହୁଏ । ଏଣୁ ଏଥିରୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଆକାଂକ୍ଷା ଆଦୌ ଅପ୍ରାସଂଗିକ ବା ଅସଂଗତ ନୁହେଁ । ଏ ଭବିଷ୍ୟତ ସ୍ରଷ୍ଟାଙ୍କର ଓ ସାରସ୍ୱତ ଜଗତ ଉଭୟଙ୍କର ।

**ସହାୟକ ଗ୍ରନ୍ଥସୂଚୀ :**


୧. Goodman, W. R. (2010), Quientessence of Literary Essays- New Delhi: Doaba House.

୨. ନାୟକ, ସନ୍ତୋଷ କୁମାର (୨୦୦୬)- ସୂର୍ଯ୍ୟ ଉଇଁଲେ ରାତି- ବାଲେଶ୍ୱର: ବ୍ରହ୍ମୋଽସ୍ମି ।

୩. ନାୟକ, ସନ୍ତୋଷ କୁମାର (୨୦୦୫)-ଅଭିଶପ୍ତ ପୃଥିବୀ- ବାଲେଶ୍ୱର: ବ୍ରହ୍ମୋଽସ୍ମି ।

୪. ବାରିକ୍, ସୌରୀନ୍ଦ୍ର (୧୯୯୯)- ସାଂପ୍ରତିକ କାଳ ଓ ଚିରନ୍ତନ କବି (୧ମ)- କଟକ: ଗ୍ରନ୍ଥମନ୍ଦିର ।

୫. ବାରିକ୍, ସୌରୀନ୍ଦ୍ର (୨୦୦୮)- ସାଂପ୍ରତିକ କାଳ ଓ ଚିରନ୍ତନ କବି (୨ୟ)- କଟକ: ଗ୍ରନ୍ଥମନ୍ଦିର ।

୬. ପଟ୍ଟନାୟକ, ପ୍ରସନ୍ନ କୁମାର (୧୯୮୫)- ଆଧୁନିକ ଓଡ଼ିଆ କବିତାରେ ଶାସ୍ତ୍ରୀୟ ଚିନ୍ତାଧାରା- କଟକ: ଗ୍ରନ୍ଥମନ୍ଦିର ।



ବିଭାଗମୁଖ୍ୟ, ଓଡ଼ିଆ ବିଭାଗ
ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ,
ମିତ୍ରପୁର, ବାଲେଶ୍ୱର-୭୫୬୦୨୦, ଓଡ଼ିଶା
ଭ୍ରାମ୍ୟଭାଷ- ୯୦୪୦୬୭୭୯୪୫
ଇମେଲ୍-nayak.madhu99@gmail.com

ISSN -2583-147X(P), **Vol.- 8, Issue No. V, August 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଅର୍ଚ୍ଚନା ନାୟକଙ୍କ ଗଳ୍ପରେ ନାରୀ

**ଡ. ସୋନାଲି ସାହୁ**

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଅର୍ଚ୍ଚନା ନାୟକ ଜଣେ ବିଶିଷ୍ଟ ଲେଖିକା ଭାବେ ପରିଚିତ । 'କେତେ ଦୃଶ୍ୟ', 'ଅରଣ୍ୟର ଅଭିସାର', 'ଅନ୍ୟ ନାୟିକା', 'ଭୁଲ୍ ଠିକଣାର ଚିଠି', 'କୁହୁଡ଼ି ପକ୍ଷୀ ଓ ସ୍ୱପ୍ନ ଗୋଧୂଳି', 'ନକ୍ଷତ୍ରର ଭାଷା' ଆଦି ଗଳ୍ପସଂକଳନର ଗଳ୍ପଗୁଡ଼ିକ ନିତିଦିନିଆ ଜୀବନର ସୁଖଦୁଃଖର କଳାତ୍ମକ ଅଭିବ୍ୟକ୍ତି । ଜୀବନକୁ ସେ ବହୁ ନିକଟରୁ ପରଖିଛନ୍ତି; ଯେଉଁଥିପାଇଁ ତାଙ୍କ ଗଳ୍ପଗୁଡ଼ିକ ଅତୀବ ଜୀବନ୍ତ । ଶ୍ରୀମତୀ ନାୟକ କେବଳ ଯେ ଜୀବନର ବହୁବିଧ ଦିଗନ୍ତକୁ ଚିତ୍ରିତ କରିଛନ୍ତି ତାହା ନୁହେଁ, ଇତିହାସ, ଦର୍ଶନ, ପୁରାଣ ଓ ମନସ୍ତତ୍ତ୍ୱ ଆଦି ବି ତାଙ୍କ ଗଳ୍ପର ଭାବପକ୍ଷକୁ କରିଛି ଅଧିକ ସମୃଦ୍ଧ । ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ରକୁ ସେ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ନାରୀ ଚରିତ୍ରମାନେ ପ୍ରାୟତଃ ଉଚ୍ଚବର୍ଗର ଏବଂ ସ୍ୱାବଲମ୍ବନଶୀଳା ।

ତାଙ୍କର ଅନେକ ଗଳ୍ପରେ ନାରୀ ଆଦର୍ଶବାଦୀ ଭୂମିକା ନିର୍ବାହ କରିଛି । କାରଣ ସେ ମନେ କରିଛନ୍ତି, ଆଦର୍ଶ ବିନା ଜୀବନ ନିରର୍ଥକ । ପ୍ରତ୍ୟେକ ସର୍ଜନଶୀଳ କଥାଶିଳ୍ପୀ ଜୀବନ ସହିତ ବିଶ୍ୱର ନିତ୍ୟ ସମ୍ପର୍କ ନିରୂପଣ ପୂର୍ବକ ନୀତି, ମାନବିକତା, ତ୍ୟାଗ, ମୂଲ୍ୟବୋଧ ଆଦି ଆଦର୍ଶର ଉପସ୍ଥାପନା କରିଥାନ୍ତି ନିଜର ସୃଷ୍ଟିରେ । ଭାରତୀୟ ନାରୀ ହେଉଛି କବି କଳ୍ପନାରେ ଅନିନ୍ଦ୍ୟ ଲାବଣ୍ୟମୟୀ । ସେ ସ୍ନେହ, ପ୍ରେମ ଓ ମମତାରର ମୂର୍ତ୍ତିମନ୍ତ ଦେବୀ । ପୁରୁଷର ସହଧର୍ମିଣୀ ଓ ସହକର୍ମିଣୀ ଭାବରେ ସେ ଯୁଗଯୁଗ ଧରି ସାମାଜିକ ବିକାଶଧାରାରେ ସହାୟକ ହୋଇଆସିଛି । ସେ କେବଳ ପୁରୁଷର କର୍ମ ସହଚରୀ ନୁହେଁ, ପୁରୁଷର ହୃଦୟରେ ସେ ଭରିଦିଏ ସ୍ୱର୍ଗୀୟ ପ୍ରେମ ଓ ଆନନ୍ଦ । ନାରୀର ସାହଚର୍ଯ୍ୟରେ ପୁରୁଷ ଜୀବନ ହୁଏ ମଧୁମୟ ଓ ସମାଜ ହୁଏ ଅମୃତମୟ । ଉଚ୍ଚ ଆଦର୍ଶ ଦ୍ୱାରା ନାରୀର ଜୀବନ କିଭଳି ମହିମା ମଣ୍ଡିତ ହୋଇଥାଏ, ତାହା 'ପାଦୁକା' ଗଳ୍ପରୁ ଲକ୍ଷ୍ୟ କରାଯାଇପାରେ । ଏକବିଂଶ ଶତାବ୍ଦୀର ବୋହୂ ହେଲେ ବି ସୁମିତ୍ରା ନିଜ ଠାକୁର ଘରେ ଶାଶୁଙ୍କର ଚପଲ ରଖି ଫୁଲ ଚନ୍ଦନ ଦେଇ ପୂଜା କରିଛି । ଶାଶୁଙ୍କର କଥା ମନେ ପକାଇ ଆଖିରୁ ଅନବରତ ଲୁହ ଗଡ଼ାଇଚି । ସୁମିତ୍ରା ଶାଶୁଙ୍କୁ ପ୍ରତି ଏପରି ଶ୍ରଦ୍ଧା ଓ ସମ୍ମାନବୋଧ କରନ୍ତି, କାରଣ ଶାଶୁ ତାଙ୍କୁ ନିଜ ଝିଅ ତୁଲ୍ୟ ମନେ କରନ୍ତି । ନିଜ ପୁଅଠାରୁ ବି ତା'ର ଅଧିକ ଯତ୍ନ ନିଅନ୍ତି । ଏପରିକି ପୁଅ-ବୋହୂ ଭିତରେ ମନୋମାଳିନ୍ୟ ହୋଇଥିଲେ, ପୁଅକୁ ଶାସନ କରନ୍ତି । ଶାଶୁ ମରିବା ପୂର୍ବରୁ କହିଥିଲେ "ମା'ରେ ମୋ ପୁଅ ତୋ ସ୍ୱାମୀ ହେଲେ ବି, ତୋ ପୁଅର କଥା ଯେମିତି ତା କଥା ସେମିତି ବୁଝିବୁ । ତୋ କଥା ଯଦି ନ ଶୁଣିବ ଚପଲରେ ପିଟିବୁ ।''(ଭୁଲ ଠିକଣାର ଚିଠି, ପୃଷ୍ଠା-୧୧୮) ଶାଶୁ ଚାଲିଯିବା ପରେ ଚପଲଟିକୁ ପୂଜା କରୁଛନ୍ତି ବୋହୂ ସୁମିତ୍ରା । ସାଂପ୍ରତିକ ସମୟରେ ଏପରି ଶାଶୁ-ବୋହୂ ଜଣେ ଜଣେ ଆଦର୍ଶ ନାରୀର ଭୂମିକା ନିର୍ବାହ କରିଛନ୍ତି । ଗାଳ୍ପିକା ଏହି ଗଳ୍ପ ମାଧ୍ୟମରେ ଯୁବାପିଢ଼ିଙ୍କୁ ଆଦର୍ଶବୋଧ ସଂପର୍କରେ ସଚେତନ କରାଇଛନ୍ତି ।

ଆଦର୍ଶବାଦର ଅନ୍ୟ ଏକ ଦୃଷ୍ଟାନ୍ତ ରହିଛି 'ମାମା ନାନୀ' ଗଳ୍ପରେ । ଗଳ୍ପ ନାୟିକା 'ମାମା ନାନୀ' ଙ୍କ ଉପରେ ଝିଅ ବାହାଘରର ସମସ୍ତ କାର୍ଯ୍ୟ ନ୍ୟସ୍ତ କରାଯାଇଛି । ବରଯାତ୍ରୀ ଆସିବା ପୂର୍ବରୁ ମାମାନାନୀ ସବୁ ଠିକ୍ ଠାକ୍ ଅଛିକି ନାହିଁ ତଦାରଖ କରୁଥିବା ବେଳେ ଗୋଟେ ଲୁହା ଚୌକି ତାଙ୍କର ପାଦ ଉପରେ ପଡ଼ିଯାଏ । ତତ୍‌କ୍ଷଣାତ୍ ସେ ସେହି ଜାଗାରେ ହିଁ ବସିପଡ଼ନ୍ତି ଏବଂ ସେଠାରୁ ଗୋଟେ ଇଞ୍ଚ୍ ବି ହଲିପାରନ୍ତି ନାହିଁ । ଝିଅ ବିଦା ହେବା ପର୍ଯ୍ୟନ୍ତ ସହି ଚାଲିଛନ୍ତି ପାଦର ଅସହ୍ୟ ଯନ୍ତ୍ରଣା ଓ ଲୋକମାନଙ୍କ ଭର୍ତ୍ସନା । ବିବାହର ସମସ୍ତ କାର୍ଯ୍ୟ ସମାପ୍ତ ହେବା ପରେ ଘଟଣାଟି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି । ସେତେବେଳକୁ ତାଙ୍କ ଗୋଡ଼ର ଅବସ୍ଥା ଖୁବ୍ ଗୁରୁତର । କାମ ନକରି ଗୋଟେ ଜାଗାରେ ବସିରହିଥିବା ଦେଖି ଯେଉଁମାନେ ନିନ୍ଦା କରୁଥିଲେ ତାଙ୍କ ମହନୀୟତା ଆଗରେ ସେମାନଙ୍କ ମୁଣ୍ଡ ନଇଁଯାଇଛି ।

'ଅନୁଚ୍ଚାରିତ' ଗଳ୍ପର ନାୟିକା ସୁଜତା ଆଦର୍ଶ ବୋହୂଟେ ହେବା ପାଇଁ ଅନେକ କଷ୍ଟ ସହ୍ୟ କରିଛନ୍ତି । ପୁଅ ବିକାଶ ବାପାଙ୍କ ଅନିଚ୍ଛା ସତ୍ତ୍ୱେ ସୁଜତାଙ୍କୁ ପ୍ରେମ ବିବାହ କରିଥିଲେ ବୋଲି ଶ୍ୱଶୁର

ସମସ୍ତ ରାଗ ବୋହୂ ଉପରେ ସୁଝାନ୍ତି । ବୋହୂର ପ୍ରତିଟି କଥାରେ ଭୁଲ୍ ବାହାର କରି ତାକୁ ଭର୍ତ୍ସନା କରିବା ତାଙ୍କର ନିତିଦିନିଆ କାମ । ସୁଜାତାଙ୍କ ଜୀବନ ଏକ ପ୍ରକାର ଅପମାନ ଓ ଲାଞ୍ଛନା ଭିତରେ କଟୁଥିଲେ ବି କେବେ ବି ଜବାବ ଦେଇନାହାନ୍ତି ଶ୍ୱଶୁରଙ୍କୁ । ଏପରିକି ଶ୍ୱଶୁର ପାରାଲିସିସ୍‌ରେ ପଡ଼ିବା ପରେ ପାରୁ ପର୍ଯ୍ୟନ୍ତ ତାଙ୍କର ସେବା କରିଛନ୍ତି । ପାରାଲିସିସ୍‌ରେ ପଡ଼ିବା ପୂର୍ବରୁ ନିଜ ଝିଅ ପାଖକୁ ଚିଠି ଲେଖି ଜଣାଇଥିଲେ ବୋହୂ ତାଙ୍କର ଲକ୍ଷ୍ମୀ ପ୍ରତିମା । ସୁଜତାଙ୍କ ପରିଶ୍ରମ ସାର୍ଥକ ହୋଇଛି । 'ଠାକୁର ଘର' (କେତେ ଦୃଶ୍ୟ) ଗଳ୍ପରେ ମଧ୍ୟ ଆରତୀ ଆଦର୍ଶ ବୋହୂଟିଏ ହେବାପାଇଁ ନିଜର ସମସ୍ତ ଇଚ୍ଛାକୁ ବଳି ପକେଇଛନ୍ତି । ମନରେ ଆନ୍ତରିକତା ନଥିବା ସତ୍ତ୍ୱେ ଶାଶୁଙ୍କ ହୁକୁମ୍ ଅନୁସାରେ ଠାକୁର ଘରେ ଦୁଇ-ତିନି ଘଣ୍ଟା ଧରି ପୂଜା କରନ୍ତି । ପିଲାମାନଙ୍କର ସୁବିଧା-ଅସୁବିଧା କଥା ବୁଝିପାରନ୍ତି ନାହିଁ, କାରଣ ଠାକୁରଙ୍କର ପୂଜା ଅର୍ଚ୍ଚନାରେ ତାଙ୍କର ଅଧାଅଧିକ ସମୟ ଚାଲିଯାଏ । ଏ କଥା ପାଟି ଖୋଲି କେବେ କହିପାରନ୍ତି ନାହିଁ ଶାଶୁଙ୍କୁ । ଗୋଟେ ଭଲ ବୋହୂଟିଏ ହେବାର ନ୍ୟାୟରେ ଚୁପ୍ ରହିଛନ୍ତି ।

ଅର୍ଚ୍ଚନା ନାୟକଙ୍କ ନାରୀମାନେ ଯେ କେବଳ ଆଦର୍ଶ ବୋହୂ, ପତ୍ନୀ, ମା ଭିତରେ ଯେ ସୀମିତ ରହି ନାହାନ୍ତି, ସମସ୍ତେ ସାମାଜିକ କର୍ତ୍ତବ୍ୟ ନିର୍ବାହ କରିଛନ୍ତି । 'ଭାଗ୍ୟରେଖା' ଗଳ୍ପର (ନକ୍ଷତ୍ରର ଭାଷା) ନାୟିକା ଏହି ଆସନର ଅଧିକାରିଣୀ । କିଡ଼ନି ଅପରେସନ୍ ପାଇଁ ଅପେକ୍ଷା କରିଥିବା ରୁମ୍‌ରେ ନିତେଶ୍ ସହ ଦେଖାହୁଏ । ସାମାନ୍ୟ କଥାବାର୍ତ୍ତାରୁ ସେମାନଙ୍କ ଭିତରେ ଗୋଟେ ସମ୍ପର୍କ ଗଢ଼ିଉଠେ । ନିତେଶ୍‌ର ଗୋଟେ କିଡ୍‌ନୀ ଥିବା ହେତୁ ତାକୁ ବହୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରିବା ପଡୁଥିବାରୁ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ସେ ପୁଣିଥରେ ଅପରେସନ୍ ପାଇଁ ଆସିଛି । ନିତେଶ୍ ଅଧିକ ବିଚଳିତ ହେବାର କାରଣ ତାର ନବ ବିବାହିତା ପତ୍ନୀ । ଏହା ଜାଣି ନାୟିକା ଜଣକ ତାର ମନୋବଳ ବଢ଼େଇବା ପାଇଁ ହସ୍ତରେଖା ବିଦ୍ୟା ନଜାଣି ମଧ୍ୟ ତା ହାତରେଖା ଦେଖି କହିଛନ୍ତି; ତୁମ ଭାଗ୍ୟରେଖା ଖୁବ୍ ଉଜ୍ଜ୍ୱଳ । ବହୁତ ଧନ ଉପାର୍ଜନ କରିବ ନ ବଞ୍ଚିଲେ ଏସବୁ ସମ୍ଭବ କେମିତି ହେବ, ତମେ ବଞ୍ଚିବ ନିଶ୍ଚୟ । ଦୀର୍ଘ ଚାରିବର୍ଷ ପରେ ପୁଣିଥରେ ନାୟିକାଙ୍କ ସହ ଭେଟ ହୁଏ । ତାର ପାଦ ଛୁଇଁ ପ୍ରଣାମ କରେ ଏବଂ ସେଦିନର ଘଟଣା ତାକୁ ନୂତନ ଜୀବନ ଦେଇଥିବା ହେତୁ ନାୟିକାଙ୍କୁ ଦେବୀ ତୁଲ୍ୟ ମନେ କରେ । 'ରାଗ ଚନ୍ଦ୍ରିକା' ଗଳ୍ପର 'ମାନସୀ', 'ନାୟିକାର ଚିତ୍ର' ଗଳ୍ପରେ 'ତନ୍ଦ୍ରା' ଏହି ଧାରାର ଗୋଟିଏ ଗୋଟିଏ ଉଦାହରଣ ।

ଅଶୀ ପରବର୍ତ୍ତୀ ସମୟରେ ନାରୀମାନେ ଅଧିକରୁ ଅଧିକ ଶିକ୍ଷିତ ହୋଇଛନ୍ତି । ଫଳରେ ନାରୀର ସର୍ବାଙ୍ଗୀନ ଉନ୍ନତି ଘଟିଛି । ନିଜ ଅଧିକାରକୁ ସାବ୍ୟସ୍ତ କରିବାର ଦୃଢ଼ ମନୋଭାବ ତା'ଭିତରେ ଦେଖାଦେଇଛି । ସବୁଠାରୁ ବଡ଼ କଥା ହେଲା ଏହି ସମୟରେ ସେ ଆତ୍ମନିର୍ଭରଶୀଳ ହୋଇପାରିଛି । ପୁରୁଷ ସହ ସମାନ ଅଧିକାର ଦାବି କରୁଥିବା ନାରୀ ପୁରୁଷ ଉପରେ ଆଉ ନିର୍ଭରଶୀଳା ହୋଇ ବଞ୍ଚିବାକୁ ଚାହୁଁନାହିଁ । ଧୀରେ ଧୀରେ ସେ ବନ୍ଧନୀରୁ ନିଜକୁ ମୁକ୍ତ କରିବାରେ ଲାଗିଛି । ଅର୍ଚ୍ଚନା ନାୟକଙ୍କ ଗଳ୍ପରେ ଅଧିକାଂଶ ନାରୀ ଆତ୍ମନିର୍ଭରଶୀଳା । ସାମାଜିକ ଓ ଆର୍ଥିକ ଦିଗରେ ସେମାନେ ପୁରୁଷ ସହ ସମକକ୍ଷ । ପୁରୁଷ ପରି ସେ ମଧ୍ୟ ପାରିବାରିକ, ସାମାଜିକ, ବୃତ୍ତିଗତ ଜୀବନକୁ ସମାନ ଭାବରେ ତୁଲେଇବାର ନମୁନା ଦେଖିବାକୁ ମିଳେ । 'ଶାପମୁକ୍ତି' (ନକ୍ଷତ୍ରର ଭାଷା) ଗଳ୍ପର ନାୟିକା ଏହାର ଏକ ବଳିଷ୍ଠ ଉଦାହରଣ । ଅଧ୍ୟାପିକା ଜଣକ ବ୍ରହ୍ମପୁର କଲେଜକୁ ବଦଳି ହେବା, ନିଜ ରହିବା ନିମନ୍ତେ ଘର ଖୋଜିବା, ତା'ଭିତରେ ବାପାଙ୍କର ଅସୁସ୍ଥତାର ଖବର ପାଇବା, ବାପାଙ୍କ ସେବା-ଶୁଶ୍ରୂଷା ପାଇଁ କଲେଜରେ ପନ୍ଦରଦିନ ଛୁଟି ନିମନ୍ତେ ଆବେଦନ କରିବା, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଆସୁଥିବା ହେତୁ ଛୁଟି ମଞ୍ଜୁର ନହେବା, ଇଚ୍ଛା ନଥିବା ସତ୍ତ୍ୱେ କଲେଜରେ କାମ କରିବା ଆଦି ଘଟଣା ମାଧ୍ୟମରେ ବୃତ୍ତିଗତ ଓ ପାରିବାରିକ ଜୀବନ ଭିତରେ ସେ ଯେମିତି ସମାନତା ରଖି ପାରିଛନ୍ତି; ସେମିତି ସାମାଜିକ ଦାୟିତ୍ୱ ବି ତୁଲାଇଛନ୍ତି । ତାଙ୍କ ଘରର ପଛପଟେ ମଫସଲରୁ ଆସି ଚାରିପାଞ୍ଚଦିନ ରହିଥିବା ବତାସୀ ପ୍ରଧାନ ସେ ଜଣେ ଅଧ୍ୟାପିକା ଜାଣିପାରି ଭାଗବତ ପଢ଼ିବା ପାଇଁ ତାଙ୍କୁ ବହି ମାଗିଛି । କାରଣ ତା ସ୍ତ୍ରୀର ସାତଥର ଛୁଆ ଜନ୍ମ ହୋଇ ମରିଯାଇଛନ୍ତି । ଏଇଟା ତା'ର ଅଷ୍ଟମ ଗର୍ଭ; ଭାଗବତର ପ୍ରଭାବରେ ଛୁଆଟା କାଳେ ବଞ୍ଚିଯିବ ଏଇ ବିଶ୍ୱାସ ନେଇ ସେ ବହି ମାଗିଛି । ଏକଥା ଶୁଣି ନିଜ ପାଖରେ ବହି ନଥିଲେ ମଧ୍ୟ ଅଧ୍ୟାପିକା ଲାଇବ୍ରେରୀରୁ ଭାଗବତର ପୁରା ସେଟ୍‌ଟା ଆଣି ସେମାନଙ୍କୁ ଦେଇଛନ୍ତି । ଚିହ୍ନା-ଜଣା ନଥାଇ ମଧ୍ୟ ସେମାନଙ୍କ ଅସହାୟତାକୁ ବୁଝି ସାହାଯ୍ୟ କରିବା ତାଙ୍କର ସାମାଜିକ ପ୍ରତିବଦ୍ଧତାକୁ ବୁଝାଉଛି । ନାରୀ ପୁରୁଷ ଉପରେ ନିର୍ଭର ନକରି ଯେତେବେଳେ ଆତ୍ମନିର୍ଭରଶୀଳ ହେବାପାଇଁ ଚାହେଁ ସେତେବେଳେ ବହୁ ସାମାଜିକ ସମସ୍ୟା ଦେଇ ଗତି କରିବାକୁ ପଡ଼େ । ସମସ୍ୟାର ଭୟରେ ନ ଅଟକି ତା'ର ସମାଧାନ କରି ସେ ଯଦି ଆଗକୁ ବଢ଼େ; ତେବେ ବିଜୟିନୀ ହୁଏ । 'ଧାରା' ଗଳ୍ପର ଅରୁଣା ଜଣେ ଅଧ୍ୟାପିକା । ବି.ଏ. ଓଡ଼ିଆ କ୍ଲାସରେ ଦୀନକୃଷ୍ଣଙ୍କ ଗ୍ରୀଷ୍ମ ବର୍ଣ୍ଣନା ପଢ଼ାଉଥିବା ସମୟରେ ଗୋଟେ ଛାତ୍ର ଆଉଟ୍‌ଡ଼େଟେଡ୍ ପାଠଗୁଡ଼ା କାହିଁକି ପଢ଼ା ହେଉଛି କହି ଯୁକ୍ତି କରିବା, ଯେତେ ବୁଝେଇଲେ ବି ନ ବୁଝି ଗୋଟେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା, ଏପରିକି ଅରୁଣାଙ୍କୁ କ୍ଲାସରୁ ବାହାରିଯିବା

ପାଇଁ କହିବା, କ୍ଲାସରେ ଶାନ୍ତି ଫେରେଇ ଆଣିବା ପାଇଁ ତା ଗାଲରେ କଷିକି ଚଟକଣାଟାଏ ଦେଲେ ଅରୁଣା । ଦୀର୍ଘ ଚାକିରୀ ଜୀବନରେ ଏଭଳି ପ୍ରଥମ ଘଟଣା ତାଙ୍କ ମନକୁ ଆଘାତ ଦେଇଥିଲା । ତେଣୁ ପିଲାମାନଙ୍କ ଉପରେ ନୈତିକ ପ୍ରଭାବ ପକାଇବା ପାଇଁ ଇସ୍ତଫା ଦେବା କଥା ଚିନ୍ତା କରନ୍ତି । କିନ୍ତୁ ସ୍ୱାମୀଙ୍କ ଉପଦେଶକ୍ରମେ କୌଣସି କଥାରେ ଭୟନକରି ପୁଣିଥରେ କଲେଜ ବାହାରିଛନ୍ତି ଏକ ପରିବର୍ତ୍ତନର ମନ ନେଇ । କାରଣ କିଛି ପରିବର୍ତ୍ତନ କରିବାକୁ ହେଲେ ସେ ଧାରାରେ ଅବ୍ୟାହତ ରହି କରିବାକୁ ହୁଏ, ସେଠୁ ବାହାରି ନୁହେଁ ।

'ରତୁ ଶେଷ' (କେତେ ଦୃଶ୍ୟ) ଗଳ୍ପରେ ସୋନାଲି ଜଣେ ଅଧ୍ୟାପିକା । କଲେଜର ଛାତ୍ରୀମାନଙ୍କୁ ନେଇ ସେ ଅଲଇଣ୍ଡିଆ କ୍ୟାମ୍ପରେ ଯୋଗ ଦେବା ପାଇଁ ଯାଉଛନ୍ତି । ଷ୍ଟେସନରେ କ୍ଲାସ୍‌ମେଟ ସରୋଜ ସହ ହଠାତ୍ ଦେଖାହୁଏ । ସରୋଜ ତାଙ୍କର ଏକ ତରଫା ପ୍ରେମ କଥା ମନେ ପକାଇ ଦିଅନ୍ତି । ସୋନାଲିଙ୍କୁ ନ ପାଇବାର ଅବସୋସ୍ ଏପର୍ଯ୍ୟନ୍ତ ତାଙ୍କ ମନରେ ଅଛି । ଅଥଚ ଗୋଟେ ଖିଆଲପଣରେ ସେ ବିବାହ କରିନାହାନ୍ତି । ସେଥିପାଇଁ ତାଙ୍କ ମନରେ ଟିକେ ବି ଦୁଃଖ ନାହିଁ ବରଂ ସେ ଅଧ୍ୟାପନା ଜୀବନରେ ସେ ବେଶ୍ ଖୁସି ।

ତେଲ-ଲୁଣର ସଂସାର ଭିତରୁ ବାହାରି ନାରୀଟିଏ ଯେତେବେଳେ ବୃତ୍ତିଗତ ଜୀବନରେ ପାଦଥାପେ, ଆତ୍ମନିର୍ଭରଶୀଳ ହୁଏ, ସେତେବେଳେ ସମାଜ ସହ ସେ ଯୋଡ଼ି ହୋଇଯାଏ । 'ନିଃଶବ୍ଦ ଆର୍ତ୍ତନାଦ' (ଭୁଲ ଠିକଣାର ଚିଠି) ଗଳ୍ପ ସୁନୀତି କଲେଜରୁ ଘରକୁ ଫେରିବା ବାଟରେ କିଛିଲୋକ ଜମାହୋଇଥିବା ଦେଖି ଅଟକିଛନ୍ତି । ପିଲାଟି ବେହୋସ୍ ହୋଇ ପଡ଼ିଥିବାର ଦୃଶ୍ୟ ଲୋକ କେବଳ ଠିଆହୋଇ ଦେଖୁଛନ୍ତି । ଧୂଳିଧୂସର ହୋଇ ପଡିଥିବା ପିଲାଟିକୁ ନିଜ କୋଳରେ ଶୁଆଇ ଘରକୁ ଆଣିବା, ଡ଼ାକ୍ତର ଆଣି ତା'ର ଚିକିତ୍ସା କରେଇବା ତାଙ୍କର ମଣିଷ ପଣିଆ; ଯାହା ସେଠାରେ ଠିଆ ହୋଇ ତାମ୍‌ସା ଦେଖୁଥିବା ଲୋକଙ୍କ ପାଖରେ ନଥିଲା । ଘରେ କିଛି ଦିନ ରହିବା ପରେ ଜଣାପଡ଼େ ସେ ଗୋଟେ ମାନସିକ ବିକାର ଗ୍ରସ୍ତ ପିଲା । ଘରର ସମସ୍ତ ଆସବାବପତ୍ର ଭାଙ୍ଗେ । ଘରେ ତା'ର ଉପସ୍ଥିତି ଆଉ ସହ୍ୟ କରିହୁଏନି । ଇଚ୍ଛାନଥିଲେ ବି ପରିବାର ପାଇଁ ତାକୁ ନେଇ ମାନସିକ ଚିକିତ୍ସାଳୟରେ ଛାଡିବାକୁ ପଡ଼େ ସୁନୀତି ଦେବୀଙ୍କୁ । ଏଇ କିଛିଦିନ ଭିତରେ ପିଲାଟି ସହ ତାଙ୍କର ଆତ୍ମୀୟତା ଏତେ ବେଶୀ ବଢ଼ିଯାଇଥିଲା ଯେ, ନିଜ ଛୁଆଠାରୁ ସେ ଯେମିତି ଦୂରେଇ ଯାଉଛନ୍ତି ତାହା ଅନୁଭବ କରୁଥିଲେ । ସମାଜର ହିତ ସାଧନାରେ ନାରୀ ମଧ୍ୟ ଭାଗିଦାରୀ । ତାହା ସୁନୀତିଙ୍କ ମାଧ୍ୟମରେ ଗାଳ୍ପିକା ସମାଜକୁ ଉଦ୍‌ବୋଧନୀ ଦେଇଛନ୍ତି ।

ଆଧୁନିକ ଜୀବନ ଜଟିଳ ଓ ବହୁ ସମସ୍ୟା ବହୁଳ । ବିଜ୍ଞାନର ଯେତେ ଯେତେ ଅଗ୍ରଗତି ହେବାରେ ଲାଗିଛି ମଣିଷ ନିଜକୁ ସେତେସେତେ ନିଃସଙ୍ଗ ମନେକରୁଛି । ମଣିଷ ଜୀବନଠାରୁ ସବୁ ଆକର୍ଷଣ ଧୀରେ ଧୀରେ ହରାଇ ଚାଲିଛି । ଜୀବନର ବିଭିନ୍ନ ଜଟିଳତା ସହିତ ଅନୁଭୂତି ମଧ୍ୟ ତିକ୍ତ ହୋଇପଡ଼ିଛି । ବ୍ୟକ୍ତିର ସଂପର୍କ ସମାଜଠାରୁ ଧୀରେ ଧୀରେ ବିଚ୍ଛିନ୍ନ ହୋଇ ନିଜ ଭିତରେ ସୀମିତ ହୋଇଆସୁଛି । ଜୀବନର ଏହି କ୍ଲାନ୍ତି, ନିଃସଙ୍ଗତା, ନିଃସହାୟତା ପ୍ରତି ସଚେତନତା ପ୍ରଭୃତି ସାଂପ୍ରତିକ ଗାଳ୍ପିକମାନଙ୍କୁ ପ୍ରଭାବିତ କରିଛି । ଅର୍ଚ୍ଚନା ନାୟକଙ୍କ 'ଉଦାସ-ଗୋଧୂଳି' ଗଳ୍ପର ମାଧୁରୀ ଗୋଟେ ଅଭାବୀ ପରିବାରର ଝିଅ । ଦେଖିବାକୁ ଖୁବ୍ ଅସୁନ୍ଦରୀ । ତା ଚିନ୍ତାରେ ମା'ଚାଲିଯାଆନ୍ତି ଆରପାରିକୁ । ଭାଇ-ଭାଉଜଙ୍କର ନିନ୍ଦା ଅପବାଦ ସହି ସହି ଥକି ପଡ଼େ ମାଧୁରୀ । ଶେଷରେ ତାଙ୍କ ସାହିରେ କର୍ମଜୀବୀ ମହିଳା ନିବାସ ଅଫିସର ପିଅନ ଚାକିରୀଟିଏ ପାଏ । କଠୋର ସଂଘର୍ଷ ଭିତରେ ବହୁଦିନ ସାଇତା ସ୍ୱପ୍ନ ଦିନେ ସାକାର ହୋଇଉଠେ । ଯେଉଁଦିନ ସହକର୍ମୀ ରମାନାଥ ତାକୁ ବିବାହର ପ୍ରସ୍ତାବ ଦିଏ, ଯୌବନ ଅତିକ୍ରାନ୍ତ ମାଧୁରୀ ସେଦିନ ଚଳଚଞ୍ଚଳ ହୋଇଉଠେ । ତା'ଭାଗ୍ୟରେ ସେ ଖୁସି ବେଶୀ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରିନି । ଘରକୁ ଆସି ଖୁସି ଖବର ଦେବା ବଦଳରେ ଭାଇଙ୍କ ଚାକିରୀ ଚାଲିଯିବା ଖବର ଶୁଣିଛି । ଘରର ସମସ୍ତ ଦାୟିତ୍ୱ ତା'ଉପରେ ଲଦି ଭାଉଜ ଯେତେବେଳେ ତାକୁ ଧରି କାନ୍ଦିବାକୁ ଲାଗିଲେ ସେତେବେଳେ ତାର ଦୀର୍ଘ ଦିନର ସ୍ୱପ୍ନ ପାଣି ଫୁଟୁକା ପରି ମିଳେଇଗଲା । ଜୀବନ ପୁଣି ତାକୁ ସେହି ସଂଘର୍ଷ ଭିତରକୁ ଠେଲି ଦେଲା, ଯେଉଁଠି ସ୍ୱପ୍ନ ଦେଖିବା ମନା । ଦୀର୍ଘଦିନ ଧରି ଅସହାୟ ଜୀବନ ବିତଉଥିବା ମାଧୁରୀ ପୁଣିଥରେ ଏକା ହୋଇଗଲା । ଏଠାରେ ଅଭାବ, ଅନଟନ, ଦରିଦ୍ରତା ନାରୀର ବାଧକ ସାଜିଛି ତା'ର ସ୍ୱପ୍ନ ଦେଖିବାର ଅଧିକାରକୁ ଛଡ଼େଇ ନେଇଛି ।

କେବଳ ସମଗ୍ର ଜୀବନ ନୁହେଁ ଗୋଟିଏ ମୁହୂର୍ତ୍ତ ଯଥେଷ୍ଟ ନିଃସହାୟତାକୁ ଭୋଗିବା ପାଇଁ । 'ଅପରିଚିତ' (ଭୁଲ ଠିକଣାର ଚିଠି) ଗଳ୍ପରେ ନୀଳିମା କିଛି ମୁହୂର୍ତ୍ତ ପାଇଁ ନିଜକୁ ଚିହ୍ନିପାରିନଥିଲା, ନିଜ ଅସହାୟତାବୋଧକୁ ନିଜ ପାଖରେ ଲୁଚେଇବାକୁ ଚେଷ୍ଟା କରୁଥିଲା । ପୂର୍ବଦିନର ଯୋଜନା ମୁତାବକ ଦୀର୍ଘଦିନ ପରେ ଅବିନାଶ ଓ ନୀଳିମାର ଦେଖା ହେବାର ଥିଲା । ନିର୍ଦ୍ଧାରିତ ସମୟରେ ନୀଳିମା ଆସି ଅପେକ୍ଷା କରେ ରେଷ୍ଟୁରାଣ୍ଟରେ । ପ୍ରାୟ ଦେଢ଼ ଘଣ୍ଟା ଅପେକ୍ଷା ପରେ ଆସନ୍ତି ଅବିନାଶ । ନୀଳିମା ବସିଥିବା ଟେବୁଲ ନିକଟକୁ ଡ଼େରିରେ ଆସିଥିବାହେତୁ ଦୁଃଖପ୍ରକାଶ କରନ୍ତି ଏବଂ ଜରୁରୀ କାମ ଥିବା ହେତୁ ସଙ୍ଗେ ସଙ୍ଗେ ଚାଲିଯାଆନ୍ତି । ଠିକ୍ ସେହି ସମୟରେ ହିଁ ହୋଟେଲ ବୟଟି କଫି ଓ ପକୋଡ଼ା ଆଣିବା ଓ

ନୀଳିମାଙ୍କ ଅନୁରୋଧ ସତ୍ତ୍ୱେ ବି ଅବିନାଶଙ୍କ ଚାଲିଯିବା ତାଙ୍କ ପାଇଁ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଲଜ୍ଜା ଓ ଅପମାନର ନିଳୀମାର ଅନ୍ତରାତ୍ମାରୁ ଉଠିଆସୁଥିଲା କୋହ । କଫିଟି ପିଇଦେଇ ଯିବା ପାଇଁ ଅବିନାଶଙ୍କୁ ଅନୁରୋଧ କରୁଥିବା ସ୍ୱରଟି ତାଙ୍କ କାନକୁ ଗୋଟେ ଉପଯାଚିକାର ବ୍ୟାକୁଳ ମୀନତି ପରି ଶୁଣାଯାଉଥିଲା । 'ସ୍ୱପ୍ନସୁରଭି' (ନକ୍ଷତ୍ରର ଭାଷା) ଗଳ୍ପରେ ଶୁଭାଙ୍ଗିନୀର ଫୁଲଗଛଟେ ଲଗେଇବାର ସ୍ୱାଧୀନତା ଟିକକ ପାଇନାହାନ୍ତି । ଛୋଟବେଲୁ ତାଙ୍କର ବଗିଚା ପ୍ରତି ଗୋଟେ ସଉକଥାଏ । ବାହାହେଲା ପରେ ଚକ୍ରଧରଙ୍କ ସହ ସରକାରୀ କ୍ୱାର୍ଟରରେ ଜାକିଜୁକି ହୋଇ ତାଙ୍କୁ ରହିବାକୁ ପଡ଼ିଲା ସେଇଠି ବଗିଚାର ପ୍ରଶ୍ନ ନାହିଁ । ଚକ୍ରଧର ଯେତେବେଳେ ରାଜପ୍ରସାଦ ପରି ଘରଟିଏ ତିଆରି କଲେ ବଗିଚା କରିବା ପାଇଁ ଚେନାଏ ମାଟି ନଥିବାରୁ ଦୁଃଖରେ ମ୍ରିୟମାଣ ହେଲେ ଶୁଭାଙ୍ଗୀ । ଶେଷରେ ଗୋଟେ ସୁନ୍ଦର ବଗିଚାଟେ ତିଆରି କଲେ ଛାତ ଉପରେ । ତାଙ୍କ ହାତ ତିଆରି ବଗିଚାଟିକୁ ଦେଖେଇବା ପାଇଁ ସ୍ୱାମୀଙ୍କୁ ଛାତ ଉପରକୁ ନେଲେ । ବଗିଚାଟିକୁ ଦେଖିବା ମାତ୍ରେ ଚକ୍ରଧର ପ୍ରଚଣ୍ଡ କ୍ରୋଧରେ ତାଙ୍କୁ ଅପମାନିତ କରିବାକୁ ଲାଗିଲେ । ସକାଳ ନ ହେଉଣୁ କୁଣ୍ଡ ଗୁଡ଼ିକ ଉପରକୁ ଯେମିତି ଯାଇଥିଲା ସେମିତି ଗୋଟି ଗୋଟି କରି ତଳକୁ ବୁହାହେଲା । ସ୍ୱାମୀଙ୍କର ମାଲିକାନା ପଣଭିତରେ ଏଇ ଟିକକ ଇଚ୍ଛା ବଳି ପଡ଼ିଗଲା ଶୁଭାଙ୍ଗୀଙ୍କର । ଲେଖିକାଙ୍କ ଭାଷାରେ, "ସେ ହଠାତ୍ କେମିତି ଏତେ ଏକୁଟିଆ ହୋଇଗଲେ ସେ କଥା ସେ ବୁଝିପାରୁ ନଥିଲେ । ସେଇ ଦୁଇ ବଖରାର ସରକାରୀ ଘର ପାଖରେ ତାଙ୍କରି ପରି ଆହୁରି କେତେଜଣ ମ୍ନ ରହୁଥିଲେ । କାହା ସହିତ ଦୁଇପଦ କଥା ତ ସେ ହେଇପାରୁଥିଲେ । ଏବେ ତାଙ୍କର କେହି ସାଙ୍ଗ ନାହିଁ, କଥା ନାହିଁ କି ମନରେ କିଛି ସ୍ୱପ୍ନ ବି ନାହିଁ । କେହି କୁଆଡ଼େ ନାହିଁ । ସେ ଯେମିତି ଏକା ଇଟା ସିମେଣ୍ଟର ଦୁର୍ଗ ଭିତରେ ଛଟପଟ ହେଉଥିବା ବନ୍ଦୀଟିଏ ।" (ପୃଷ୍ଠା-୪୮, ନକ୍ଷତ୍ରର ଭାଷା)

ଏହି ଧାରାର ଅନ୍ୟଗୋଟେ ଚରିତ୍ର ହେଉଛି 'ଅଭିନୟ' (କୁହୁଡ଼ି ପକ୍ଷୀ ଓ ସ୍ୱପ୍ନ ଗୋଧୂଳି) ଗଳ୍ପର ନନ୍ଦିତା । ସେ ଅନିନ୍ଦ୍ୟ ସୁନ୍ଦରୀ । ସ୍ୱର୍ଗର ଅପ୍ସରାମାନେ ବି ତା ସୌନ୍ଦର୍ଯ୍ୟ ଆଗରେ ଫିକା ପଡ଼ିଯିବେ । ସୁଦେଶ କେବଳ ତା ସୌନ୍ଦର୍ଯ୍ୟ ଦେଖି ବିବାହ କରିଛି । ବିବାହପରେ ତାର ସବୁ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ସ୍ୱାମୀ, ଶ୍ୱଶୁର ତାକୁ ନାଚିବାକୁ ଅନୁମତି ଦେଇନାହାନ୍ତି । ନନ୍ଦିତା ଜଣେ ଆନ୍ତର୍ଜାତିକ ସ୍ତରର ନର୍ତ୍ତକୀ ହେଲେ ମଧ ଏ ସମସ୍ତ ଘଟଣା ବିରୁଦ୍ଧରେ ମୁହଁ ଖୋଲିପାରିନି; ବରଂ ଗୋଟେ ଜିଅନ୍ତା ଶବ ପାଲଟିଯାଇଛି । ମାଧୁରୀ, ନୀଳିମା, ଶୁଭାଙ୍ଗିନୀ, ନନ୍ଦିତା ପରି ଅନେକ ନାରୀ ଆଜି ବି ଅହରହ ଅସହାୟ ଭିତରେ ପେଶି ହୋଇଯାଉଛନ୍ତି । ଏଥିପାଇଁ ଦାୟୀ ଆମ ପରିବାର, ସମାଜ ଆଉ ପୁରୁଷର ମାଲିକାନା ପଣ ।

ଅର୍ଚ୍ଚନା ନାୟକଙ୍କ 'ପ୍ରତ୍ୟୟର ପରିଧି' ଗଳ୍ପରେ ବିବାହର ପନ୍ଦର ବର୍ଷ ପରେ ସୁରଭି ଏ ବେନାମ ଚିଠି ପାଇଁ ସ୍ୱାମୀ ପ୍ରଭାତଙ୍କ ନିନ୍ଦା, ଅପମାନ, ଭର୍ତ୍ସନାକୁ ସାମ୍ନା କରିଛନ୍ତି । ଏ ସବୁର କାରଣ ହେଉଛି ପ୍ରେମିକ ବିକାଶ ସହ ତାଙ୍କ ସଂପର୍କ । ବିବାହ ପୂର୍ବରୁ ସେମାନେ ପରସ୍ପରକୁ ଭଲ ପାଉଥିଲେ କିଛି ସମସ୍ୟା ପାଇଁ ସେମାନଙ୍କର ବିବାହ ହୋଇପାରି ନଥିଲା । ଖୁବ୍ ସୁନ୍ଦର ଓ ସୁରକ୍ଷିତ ଦାମ୍ପତ୍ୟ ଜୀବନ ଭିତରେ ଏମିତି ଏକ ଝଡ଼ ଆସିବ ବୋଲି କଳ୍ପନା କରିନଥିଲେ । ତେବେ ସ୍ୱାମୀଙ୍କର ସମସ୍ତ ସନ୍ଦେହାତ୍ମକ ପ୍ରଶ୍ନର ସହଜ ଉତ୍ତରଟିଏ ଦେଇଥିଲେ, ଲେଖିକାଙ୍କ ଭାଷାରେ, "ନାଁ । ମୁଁ ତାଙ୍କୁ ଭୁଲିନି ବା ଭୁଲିବାକୁ ଚେଷ୍ଟା ବି କରିନି, କିନ୍ତୁ ତାଙ୍କୁ ମୁଁ ଯେପରି ଭାବରେ ମୋ ମନରେ ରଖିଛି ସେଥିରେ କୌଣସି ଦିଗରୁ କାହାର କିଛି କ୍ଷତି ହେବାର ନାହିଁ ।"

(ପୃ. ୭୪, ଭୁଲ ଠିକଣାର ଚିଠି)

ଘରର ଚାରିକାନ୍ଥ ଭିତରେ ନାରୀଟି ଆଦର୍ଶ ବୋହୂ, ପତ୍ନୀ, ମାଆ ଭାବରେ ଜୀବନ ଅତିବାହିତ କରୁଥିବା ସମୟରେ ମୁକ୍ତିର ଅପେକ୍ଷା ରଖେ । ପତିବ୍ରତା ନାରୀଟିଏ ପରି ସମସ୍ତଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରେ । ଘରର ଯାବତୀୟ କାମ କରିବା ଭିତରେ ନିଜର ଅବହେଳା କରି ଅନ୍ୟମାନଙ୍କୁ ଖୁସି ଦେବାକୁ ଚେଷ୍ଟା କରୁଥାଏ । ସରୋଜିନୀ ସାହୁଙ୍କ 'ପତଙ୍ଗ' ଗଳ୍ପର ମିତା ସ୍ୱାମୀ ଜନାର୍ଦ୍ଦନ ଠାରୁ ସ୍ତ୍ରୀର ଅଧିକାର ନ ପାଇ ମ୍ନ ସଞ୍ଜ ସକାଳେ ଦୀପ ଜାଳି ସ୍ୱାମୀର ଶୁଭ ମନାସୁଥାଏ । 'ରାହୁ' ଗଳ୍ପରେ ପ୍ରତାପ ବାବୁଙ୍କ ବୋହୂଟି ଘରର ସମସ୍ତ କାମ କରିବା ସହ ସମସ୍ତଙ୍କ ମନ ନେଇ ଚଳେ । ରୋଗିଣା ଶ୍ୱଶୁରର ଚିଡ଼ିଚିଡ଼ା ସ୍ୱଭାବ, ଶାଶୁର ଗାଳିମନ୍ଦ, ମଦ୍ୟପ ସ୍ୱାମୀର ଦୌରାତ୍ମ୍ୟକୁ ସହିଛି ଚାବିଦିଆ କଣ୍ଢେଇଟିଏ ପରି । ସେ ଘରେ ତାକୁ କେହି ମଣିଷର ଦର୍ଜା ଦେଇନାହାନ୍ତି । ଦଶବର୍ଷ ହୋଇଗଲାଣି ବୋହୂ ହୋଇ ସେ ଘରକୁ ଆସିବାର, ତଥାପି ଆଦର୍ଶନାରୀ ଭାବରେ ସମସ୍ତ ଯନ୍ତ୍ରଣା ସହିଯାଇଛି । 'ପାଦୁକା' ଗଳ୍ପର ସୁମିତ୍ରା ମଧ ଜଣେ ଆଦର୍ଶ ବୋହୂ । ଠାକୁର ଘରେ ଶାଶୁଙ୍କର ଚପଲ ରଖି ପୂଜା ଚନ୍ଦନ ଦେଇ ପୂଜା କରିବା ଘଟଣାଟି ଅବିଶ୍ୱସନୀୟ । ବୋହୂଟିର ଶାଶୁ ପ୍ରତି ଏପରି ଶ୍ରଦ୍ଧା, ଭଲପାଇବା ଓ ସମ୍ମାନବୋଧ ଆଜିକା ବୋହୂମାନଙ୍କ ନିକଟରେ ଦେଖିବାକୁ ମିଳେନାହିଁ । 'ଅନୁଚ୍ଚାରିତ' ଗଳ୍ପର ସୁଜତା ଆଦର୍ଶ ବୋହୂଟିଏ ହେବା ପାଇଁ ଅନେକ କଷ୍ଟ ସହ୍ୟ କରିଛନ୍ତି । ଶ୍ୱଶୁରଙ୍କ ଅନିଚ୍ଛା ସତ୍ତ୍ୱେ ସେ ଏହି ଘରର ବୋହୂ ହୋଇଥିବା ହେତୁ ସବୁବେଳେ ତାଙ୍କ ଠାରୁ ଭର୍ତ୍ସନା ସହିବାକୁ ପଡୁଥାଏ । ତଥାପି ଶ୍ୱଶୁରଙ୍କ ସେବା ଯତ୍ନରେ ସେ କେବେହେଲେ ଅବହେଳା କରିନି ।

୧୯୮୦ ମସିହାର ଶେଷ ବେଳକୁ ଗଳ୍ପରେ ନାରୀ ଚେତନାର ନୂତନ ଅଭିଯାତ୍ରା ଆରମ୍ଭ ହୋଇଛି । ପାରମ୍ପରିକତା ଓ ରକ୍ଷଣଶୀଳତାରୁ ମୁକ୍ତ ହୋଇ ନାରୀଜାତି ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି । ଅର୍ଚ୍ଚନା ନାୟକଙ୍କ 'ଶାପମୁକ୍ତି' ଗଳ୍ପର ନାୟିକା ଜଣେ ଅଧ୍ୟାପିକା । ସେ ବୃତ୍ତିଗତ ଓ ପାରିବାରିକ ଜୀବନ ଭିତରେ ସମତା ରଖିବା ସହ ସାମାଜିକ ଦାୟିତ୍ୱ ବି ତୁଲାଇଛନ୍ତି । ତାଙ୍କ ଘର ପଛପଟେ ମଫସଲରୁ ଆସି ଚାରି-ପାଞ୍ଚଦିନ ରହିଥିବା ବତାସୀ ପ୍ରଧାନଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି । ବତାସୀ ତା ସ୍ତ୍ରୀର ଡେଲିଭରି ପାଇଁ ମଫସଲରୁ ସହରକୁ ଆସିଛି । ତା' ସ୍ତ୍ରୀର ସାତଥର ଛୁଆ ଜନ୍ମ ହୋଇ ମରି ଯାଇଛନ୍ତି । ଏଇଟା ଅଷ୍ଟମ ଗର୍ଭ । ଭାବଗତର ପ୍ରଭାବରେ ଯଦି ଛୁଆଟା ବଞ୍ଚିଯିବାର ବିଶ୍ୱାସରେ ସେ ପଡ଼ୋଶିନୀ ଅଧ୍ୟାପିକାଙ୍କୁ ଭାଗବତ ବହି ପଢ଼ିବା ପାଇଁ ମାଗିଛି । ନୂଆକରି କଲେଜରେ ଯୋଗ ଦେଇଥିଲେ ମଧ୍ୟ ସେମାନଙ୍କ – ଅସହାୟତାକୁ ହୃଦୟଙ୍ଗମ କରି ଲାଇବ୍ରେରୀରୁ ଭାଗବତର ପୁରା ସେଟ୍ ଆଣି ଦେଇଛନ୍ତି । ଚିହ୍ନା-ଜଣା ନଥାଇ ସୁଦ୍ଧା ସେମାନଙ୍କୁ ସାହାଯ୍ୟ କରିବା ତାଙ୍କର ସାମାଜିକ ପ୍ରତିବଦ୍ଧତାକୁ ବୁଝାଉଛି ।

ଗାଳ୍ପିକାଙ୍କ 'ମିଛ ସାକ୍ଷୀ' ଗଳ୍ପରେ ଦୁଇ ନାରୀ ଆତ୍ମହତ୍ୟା କରିଛନ୍ତି । ଜଣେ ଅବିବାହିତ ହୋଇ ଗର୍ଭଧାରଣ କରିଥିବାରୁ ଓ ଅନ୍ୟ ଜଣେ ବିବାହ କରି ଗୋଟିଏ ସନ୍ତାନକୁ ଜନ୍ମଦେଇ ଥିବାରୁ । ଏଇ ଆତ୍ମହତ୍ୟାର ମୂଳ କାରଣ ଜଣେ ପୁରୁଷ । ପ୍ରଭାତଙ୍କୁ ବିବାହ କରି କସ୍ତୁରୀ ବଡ଼ବୋହୂ ହୋଇ ଆସିଥିବା ବେଳେ ପ୍ରଦୋଷକୁ ବିବାହ କରି ସାନବୋହୂ ହୋଇ ଆସିଥିଲା ବିଥି । ବିବାହର କିଛିଦିନ ପରେ ବିଥି ଚାଲିଯାଇଥିଲା ସ୍ୱାମୀର ଚାକିରୀ ଜାଗାକୁ । ସେଇଠୁ ଫେରିଲାବେଳେ ତା'ଗର୍ଭରେ ବଢୁଥିଲା ଆଉ ଏକ ଜୀବ । ଏ ସମୟରେ ସ୍ତ୍ରୀର ସେବାଯତ୍ନ ନେବା ପରିବର୍ତ୍ତେ ତାକୁ ତା'ମା ଘରେ ଛାଡ଼ିଦେଇଥିଲା ପ୍ରଦୋଷ । ସ୍ତ୍ରୀକୁ ନହେଲା ନାହିଁ ନିଜର ଜନ୍ମିତ ସନ୍ତାନକୁ ବି ଥରେ ଦେଖିବାକୁ ସେ ଯାଇନାହିଁ । ଗୋଟିଏ ପରେ ଗୋଟିଏ ସ୍ଥାନକୁ ବଦଳି ହୋଇଛି ପ୍ରଦୋଷର କିନ୍ତୁ ବିଥିକୁ ସାଙ୍ଗରେ ନେବାକୁ ଚାହିଁ ନାହିଁ । ବିଥିକୁ ନନେବାର କାରଣ ଦର୍ଶାଇ ସମ୍ପୂର୍ଣ୍ଣ କଳ୍ପିତ ମନଗଢ଼ା ଅଭିଯୋଗ ମାନ ବାଢ଼େ ପରିବାର ଆଗରେ । ସ୍ୱଚ୍ଛଳ ଓ ସଂହତି ସମ୍ପନ୍ନ ପରିବାରରୁ ଆସିଥିଲା ବିଥି । ସରଳ – ନିଷ୍କପଟ ହେତୁ ଶାଶୁ ଓ ସ୍ୱାମୀଙ୍କ ଛଳନାତ୍ମକ ସ୍ନେହକୁ ସତ ଭାବୁଥିଲା । ଏ ସମସ୍ତ ଛଳନାକୁ ଖୁବ୍ ଭଲଭାବେ ବୁଝି ନେଇଥିଲେ କସ୍ତୁରୀ । ତେଣୁ ନିଜକୁ ସମୟ ଆଗରୁ ସମ୍ଭାଳି ନେଇଥିଲେ ଅଥଚ ବିଥି ନିଜ ଜୀବନକୁ ବି ସମ୍ଭାଳି ପାରିଲେ ନାହିଁ । କିଛିଦିନ ଭିତରେ ଦୁନିଆରୁ ହିଁ ବିଦାୟ ନେଇଗଲେ । ଗୋଟେ ବିବାହିତା ଝିଅ ଆଉ ନାତିକୁ କେତେଦିନ ବା ଘରେ ରଖିପାରିଥାନ୍ତେ ବିଥିର ବାପା । ଲୋକ ଲଜ୍ଜାକୁ ଡ଼ରି ଜ୍ୱାଇଁ ପ୍ରଦୋଷ ପାଖରେ ଛାଡ଼ି ଦେଇ ଆସିଥିଲେ । ଆସିବାର କିଛିଦିନ ପରେ ହିଁ ଖବର ଆସିଲା ବିଥି ଆତ୍ମହତ୍ୟା କରିବାର । ତେବେ ସେ ଆତ୍ମହତ୍ୟା କରିଥିଲା ନା ତାକୁ ମାରିଦିଆ ଯାଇଥିଲା ତାହା ରହସ୍ୟ ଭିତରେ । ତେବେ ଏ ଆତ୍ମହତ୍ୟା ଯୌତୁକ ଜନିତ ନୁହେଁ ବରଂ ପ୍ରଦୋଷର ପ୍ରବଳ, ପ୍ରଚଣ୍ଡ ଯୌନ ଲିପ୍ସା ଓ କାମୁକତା ପାଇଁ । କାରଣ ବିଥି ହିଁ ଥିଲା ତା' ରାସ୍ତାର ଏକମାତ୍ର ପ୍ରତିବନ୍ଧକ । ବିବାହ ପୂର୍ବରୁ ବି ପ୍ରଦୋଷ ନିଜ ମାଉସୀ ଝିଅ ଭଉଣୀ ସହ ଅବୈଧ ସମ୍ପର୍କରେ ଲିପ୍ତ ଥିଲା । ମିଳାମିଶା ଏତେବେଶୀ ବଢ଼ି ଯାଇଥିଲା ଯେ ଝିଅଟି ଗର୍ଭବତୀ ହେଲା ଏବଂ ପରିବାର ନିନ୍ଦା ଅପବାଦ ସହିନପାରି ଆତ୍ମହତ୍ୟା କରିଥିଲା । ଝିଅଟିର ଆତ୍ମହତ୍ୟାର କାରଣଟିକୁ ପ୍ରଘଟ ନକରି ବରଂ ଚାପି ଦେଇଥିଲେ ଦୁଇ ପରିବାର । ସେଦିନ ଯଦି ପ୍ରଦୋଷକୁ ତା' କର୍ମ ପାଇଁ ଉଚିତ୍ ଦଣ୍ଡ ମିଳିଥାନ୍ତା, ତେବେ ଆଜି ହୁଏତ ଆଉ ଏକ ସଦ୍ୟ ମା ସନ୍ତାନକୁ ମା'ଛେଉଣ୍ଡ କରି ଚାଲିଯାଇ ନଥାନ୍ତା ।

ବିଥି ପରି ଲୀନା ମଧ୍ୟ ଆତ୍ମହତ୍ୟା କରିଛି 'ଲିନା ନାହିଁ' ଗଳ୍ପରେ । ଶାନ୍ତଶିଷ୍ଟ ସ୍ୱଭାବର ଝିଅ ଲୀନା ଶିକ୍ଷା ସହାୟକ ଚାକିରୀଟିଏ କରି ଘର ଚଳାଉଥିଲା । ଦେହର ରଙ୍ଗ କମ୍ ଥିବା ଯୋଗୁଁ ଯେତେ ପ୍ରସ୍ତାବ ଆସିଲେ ବି ଭାଙ୍ଗିଯାଏ । ବିମଳଙ୍କ ପରିବାର ଲୀନାକୁ ଦେଖିବା ପରେ ତାକୁ ବୋହୂ କରିବା ପାଇଁ ମନସ୍ଥ କରିଥିଲେ । ଶେଷରେ ଲୀନାକୁ ମଧ୍ୟ ରାଜକୁମାର ଭଳି ବର ମିଳିଲା ବୋଲି ପରିବାରବର୍ଗ ଖୁସି ଥିଲେ । ସମସ୍ତ ଗହଣାଗାଣ୍ଠି ବିକ୍ରି କରି ଲୀନାର ମା ଯୌତୁକ ବାବଦରେ ଦେଢ଼ଲକ୍ଷ ଟଙ୍କା ଦେଇ ଝିଅକୁ ବାହା କରାଇଥିଲେ । ତାଙ୍କର ଭାବନା ଥିଲା ଝିଅ ଖୁସିରେ ରହିବ । କିନ୍ତୁ ସେ ଭାବନା ଭାବନାରେ ହିଁ ରହିଗଲା । ବିମଳ ଭୁବନେଶ୍ୱରର କେଉଁ କମ୍ପାନୀରେ କ'ଣ କାମ କରେ ସେ କଥା ବି ଜାଣେ ନାହିଁ ଲୀନା । ଟୁର୍ ଯିବା ଆଳରେ ତାକୁ ଚାକିରୀ ଜାଗାକୁ ନିଏ ନାହିଁ । ଏପଟେ ଶାଶୁଘରେ କାମ କରି କରି ଅଣ୍ଟାପିଠି ଦରଜ ହୋଇଯାଏ ତା'ର । ପାନରୁ ଚୂନ ଖସିଲେ ଶାଶୁ-ଯାଆଙ୍କଠାରୁ ପଡ଼େ ତାକୁ ଭର୍ତ୍ସନା । ମାସକୁ ଦୁଇ-ତିନିଦିନ ପାଇଁ ବିମଳର ଘରକୁ ଆସିବା, ତା ପ୍ରତି କୌଣସି ଆଗ୍ରହ ପ୍ରକାଶ ନକରିବା । ଘଣ୍ଟାଘଣ୍ଟା ଧରି ଫୋନ୍‌ରେ ଗପିବା ଆଦିରୁ ହିଁ ବୁଝିପାରୁଥିଲା ଲୀନା ତା ସ୍ୱାମୀର ଥିବା ପରକୀୟା ପ୍ରୀତିକୁ । ସ୍ୱାମୀ ସହ ଚାକିରୀ ଜାଗାକୁ ଯିବାପରେ ଜାଣିପାରିଲା ଯେ ତାର ଯାହା କଳ୍ପନା ଥିଲା ତାହା ବାସ୍ତବ । ତା ସ୍ୱାମୀର ଅନ୍ୟ ଏକ ମହିଳା ସହ ଅନୈତିକ ସମ୍ପର୍କ ଥିବା ସହ ସେ ସମ୍ପର୍କରେ ସନ୍ତକ ରୂପେ ଥିବା ସନ୍ତାନ ସମ୍ପର୍କରେ ବି ସେ ଜାଣିବାକୁ ପାଇଲା । ଧୀରେ ଧୀରେ ବିମଳର ତା'ପ୍ରତି ଅତ୍ୟାଚାରର ମାତ୍ରା ବଢ଼ିବାକୁ ଲାଗିଲା । ଯେମିତି ଘରୁ ବାହାରକୁ ଗଲାବେଳେ ଲୀନାକୁ ବାହାରୁ ତାଳା ବନ୍ଦ କରି ଯିବା, ସେ ଗର୍ଭବତୀ ଥିବା ଜାଣି

ଗର୍ଭପାତ ପାଇଁ ଜବରଦସ୍ତି ମେଡ଼ିସିନ୍ ଖୁଆଇବା ଇତ୍ୟାଦି । ବହୁ କଷ୍ଟରେ ନିଜକୁ ସେଠାରୁ ମୁକୁଳେଇ ଗାଁକୁ ଫେରିଥିଲା ଲୀନା । କେବେ ନା କେବେ ବିମଳ ନିଜର ଭୁଲ ବୁଝି ତାକୁ ଆପଣେଇ ନେବ ଭାବି କିଛିଦିନ ବଞ୍ଚିଗଲା । ତେବେ କୌଣସି ପରିବର୍ତ୍ତନ ନଦେଖି ଶେଷରେ ଲୀନା ଆତ୍ମହତ୍ୟା କରିଥିଲା ।

ତେବେ ଏଥିପାଇଁ ଦାୟୀ ପୁରୁଷର ଅନୈତିକ ସମ୍ପର୍କ ସ୍ଥାପନା । ପୂର୍ବରୁ ବି ନବବିବାହିତା ନାରୀମାନେ ଆତ୍ମହତ୍ୟା କରୁଥିଲେ । ସେତେବେଳର କାରଣ ଥିଲା ଯୌତୁକ ପ୍ରଥା, କିନ୍ତୁ ବର୍ତ୍ତମାନର କାରଣ ପୁରୁଷର ବହୁନାରୀ କାମନା ଓ କାମଲାଳସା । ପୁରୁଷର ଅନୈତିକ ସମ୍ପର୍କ, ଯୌନ ଲିପ୍ସା, କାମୁକ ସ୍ୱଭାବ ପାଇଁ ନବବିବାହିତା ପତ୍ନୀମାନେ ମାନସିକ ଓ ଶାରୀରିକ ସ୍ତରରେ ନିର୍ଯ୍ୟାତିତା ହେଉଛନ୍ତି । ପୁରୁଷ ପ୍ରଧାନ ସମାଜରେ ନାରୀର ନ୍ୟୁନ ସ୍ଥିତି ଲେଖିକା ବହୁମାତ୍ରାରେ ମ୍ରିୟମାଣ ହୋଇଛନ୍ତି । ପୁରୁଷ ଏବେ ବି ନାରୀକୁ ତା' ଅଧୀନରେ ରଖିବାକୁ ଚାହେଁ । ପୂର୍ବ ଅପେକ୍ଷା ନାରୀ ଏବେ ସ୍ୱାଧୀନ ଭାବେ କିଛି ଚିନ୍ତାକରି ପାରୁଛି, ନିଜେ ନିଜର ନିଷ୍ପତ୍ତି ନେଇ ପାରୁଛି । 'ମୁଖା ତଳର ମୁହଁ' (କୁହୁଡ଼ି ପକ୍ଷୀ ଓ ସ୍ୱପ୍ନ ଗୋଧୂଳି) ଗଳ୍ପରେ ରିତୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ସେ ଅସୀମକୁ ପ୍ରେମ ବିବାହ କରନ୍ତି ଏବଂ ଚାରିବର୍ଷର ପୁଅଟେ ବି ସେମାନଙ୍କର ଅଛି । ରିତୁ ଅତ୍ୟନ୍ତ ସୁନ୍ଦରୀ ହୋଇଥିବା ହେତୁ ଅସୀମର ସନ୍ଦେହ ଦିନକୁ ଦିନ ବଢ଼ିବାରେ ଲାଗେ । ଏପରିକି ସେ ପୁଅ ବବ୍‌ଲୁକୁ ରିତୁ ବିରୋଧରେ ଗୁପ୍ତଚର ଭାବରେ ବ୍ୟବହାର କରନ୍ତି । ପ୍ରତିଦିନ ଅସୀମର ପ୍ରଶ୍ନର ଉତ୍ତର ଦେଇ ଦେଇ କ୍ଲାନ୍ତ ହୋଇପଡ଼େ ରିତୁ । ଆଉ ଅଧିକ ଦିନ ଅସୀମକୁ ସହ୍ୟ କରିବା ତା'ପକ୍ଷେ କଷ୍ଟକର ହୋଇପଡ଼ିବା ହେତୁ ସମାଜ ଓ ପରିବାରକୁ ଖାତିର ନକରି ସ୍ୱାମୀଠାରୁ ଅଲଗା ହେବାର ନିଷ୍ପତ୍ତି ନିଏ । ଏଥିପାଇଁ ତାକୁ ପୁଅ ବବ୍‌ଲୁଠାରୁ ଦୂରେଇ ରହିବାକୁ ପଡ଼ିବ ଜାଣି ସୁଦ୍ଧା ଏପରି ଏକ ନିଷ୍ପତ୍ତି ନେବାର ସାହସ ରିତୁ ପାଖରେ ଦେଖିବାକୁ ମିଳେ । ରିତୁର ପୁରା ଓଲଟା ଚରିତ୍ର ହେଉଛି 'ଅଭିନୟ' ଗଳ୍ପର ନନ୍ଦିତା । ନନ୍ଦିତା ଅପୂର୍ବ ସୌନ୍ଦର୍ଯ୍ୟର ଅଧିକାରିଣୀ ଏବଂ ଆନ୍ତର୍ଜାତିକ ସ୍ତରର ଜଣେ ନର୍ତ୍ତକୀ । ତା' ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସୁଦେଶ ତାକୁ ବିବାହର ପ୍ରସ୍ତାବ ଦିଏ ଏବଂ ବିବାହ ପରେ ତା' ନୃତ୍ୟାଭ୍ୟାସରେ ଟିକେ ବି ବାଧା ସୃଷ୍ଟି ନ ହେବାର ପ୍ରତିଶ୍ରୁତି ଦେଇ ବିବାହ କରେ । ବିବାହ ପରେ ସବୁ ପ୍ରତାରଣାରେ ପରିଣତ ହୋଇଛି । ମାସେ ପରେ ତାକୁ ନୃତ୍ୟ କରିବା ପାଇଁ ଆମେରିକା ଯିବାକୁ ଥିବାବେଳେ ସୁଦେଶ ନୃତ୍ୟ ଅଭ୍ୟାସ ପାଇଁ ବାରଣ କରିଛି । ନନ୍ଦିତାର କୋହଗୁଡ଼ାକ ଲୁହ ହୋଇ ବହିଯାଉଥିବା ବେଳେ ଏପଟେ ଶ୍ୱଶୁର ତାକୁ ନୃତ୍ୟ ଛାଡ଼ିଦେବାପାଇଁ ହାତପାତି ଭିକ୍ଷା ମାଗନ୍ତି । ଏ ସମସ୍ତ ଘଟଣା ତା' ଜୀବନରେ ହଠାତ୍ ଘଟି ଯିବାରୁ ସେ ଗୋଟେ ଜିଅନ୍ତା ଶବରେ ପରିଣତ ହୋଇଯାଏ । ତା'ପ୍ରତିବାଦର ସ୍ୱର କ୍ଷୀଣରୁ କ୍ଷୀଣତର । ଲେଖିକାଙ୍କ ଭାଷାରେ, "ଯଦି ସେ ପ୍ରତିଶ୍ରୁତି ରଖେ ତେବେ, ସଙ୍ଗୀତ ଯେ ତା'ର ସ୍ୱର ସେ ମୂକ ହୋଇଯିବ, ନୃତ୍ୟ ତ ତା'ର ଗତି ସେ ପଙ୍ଗୁ ହୋଇଯିବ, କଳା ତ ତା'ର ଜୀବନ ସେ ମରିଯିବ । ତେଣୁ ସୀମନ୍ତକୁ ଲାଲ ରଖିବା ପାଇଁ ସେ କ'ଣ ଗୋଟାଏ ମୂକ, ପଙ୍ଗୁ ଓ ଜିଅନ୍ତା ଶବ ଭାବରେ ରହିପାରିବ?" (ପୃଷ୍ଠା- ୧୪୦, କୁହୁଡ଼ି ପକ୍ଷୀ ଓ ସ୍ୱପ୍ନ ଗୋଧୂଳି)

ଗାଳ୍ପିକା ଅର୍ଚ୍ଚନା ନାୟକଙ୍କ ଗଳ୍ପ ବର୍ଣ୍ଣିତ ନାରୀ କେବେ ମହାଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଭୁଲି ନାହିଁ । ଏପରିକି ଆଧୁନିକା, ଶିକ୍ଷିତା ଓ ବୃତ୍ତିଜୀବୀ ନାରୀମାନେ ବି ଆଧୁନିକ ସଭ୍ୟତା ଓ ସଂସ୍କୃତିର ପ୍ରଭାବରେ ଆସିଥିଲେ ବି ତା ସହିତ ତାଳ ଦେଇ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆସିଛନ୍ତି । ଆଦର୍ଶ ଭିତରେ ରହି ବି ନିଜ ଜୀବନର ସୁଖ ଦୁଃଖ ଓ ସମସ୍ୟାକୁ ନିଜେ ସମାଧାନ କରିବାକୁ ଚେଷ୍ଟା କରି ସଂସ୍କୃତିକୁ ଯେତିକି ଗୁରୁତ୍ୱ ଦେଇଛନ୍ତି, ସମସ୍ୟାକୁ ବି ସେତିକି ଗୁରୁତ୍ୱ ଦେଇଛନ୍ତି । ଗାଳ୍ପିକା ଜଣେ ନାରୀ ଭାବରେ ନାରୀର ଦୁର୍ବଳତା ଓ ଦୃଢ଼ତା, ତା'ର ମନର ଆବେଗ, ସଂବେଗ, ଅଭିଳାଷ, ଆତ୍ମିକ ବ୍ୟାକୁଳତା ଓ ତୀବ୍ର ଅଭୀପ୍ସାକୁ ବେଶି ଭଲ ଭାବରେ ବୁଝି ପାରିଛନ୍ତି । ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ରକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ନାରୀ ଚରିତ୍ରମାନେ ପ୍ରାୟତଃ ଉଚ୍ଚବର୍ଗର ଏବଂ ସ୍ୱାବଲମ୍ବନଶୀଳା । ସେମାନେ କେବଳ ଆଦର୍ଶ ବୋହୂ, ପତ୍ନୀ, ମାଆ ଭିତରେ ସୀମିତ ରହି ନାହାନ୍ତି, ସାମାଜିକ କର୍ତ୍ତବ୍ୟ ପାଇଁ ଦେବୀର ଆସନ ବି ପାଇଛନ୍ତି । ବେଳେ ବେଳେ ପୁରୁଷ ସହ ସମାନ ଅଧିକାର ଦାବି କରୁଥିବା ନାରୀ ପୁରୁଷ ଉପରେ ଆଉ ନିର୍ଭରଶୀଳା ହୋଇ ବଞ୍ଚିବାକୁ ଚାହୁଁ ନାହିଁ । ଧୀରେ ଧୀରେ ସେ ବନ୍ଧନୀରୁ ନିଜକୁ ମୁକ୍ତ କରିବାରେ ଲାଗିଛି । ପାରିବାରିକ, ସାମାଜିକ, ବୃତ୍ତିଗତ ଜୀବନକୁ ସମାନ ଭାବରେ ତୁଳେଇବାକୁ ପ୍ରୟାସ କରୁଛି । ତାଙ୍କ ମତରେ "ଚେତନାର ଉତ୍ତରଣ ନହେଲେ ମଣିଷର ଦୃଷ୍ଟିଭଙ୍ଗୀ ସେହିପରି ଅପରିବର୍ତ୍ତିତ ରହିଥାଏ; ତାହା ନାରୀ ପୁରୁଷ ଭେଦରେ ଭିନ୍ନ ହୁଏ ନାହିଁ । ତେଣୁ ଏହି ଶତାବ୍ଦୀରେ ବଞ୍ଚୁଥିବା ନାରୀ ନିଜର ଦୃଷ୍ଟିକୋଣରେ ପ୍ରସାରଣ ନ ଆଣିଲେ, ନିଜର ଚିନ୍ତା ବିଚାରକୁ ଅନୁମାନ ନ କରି ପାରିଲେ ବା ନିଜର ଅନୁଭବକୁ ନିଜେ ନ ପରଖି ପାରିଲେ ଯାହା ଥିଲା ତାହା ହିଁ ରହିବ ।" ତେଣୁ ନାରୀ ଜୀବନର ଆଶା, ଆକାଂକ୍ଷା, ବ୍ୟଥା, ସ୍ୱାଧୀନ ଭାବନା ଓ ମନସ୍ତତ୍ତ୍ୱ ସହିତ ଚେତନାର ଉତ୍ତରିତ ଦିଗ ତାଙ୍କ ଗଳ୍ପରେ ଅଧିକ ଫୁଟି ଉଠିଛି ।

ଅଧ୍ୟାପିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN -2583-147X(P), Vol.- 8, Issue No. V, August 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଦଣ୍ଡନାଟର ସାଂସ୍କୃତିକ ପରମ୍ପରାରେ ନାବକେଳି

**ସନ୍ତୋଷ ଭୋଇ**

ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଦଣ୍ଡନାଟ ଏକ ଲୋକପ୍ରିୟ କଳା । ଓଡ଼ିଶାର ପୂର୍ବାଂଚଳକୁ ବାଦଦେଲେ ଏହା ପ୍ରାୟ ସର୍ବତ୍ର ଅନୁଷ୍ଠିତ ହୁଏ । ଦଣ୍ଡନାଟ ଏକ ମନୋରଞ୍ଜନଧର୍ମୀ କଳା ହେଲେ ହେଁ ଧାର୍ମିକ ଓ ଆଧାତ୍ମିକ ଦୃଷ୍ଟିକୋଣରୁ ବେଶ୍ ଗାମ୍ଭୀର୍ଯ୍ୟ । ରୋଗରୁ ମୁକ୍ତ ହେବା ତଥା ପରିବାରର କଲ୍ୟାଣ ସାଧନ କରିବା ମଧ୍ୟରେ ଏହାର ଉଦ୍ଦେଶ୍ୟ ସୀମିତ ନରହି ସାର୍ବଜନୀନ ମାଙ୍ଗଳିକ ସୁଖ ପର୍ଯ୍ୟନ୍ତ ଏହା ବିସ୍ତୃତ । ଏଥି ନିମନ୍ତେ ପଣା ସଂକ୍ରାନ୍ତିର ତେର ଦିନ (କୌଣସି ଅଂଚଳରେ ଏକ ମାସ) ପୂର୍ବରୁ ବ୍ରତ ରଖିବାକୁ ପଡ଼ିଥାଏ । ଚୈତ୍ର ଖରାରେ ଗାଁ ଗାଁ ବୁଲି ଦଣ୍ଡର ମହିମା ପ୍ରଚାର କରିବା ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ସଚେତନ କରାଇବା ଏହାର ଉଦ୍ଦେଶ୍ୟ ।

ଦଣ୍ଡନାଟ ବହୁ ଚରିତ୍ରର ସମାହାର । ପରଭା-ପରଭାଣୀ, ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ବାବାଜୀ, ସଖୀ-ନାବିକ, ଶବର-ଶବରୁଣୀ, ପତର ସଉରା-ସଉରାଣୀ, କେଳା-କେଳୁଣୀ, ବିଣାକାରିଆ, ବାଇଧନିଆ ଇତ୍ୟାଦି ତେରଗୋଟି ଚରିତ୍ର ଗୋଟିଏ ପରେ ଗୋଟିଏ ମଞ୍ଚ (ଗାଁ ଦାଣ୍ଡର କୌଣସି ଏକ ସ୍ଥାନ)ରେ ନିଜ ଚରିତ୍ରର ବିଶେଷତ୍ୱ ପ୍ରକାଶ କରିବା ସହ ପୌରାଣିକ ଆଖ୍ୟାନ ଓ ସାମ୍ପ୍ରତିକ ସମାଜରେ ତା'ର ଆଭିମୁଖ୍ୟ ସଂପର୍କରେ ସଭାରେ (ଶ୍ରୋତା/ଦର୍ଶକ ମଣ୍ଡଳୀ) ଜଣାଇ ଥା'ନ୍ତି । ସମାଜର ସମସ୍ତ ଶ୍ରେଣୀର ଲୋକ ଏଥିରେ ଅଂଶ ଗ୍ରହଣ କରନ୍ତି । ତେଣୁ ଦଣ୍ଡନାଟ କୌଣସି ଜାତି ବା ସମ୍ପ୍ରଦାୟ ଭିତରେ ଆବଦ୍ଧ ନରହି ସାର୍ବଜନୀନ ହୋଇପାରିଛି । ଦଣ୍ଡନାଟର ଚରିତ୍ରଗୁଡ଼ିକୁ ଅବଲୋକନ କଲେ ଜଣାଯାଏ ଯେ ସମାଜର ନିମ୍ନସ୍ତରର ବା ଅବହେଳିତ ଜାତି ବା ସମ୍ପ୍ରଦାୟର ଏହା ପ୍ରତିନିଧିତ୍ୱ କରେ । ତେଣୁ ଦଣ୍ଡନାଟ ଏହି ଅବହେଳିତ ଜାତିମାନଙ୍କ ଦ୍ୱାରା ଆରମ୍ଭ ହୋଇ ସ୍ୱୀକୃତି ପାଇଥିବା ଅନୁମେୟ । ଅଷ୍ଟମ ନବମ ଶତାବ୍ଦୀରେ ଶୈବଧର୍ମ ରାଜକୀୟ ସ୍ୱୀକୃତି ଲାଭ କରି ସାରିବା ପରେ ବୌଦ୍ଧଧର୍ମ ପ୍ରତି ଶୈବଧର୍ମର ବାସନ୍ଦ ମନୋଭାବ ବୌଦ୍ଧମାନଙ୍କୁ ଅରଣ୍ୟରେ ରହିବାକୁ ଦେଇଥିଲା । ସେମାନେ ସମାଜରେ ଅସ୍ପୃଶ୍ୟହୋଇ ରହିବା ଫଳରେ ଶିବ ଆରାଧନା ମୁକ୍ତିର ଏକମାତ୍ର ପନ୍ଥା ହୋଇଯାଇଥିଲା ।(୧) ପତ୍ର ସଉରା ଚରିତ୍ରଟି ଯାହାର ଏକ ଉଦାହରଣ ।

ଦଣ୍ଡନାଟର ନୃତ୍ୟ ଉଭୟେ ଧର୍ମ ଓ ଧର୍ମୋତ୍ତର ଆଚରଣକୁ ନେଇ ଗଠିତ । ଶୈବ ଓ ଶାକ୍ତଧର୍ମ ପରମ୍ପରା ସହିତ ଏହି ଗଣନୃତ୍ୟ ସମୟ କ୍ରମେ ଅନ୍ୟାନ୍ୟ ଧର୍ମ ପ୍ରଭାବରେ ଆସି ତତ୍କାଳୀନ ସାମାଜିକ ଧର୍ମ, ବିଶ୍ୱାସ ଓ ରୀତିନୀତିକୁ ପ୍ରତିଫଳନ କରେ । ଯାହାକି ଉକ୍ତ ଆଲୋଚନାରେ ଦଣ୍ଡନାଟର ଗୋଟିଏ ଚରିତ୍ର ସଖୀ-ନାବିକ (ନାବକେଳି)କୁ ଆଲୋଚନା ପରିସରକୁ ନେଇ ଆଲୋଚନା କରାଯିବା ସହ ନାବକେଳି ପ୍ରସଙ୍ଗ ସଂପର୍କରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରାଯିବ ।

ସାଧାରଣତଃ 'ନାବକେଳି' କହିଲେ ନୌବିହାର ବା ନଦୀ ଓ ଜଳାଶୟରେ ନୌଚାଳନା ପୂର୍ବକ କ୍ରୀଡ଼ାକୁ ବୁଝାଏ । ମାତ୍ର ଦଣ୍ଡନାଟରେ ନୌଚାଳନା ପୂର୍ବକ କ୍ରୀଡ଼ା ଏକ କୌତୁହଳ ସୃଷ୍ଟି କରେ । ଦ୍ୱାପର ଯୁଗର ଏ କାହାଣୀଟି ହରିବଂଶର ତୃତୀୟ ଖଣ୍ଡରୁ ସଂଗୃହୀତ । ନାୟକ ମାୟାଧର କୃଷ୍ଣ ଓ ରାଧାଙ୍କ ଅଷ୍ଟ ସହଚରୀ ବା ସଖୀଗଣ ଯଥା- ଲଳିତା, ବିଶାଖା, ଇନ୍ଦୁରେଖା, ଚିତ୍ରଲେଖା, ତୁଙ୍ଗବିଦ୍ୟା, ରଙ୍ଗଦେବୀ, ଚମ୍ପକଲତା ଓ ସୁଦେବୀ ଏହାର ଚରିତ୍ର । ପ୍ରତ୍ୟେହ ନିତ୍ୟକର୍ମ ସମାପନ କରି ଦଧିମନ୍ଥନ ପୂର୍ବକ ମଥୁରା ହାଟକୁ ଦଧି ବିକ୍ରି କରିବାକୁ ଯିବାବେଳେ ମାଘମାସ ଶୀତରେ ଯମୁନା ନଦୀର ଉଜାଣି ବଢ଼ିକୁ ଦେଖି ନାବିକକୁ ଡାକନ୍ତି । ରାଧାଙ୍କ ସାନ୍ନିଧ ଲାଭ ନିମନ୍ତେ ମାୟାଧର କୃଷ୍ଣ ବୃଦ୍ଧନାବିକ ବେଶ ଧାରଣ କରି ଯମୁନା ନଦୀକୁ ନାବ ପ୍ରବାହିତ କରନ୍ତି । ମାତ୍ର ନିଜର ମୀନମରା ଦଦରା ନାବରେ ପାରି କରିବାକୁ ନାବିକ ମନା କରିବାରୁ ଉଭୟଙ୍କ

ମଧ୍ୟରେ କଳିହୁଏ । ଉଭୟେ ବୁଝାମଣା କରି ଡଙ୍ଗାରେ ଜଣେ ଜଣେ ପାରି ହେବାକୁ ନାବିକ ନିର୍ଦ୍ଦେଶ ଦିଅନ୍ତି । ପ୍ରଥମେ ସତୀ ଓ ପବିତ୍ରା ରାଧା ପାରି ହୁଅନ୍ତି । ମଝି ନଈରେ ନାବିକ ବେଶି କୃଷ୍ଣ ରାଧାଙ୍କୁ ପରୀକ୍ଷା କରନ୍ତି ଓ ନାବକେଳି କରନ୍ତି । ପରେ ସଖୀଗଣଙ୍କୁ ନଦୀ ଶୁଖାଇ ପାର କରାନ୍ତି । ଏ ହେଉଛି ନାବକେଳିର କଥାବସ୍ତୁ ।

ବସ୍ତୁତଃ ଦଣ୍ଡନାଟ ଏକ ଶୈବ ଓ ଶାକ୍ତଧର୍ମର ଅନୁଷ୍ଠାନ । ମାତ୍ର ସମୟକ୍ରମେ ଏହା ଅନ୍ୟ ଧର୍ମ ସଂସ୍ପର୍ଶରେ ଆସିଛି । ନାବକେଳିର ପ୍ରସଙ୍ଗ ବୈଷ୍ଣବ ଧର୍ମ ସଂକ୍ରାନ୍ତୀୟ । ତେଣୁ ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ଲୋକଧର୍ମ ମଧ୍ୟରେ ସମନ୍ୱୟକୁ ଏଠାରେ ଉପଲବ୍ଧି କରାଯାଇପାରେ । ଏ ସମ୍ପର୍କରେ ଗବେଷକ ଲକ୍ଷ୍ମୀ ନାରାୟଣ ସାହୁ ମତ ଦିଅନ୍ତି ଯେ, "ଅବଶ୍ୟ ବର୍ତ୍ତମାନ ରୂପ ଧରିଥିବା ଦଣ୍ଡନାଟଟି ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରୁ ଅର୍ଥାତ ବୌଦ୍ଧ ଧର୍ମର ଶେଷ ପତନ ଠାରୁ । ତାହାହେଲେ ଦଣ୍ଡନାଟ ବେଦ ପରି ବହୁ ପ୍ରାଚୀନ । ଏହାର ରୂପାନ୍ତର ସମାଜର ରୂପାନ୍ତର ସଙ୍ଗେ ଖାପଖୁଆଇ ଚାଲିଛି । ସେଥିପାଇଁ ବୈଷ୍ଣବ ଓ ଗୋପୀଙ୍କର ଆବିର୍ଭାବ ମଧ୍ୟ ଦଣ୍ଡନାଟରେ ଦେଖାଯାଉଅଛି ।"(୨) ତେଣୁ ଦଣ୍ଡନାଟ ପ୍ରାଚୀନ ହେଲେ ହେଁ, ବୈଷ୍ଣବ ଧର୍ମ ଓଡ଼ିଶାରେ ଲୋକଧର୍ମ ରୂପେ ସ୍ୱୀକୃତି ପାଇ ସାରିଲା ପରେ ନାବକେଳି ଷୋଡ଼ଶ କି ସପ୍ତଦଶ ଶତାବ୍ଦୀରୁ ବୋଲି ଧରିବାକୁ ହେବ । ସପ୍ତଦଶ ଶତାବ୍ଦୀର କବି ଦୀନକୃଷ୍ଣ ଦାସ ମଧ୍ୟ 'ନାବକେଳି' ନାମରେ ଗୋଟିଏ 'ବୋଲି' ସାହିତ୍ୟ ରଚନା କରିଥିବା ଜଣାଯାଏ । ଏତଦ ବ୍ୟତୀତ ଏଥିରେ ଇସଲାମ ଓ ମହିମା ଧର୍ମର ପ୍ରଭାବ ଦେଖିବାକୁ ମିଳେ । କଂସର ଫୁଲ ବଗିଚାରୁ ଗୋପୀଗଣ ଫୁଲତୋଳିବା ବେଳେ କଂସର ଜଗୁଆଳି ସେମାନଙ୍କୁ ବଳପୂର୍ବକ ପ୍ରତିରୋଧ କରେ । ଦଣ୍ଡନାଟର ଗ୍ରାମୀଣ କବି ଜଣକ ସେଇ ଜଗୁଆଳିକୁ ଜଣେ ପଠାଣ ଭାବରେ ଚିତ୍ରଣ କରିଛନ୍ତି । ଯାହାକି ତତ୍କାଳୀନ ମୋଗଲ ଶାସନ (୧୫୨୬ଖ୍ରୀ. ରୁ ୧୮୫୭ଖ୍ରୀ.) ସମୟର ସମାଜରେ ଦୁଇ ସଂପ୍ରଦାୟ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହବାସ୍ଥାନ ଏବଂ ମୁସଲମାନ ଶାସନର ପ୍ରଭାବକୁ ପ୍ରକଟ କରେ । ମୋଗଲମାନଙ୍କ ଓଡ଼ିଶା ଅଧିକାର(୧୫୨୬ ଖ୍ରୀ.) ପରେ ମୋଗଲବନ୍ଦୀ ଅଂଚଳରୁ ଗଡ଼ଜାତ ଅଂଚଳରେ ପ୍ରଭାବ ବିସ୍ତାର କରିବା ପାଇଁ ପଚାଶ/ଷାଠିଏ ବର୍ଷ ଲାଗିଥିବ । ଏହି ସମୟ ଖଣ୍ଡରେ ବୈଷ୍ଣବ ଧର୍ମ ଲୋକଧର୍ମ ରୂପେ ସ୍ୱୀକୃତ ପାଇ ସାରିଲାଣି । ତେଣୁ ଦଣ୍ଡନାଟରେ ନାବକେଳି ପ୍ରସଙ୍ଗଟିକୁ ଷୋଡ଼ଶ ଶତାବ୍ଦୀର ଶେଷ ଭାଗ ଓ ସପ୍ତଦଶ ଶତାବ୍ଦୀର ଆରମ୍ଭ କାଳ ବୋଲି ଧରିବାକୁ ହେବ । ଢେଙ୍କାନାଳ ଓ ଅନୁଗୋଳର କେତେକ ଅଞ୍ଚଳରେ ନାବକେଳିରେ ଶୂନ୍ୟବ୍ରହ୍ମ ଅଲେଖକଙ୍କୁ ସ୍ତୁତି କରିବାର ମଧ୍ୟ ଦେଖାଯାଏ । ଯାହ ସେହି ଅଞ୍ଚଳର ମହିମା ଧର୍ମର ଗଭୀରତାକୁ ପ୍ରକଟ କରେ । ଅଲେଖ ଜଗନ୍ନାଥଙ୍କର ଏକ 'ଅବତାର' ଓ ଯୋରନ୍ଦା ଗାଦିକୁ ଆଉ ଏକ 'ଧାମ' ବୋଲି ଶୂନ୍ୟବାଦୀ ମହିମା ଧର୍ମବଲମ୍ବୀମାନେ ବିଶ୍ୱାସ କରନ୍ତି । ତେଣୁ ଯୋରନ୍ଦା ଗାଦିକୁ ଯୋରନ୍ଦା ଧାମ ବୋଲି କୁହାଯାଏ । ଶୂନ୍ୟ ପରଂବ୍ରହ୍ମ ଅଲେଖ ଗୋସାଇଁଙ୍କୁ ନାବିକ ସ୍ତୁତି କରିବାର ଗୋଟିଏ ଗୀତ ଦିଆଗଲା–

"ନମସ୍ତେ ଶ୍ରୀ ଶୂନ୍ୟବ୍ରହ୍ମ
ଅଲେଖ ରୂପ ହୋ ଜପ..ଜପ..
ପ୍ରଭୂ ଶୂନ୍ୟ ନିରାନନ୍ଦ ରୂପ ।

x x x

ଅନାମିକା ନାମତତ୍ୱ ଅଣାକ୍ଷରେ ପ୍ରତୀତିତ
ରବି ଦିବା ନିଶି ଜଳାଗ୍ନିର ରୂପ ହୋ ଜପ .. ଜପ
ପ୍ରଭୁ ଶୂନ୍ୟ ନିରାନନ୍ଦ ରୂପ ।"

'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ 'ଦଣ୍ଡ' ଶବ୍ଦର ତେତିଶ ଗୋଟି ଅର୍ଥ ରହିଛି । ସେଥିମଧ୍ୟରୁ ଏଗାରତମ ଅର୍ଥଟି ହେଉଛି 'ଅଶ୍ୱ' । ଚୈତ୍ରମାସରେ କୈବର୍ତ୍ତ୍ୟ ସଂପ୍ରଦାୟରେ ହେଉଥିବା ଘୋଡ଼ାନାଚକୁ ମଧ୍ୟ ଦଣ୍ଡନାଟ କୁହାଯାଏ । ନାବକେଳିରେ ଶ୍ରୀକୃଷ୍ଣ କୈବର୍ତ୍ତ୍ୟ ବେଶଧରି ନିଜ ସଂପ୍ରଦାୟର ଉତ୍ପତ୍ତି ଓ କୌଳିକ ବୃତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମା ବାସେଳୀଙ୍କୁ ସ୍ତୁତି କରନ୍ତି । ଯେପରି–

"କର୍ଣ୍ଣ ମଲ୍ଲୁ କଲ ଜାତ / ଦାସ ରାଜା କୈବର୍ତ୍ତ୍ୟ ।
ଗୁରୁ କରିଲି ଶଙ୍କର ବର୍ତ୍ତିଦେଲେ ମୋର କର
ମୀନ ମରା ଜାଲ ଗୁନ୍ଥା / ସବୁ ତ ତୁମରି ହୋ....
ଏ ସାହା ମୋର ଶୂନ୍ୟ ବିହାରୀ ।"

**ନାବକେଳି ଗୀତ :**

ପ୍ରାୟତଃ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ହେଉଥିବା ଦଣ୍ଡନାଟରେ ନାବକେଳି ପ୍ରସଙ୍ଗଟି ଦେଖିବାକୁ ମିଳେ । ରାଧାକୃଷ୍ଣଙ୍କର କେଳି ବା ପ୍ରୀତି ଉକ୍ତ ନାଟର ପ୍ରସଙ୍ଗ ହେଲେ ହେଁ ଗୋପୀଙ୍କର ଯମୁନାରେ ସ୍ନାନ, ବେଷଭୂଷା ପରିପାଟୀର ବର୍ଣ୍ଣନ, ଦଧି ମନ୍ଥନ, ଦଧି ପସରା ଧରି ମଥୁରା ହାଟକୁ ବିକ୍ରି କରିନେବା, ଯମୁନା ନଦୀ ପାରହେବା ନିମନ୍ତେ ନାବିକକୁ ଡାକିବା, ନାବିକର ବଂଶ ପରିଚୟ, ଉଭୟଙ୍କ ମଧ୍ୟରେ କଳି, ରାଧାଙ୍କୁ ନଦୀପାର ଓ

ମଝି ନଈରେ ରାଧାକୃଷ୍ଣଙ୍କ ନାବକେଳି, ନଦୀକୁ ଶୁଖାଇ ଅଷ୍ଟସଖୀଙ୍କୁ ପାରକରିବା ଆଦିର ଗୀତାଭିନୟ ଦେଖିବାକୁ ମିଳେ। ବେଳେବେଳେ ଗଦ୍ୟାତ୍ମକ ସଂଳାପର ମଧ୍ୟ ପ୍ରୟୋଗ ଦେଖିବାକୁ ମିଳେ। ପରମ୍ପରା କ୍ରମେ ବିଭିନ୍ନ ଦଣ୍ଡଗୁରୁ ବା ମାଷ୍ଟରଙ୍କ ଦ୍ୱାରା ଗୀତଗୁଡ଼ିକର ପରିବର୍ତ୍ତନ ଘଟିଥିଲେ ହେଁ ପରିବେଷଣ ଶୈଳୀଟି ଅପରିବର୍ତ୍ତିତ ରହିଛି। ଏହି ଗୀତଗୁଡ଼ିକ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଂଚଳରୁ ସଂଗୃହୀତ।

**(କ) ସଖୀଙ୍କ ପ୍ରବେଶ :**

ଦଣ୍ଡନାଟର ସମସ୍ତ ଚରିତ୍ରଗୁଡିକରେ ନାୟକର ପ୍ରଥମ ପ୍ରବେଶ ଓ ନାୟିକାକୁ ସଭାକୁ ଡାକିବାର ଦୃଶ୍ୟ ଦେଖିବାକୁ ମିଳେ। ମାତ୍ର ନାବକେଳିରେ ନାୟିକା ପ୍ରଥମେ ପ୍ରବେଶ କରେ ଓ ନାୟକକୁ ଡାକେ। ବାଦ୍ୟର ତାଳେ ତାଳେ ମୂକାଭିନୟ ଦ୍ୱାରା ସଖୀଗଣ ଯମୁନା ନଦୀରେ ସ୍ନାନ ସମାପନ କରି ଶିବ-ପାର୍ବତୀଙ୍କୁ ଦର୍ଶନ କରନ୍ତି। ପାଉଣା ନଦେଇ ସେଠାରେ ବୁଢ଼ା ପୂଜକ ଓ ତା ନାତିଟୋକା ସହ ଥଟ୍ଟାତାମସାର ପଦ୍ୟ ଓ ଗଦ୍ୟମୟ ସଂଳାପ ଦର୍ଶକଙ୍କ ମନରେ ହାସ୍ୟରସ ସୃଷ୍ଟି କରେ। ଦଣ୍ଡନାଟର ଅଧିଷ୍ଠାତ୍ରୀ ଦେବଦେବୀ ଶିବ ଓ ମା କାଳୀ (ପାର୍ବତୀ)ଙ୍କ ଆରାଧନା ନିମନ୍ତେ ତାଙ୍କର ବିଭିନ୍ନ ନାମ ନେଇ ମଙ୍ଗଳାଚାରଣ କରି ନାବକେଳିର ସୂଚାରରୂପେ ସମାପନ ନିମନ୍ତେ ସାହା ହେବାକୁ ପ୍ରାର୍ଥନା କରନ୍ତି। ଏଥିସହ ସୁଧିଜନମାନଙ୍କ ଆଶୀର୍ବାଦ ଲୋଡ଼ନ୍ତି।

(କ) ମାତଲୋ ଦକ୍ଷିଣକାଳୀ
ତୋର ପାଦେ କରୁଅଳି, ମାତଲୋ ...
ସାହା ହୁଅ ମା କାଳିକା
ସେବିବୁ ମନ୍ଦାର ମାଳି, ମାତଲୋ...

xxx

ବୈକୁଣ୍ଠରେ ସର୍ବମଙ୍ଗଳା / ମା' କରୁଛୁ ଲୀଳା ଖେଳା
ପୁରୀ କ୍ଷେତ୍ରେ ତୁ ବିମଳା
ଭଦ୍ରକାଳିକା ତୋ ନାମଟି ଲଙ୍କାଗଡ଼େ ରହିଲା।
ତୁମ୍ଭ ଦୟା ହେଲେ ପଣ୍ଡିତ କରିବୁ ପ୍ରକାଶ
ହରିବଂଶ ରସାମୃତ ଗୋ ସଦା ସର୍ବଦା ଘୋଷ।

ମଙ୍ଗଳାଚାରଣ ପରେ ଦଧି ମନ୍ଥନ କରି ମଥୁରା ହାଟକୁ ଦଧି ବିକି ନେବାକୁ ପ୍ରସ୍ତୁତ ହେବେ। ବାଟରେ ନିଜର ବେଶଭୂଷା ସଂପର୍କରେ ସଭାକୁ ଜଣାଇଦେବେ।

ନାନା ରଙ୍ଗେ ଶାଢ଼ିମାନ ଅଙ୍ଗେ କରି ଆଭରଣ
ପିନ୍ଧି ଦିଶନ୍ତି ସୁବର୍ଣ୍ଣ ନାଗରଧରା ଲୋ
ବାହାରିଲେ ବ୍ରଜବାଳୀ ଘେନି ପସରା ଗୋ ବାହାରିଲେ... ।
ନାସାରେ ଗୁଣାବସୁଣି ବଚନେ ନିଅନ୍ତି କିଣି
ମଥାପରେ ମଥାମଣୀ କନକ ହୀରା ଲୋ ବାହାରିଲେ.. ।

ଯମୁନା ନଦୀ ଶୀତ ଋତୁରେ ହଠାତ ଫୁଲିଉଠିଥିବା ଦେଖି ମନରେ ଆଶଙ୍କା ସୃଷ୍ଟିହେବ। ଏ ଅବେଳାରେ ବିନା ବର୍ଷାରେ ନଦୀରେ ଉଜାଣି ଦେଖି ସମସ୍ତେ ଭାଗ୍ୟକୁ ନିନ୍ଦିବେ। କୋଉ ଅଶୁଭ ଚେହେରା ଓ ସଂକେତ ଆସିଲାବେଳେ ପାଇଥିଲେ ତାହା ପ୍ରକାଶ କରି ମନ ଦୁଃଖରେ ଘରକୁ ଫେରିଯିବାକୁ ସମସ୍ତେ ଉଦ୍ୟତ ହେବେ। ମାତ୍ର ଶାଶୁ ନଣନ୍ଦଙ୍କ ଗଞ୍ଜଣା ଓ କଂସ ରାଜାର ହୁକୁମ ଯୋଗୁଁ ଘାଟିଆ ବା ନାଉରିଆକୁ ଖୋଜିବେ।

(କ) ଚାହାଁ ଚାହାଁ ଚାହାଁ ମିତଣି
ଖରାବେଳେ ମାଡ଼ି ଆସୁଛି ପାଣି ଲୋ
ଚାହାଁ ଚାହାଁ ଚାହାଁ ମିତଣି
ଦେଖ କୂଳେ ନାହିଁ ନାଉରୀ ଗୋ
କେଉଁ ପରି ହୋଇବା ପାରି
କେ ବୋଲେ ବଉଳ ଫେରିଯିବା ଚାଲ
ଗାଳିଦେବେ ଶାଶୁ ନଣନ୍ଦ ପୁଣି ଲୋ
ଚାହାଁ ଚାହାଁ ଚାହାଁ ମିତଣି..
ରାଧା ବୋଲନ୍ତି ପ୍ରିୟ ସହି ଗୋ
ମନେ କିଛି ନଭାବ ତୁହି
ଘାଟିଆ ଡାକିବା ପାରହୋଇଯିବା
ମନରେ ହରଷ ହୋଇବା ପୁଣି
ଚାହାଁ ଚାହାଁ ଚାହାଁ ମିତଣି।

(ଖ) ଆଣରେ ନାଉରୀ ତୋର ନାବ ବାହି
ମଥୁରାକୁ ଯିବୁ ଆମେ ବ୍ରଜଗୋପୀଗଣ
ମୁଣ୍ଡରେ ଧରି ପସରା ମଥୁରାକୁ ଯିବୁ
ଶାଶୁ ନଣନ୍ଦିଆ ଘର ଶୀଘ୍ର ବାହୁଡ଼ିବୁ
ପୂଜିବେ ଶିବଶଙ୍କର କଂସ ଥିବେ ଚାହିଁ
ଉଛୁର ହେଲେ କଂସ ଗାଳିଦେବ ସେହି।

**ନାବିକ ପ୍ରବେଶ :**

ସଖୀମାନଙ୍କର ବିକଳ ଡାକ ପରେ ନାବିକ ବେଶଧାରୀ କୃଷ୍ଣ ନିଜର ପରିଚୟ ଦେଇ ଯମୁନା ନଦୀ ବଢ଼ାଇବା କଥା ସଭାକୁ ଜଣାଇବେ । ଏହା ତାଙ୍କର ଅନ୍ୟ ଏକ ଲୀଳା ବୋଲି କହି ପରଂବ୍ରହ୍ମଙ୍କୁ ସ୍ତୁତି କରିବେ । ସ୍ତୁତି ପରେ ନାବିକ ନିଜର ଉତ୍ପତ୍ତି ଓ ସୃଷ୍ଟି ସଂପର୍କରେ କୁହେ । ଯେତେବେଳେ ପ୍ରଳୟ ଘଟିଲା ଏ ସଂସାର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଗଲା ବିଷ୍ଣୁ କୈବର୍ତ୍ତ୍ୟଙ୍କୁ କାନ ମଳରୁ ସୃଷ୍ଟିକରି କଳ୍ପବୃକ୍ଷରୁ ଖଣ୍ଡେ ଡଙ୍ଗାକରି ଏ ସଂସାରକୁ ପାରିକାରିବାକୁ ନିର୍ଦ୍ଦେଶ କଲେ ଓ ନାମ ଦେଲେ ଦାସ ରାଜା ।

ହେ ବ୍ରହ୍ମ ପୁରୁଷ ତୁମେ ଶୂନ୍ୟେ ଅଛ ରହି
ଏ ଭବ ସାଗରୁ ମୋତେ କରିଦିଅ ତ୍ରାହି
ତବ ବିନୁ ଅନ୍ୟଗତି ନାହିଁ, ହେ ଠାକୁରେ
କର୍ଣ୍ଣ ମଳୁ ଜାତ କରିଲ କୈବର୍ତ୍ୟ
ନାମ ଦେଲ ଦାସ ବୋଲି
ପ୍ରଳୟ କାଳରେ ସେ ବଟପୁଟରେ
ଦେଇଥିଲ ଖଣ୍ଡେ ତରୀ, ହେ ଠାକୁରେ
ସେଦିନୁ ଖୋଜୁଛି ତୁମକୁ ପ୍ରଭୁ ହେ
ତବ ନାମ ଗାଇ ଗାଇ
ଏ ଭବରୁ କରିଦିଅ ତ୍ରାହି, ହେ ଠାକୁରେ ।

ପରଂବ୍ରହ୍ମଙ୍କୁ ସ୍ତୁତି ଓ ଜଣାଣ ସହ ନିଜକୁ କୈବର୍ତ୍ତ୍ୟ ସମ୍ପ୍ରଦାୟର ପରିଚୟ ଦେଇ ନାବିକ ନିଜର ଇଷ୍ଟଦେବୀ ମା ବାସେଳୀଙ୍କୁ ସ୍ମରଣ କରନ୍ତି । ସେ ଜାଣିଛନ୍ତି ଯେ ବାସେଳୀଙ୍କୁ ବାଦଦେଇ ମୀନ ମାରିବା ଅସମ୍ଭବ । ଭଲ ମୀନ ଧରିଲେ ମା ବାସେଳୀକୁ ମଗର ବଳି ଦେବ ବୋଲି ସେ କୁହନ୍ତି ।

କୈବର୍ତ୍ତ୍ୟର କୌଳିକ ବୃତ୍ତି ହେଲା ମାଛ ମାରିବା । ମାଛ ମାରି ପରିବାର ପୋଷଣ କରିବା ତାର ଧର୍ମ । ତେଣୁ ନଦୀରେ ମାଛ ମାରିବା ସମୟରେ ସେ ଅନେକ କଥା ଭାବୁଛି । ଅନେକ ମାଛର ନାମକୁ ସ୍ମରଣ କରୁଛି । ପୂର୍ବଥର ହଇରାଣ କରିଥିବା ମାଛମାନଙ୍କୁ ଏଥର ଶାସ୍ତିଦେବାକୁ ଭାବୁଛି । ଜଳଚରମାନଙ୍କର ପରମ୍ପରା ନେଇ କେତେକ ଗୀତ–

(କ) ସୁଅ ଦେଖି ସୂତିକଣ୍ଟା ପକାଇ ଅଛି
କଣ୍ଟିଆ ମାଗୁର ଲାଗିବେ ବୋଲି ଭାବୁଛି
ସେ ପିତା କରାଣ୍ଡି ହେଉଛି ଦରାଣ୍ଡି
ଥୁପଟା ମୋହର ଆଜି ଗିଳିଦେଉଛି
ରହ ରହ ଆଉ ଥରେ ମୁଁ ଥୋପ ପକାଇ
କେରାଣ୍ଡି ତୋ ମଜା ଛଡ଼ଉଛି ।

ନଦୀ ଖଣ୍ଡିରେ ଭୂତ କି ପିଶାଚୀ ବୋଲି ନାବିକ ଭୟଭୀତ ହୋଇ ପରିଚୟ ପଚାରିବେ । ସମସ୍ତ ଗୋପପୁରର ବାଳା ବୋଲି ପରିଚୟ ଦେବେ । ନାବିକ ସନ୍ଦେହରେ ସେମାନଙ୍କୁ ବହୁ ପ୍ରଶ୍ନ ପଚାରିବେ । ପ୍ରଶ୍ନଗୁଡ଼ିକ ବେଶ୍ ମାର୍ମିକ ଓ ପୁରାଣ ଆଧାରି । ଏଥିରୁ ସେମାନଙ୍କର ଶାସ୍ତ୍ରଜ୍ଞାନ ଜଣାପଡ଼େ । ପ୍ରସଙ୍ଗ ଆଧାରିତ ଯେତକ ପ୍ରଶ୍ନ ଓ ଉତ୍ତର ପଦ୍ୟଧର୍ମୀ । ବାଦିପାଲା ପରି ବାଦିଦଣ୍ଡରେ ମଧ୍ୟ ଏ ପ୍ରଶ୍ନ ଆହୁରି କଠିନ ହୋଇପଡ଼େ ।

**ନାବିକ–** କିଏ ଲୋ କାହିଁକି ଡାକୁଅଛ ମୋତେ
ମୁଁ ତ ଜାଣି ନପାରୁଛି ଲୋ
ମରା କି ମଶାଣି ଡାହାଣୀ ପିଶାଚୀ
ଘାଟରେ କିଏ ଡାକୁଛି ଲୋ ମୋତେ ଲାଗେ ସନ୍ଦେହ ?

**ସଖୀ–** ଗୋପପୁରୁ ଆମେ ଆସିଛୁରେ ଆମେ ଗୋପ ନାୟିକା
ଦହିଦୁଗ୍ଧ ବିକିବାରେ ହେଲା ଆମ ବେଉସା ।

**ନାବିକ–** ଗୋପପୁରୁ ଯେବେ ଆସିଛ ଲୋ
ତୁମେ ଗୋପର ଗୋଇ କିଛି ପଚାରେ ମୁହିଁ
ଗୋପବୋଲି କିମ୍ବା ନାମଟି ଲୋ ମୋତେ ଦିଅ ବତାଇ ?

**ସଖୀ–** ପୂର୍ବେ ରୁଦ୍ର ବ୍ରହ୍ମା ଥିଲେଟିରେ ବିଷ୍ଣୁଙ୍କ ଦ୍ରୋହୀ ହେଲେ
ବିଷ୍ଣୁ ଚକ୍ର ପେଶିଲେ / ଗୋମାତ୍ୟ ଶାପ୍ୟ କରନ୍ତେ ଯେ
ଗୋପ ନାମଟି ଦେଲେ ।

**ନାବିକ–** କିଲୋ ଦାଣ୍ଡ କେତେ ଅଛି ଗୋପରେ ଲୋ
କେତେ ରହିଛି ଘର
ଗୋଷ୍ଠ କେତେ ଗୋପର
ଗାଇ କେତେଛନ୍ତି ଖୁଆ କେତେ ମୋତେ କୁହ ସତ୍ୱର ?

**ସଖୀ–** ଦ୍ୱାଦଶ ଦାଣ୍ଡ ଗୋପରେ ରେ ନବଲକ୍ଷ ଘରଟି
ନବଲକ୍ଷ ଗୋଗୋଷ୍ଠୀ
ପନ୍ଦର ଲକ୍ଷ ଗାଇଟିରେ ନବଲକ୍ଷ ଖୁଆଟି ।

**ନାବିକ–** ତୁମେ ତ ଗୋପ ନବୀନା
କଂସ କିମ୍ବା ଗୋପ ଯାଏନା
ମୋତେ ବୁଝାଇ କହିବ ଗୋପୀଏ ସିନା ?

**ସଖୀ–** ଗୋମତ ଋଷିଙ୍କ ଶାପ୍ୟରେ

କଂସ ପରା ଗୋପପୁର ନଯାଏରେ

ତତେ ବୁଝାଇ କହିଲୁ ଧୀବରରେ ।

**ସଖୀ ଓ ନାବିକ କଳି :**

ଦଣ୍ଡ ନାଟର ସମସ୍ତ ଚରିତ୍ରରେ କଳି ପ୍ରସଙ୍ଗରୁ ଲୋକେ ଅଧିକ ଆନନ୍ଦ ଉଠାନ୍ତି । ଗ୍ରାମୀଣ ଜନତା ପରଘର କଳି ଦେଖିବାରେ ଆନନ୍ଦ ପାଏ । କିଛି ଆପୋଷ ବୁଝାମଣାରେ ବ୍ୟାଘାତ ଘଟିଲେ ସାଧାରଣତଃ କଳି ଉପୁଜେ । ମୁକ୍ତାକାଶ ମଞ୍ଚରେ ଯେଉଁଭଳି କଳିହୁଏ ଲୋକେ ଉତ୍ସାହର ସହ ଦେଖନ୍ତି । ଦଣ୍ଡର ଅନ୍ୟ ଚରିତ୍ର ପରି ଏଥିରେ ମଧ୍ୟ କଳି ଦେଖିବାକୁ ମିଳେ । ସେଥିରେ ଦାମ୍ପତ୍ୟ ଜୀବନକୁ ନେଇ କଳି ହେଉଥିବାସ୍ଥଳେ ଏଥିରେ ନିଜର ବେଉଶା, କୁଳ ଇତ୍ୟାଦିକୁ ନେଇ କଳି ହୁଏ । ନାବିକ ନିମ୍ନବର୍ଗର ତଥା ନିମ୍ନ ସମାଜର ପ୍ରତିନିଧି । ସଖୀଗଣ ଉଚ୍ଚ ଶ୍ରେଣୀୟ । ତେଣୁ ଦୁଇ ସଂପ୍ରଦାୟ ମଧ୍ୟରେ କଳି ଆହୁରି ଉତ୍ସାହ ପ୍ରଦାନ କରେ । କଳି ପରେ ଆପୋଷ ବୁଝାମଣା ହିଁ ସାମାଜିକ ନ୍ୟାୟ । ଯାହା ସମାଜ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଧ୍ୟପୂର୍ଣ୍ଣ ଜୀବନଯାପନ କରିବାକୁ ନିର୍ଦ୍ଦେଶ ଦିଏ । ବାଦିଦଣ୍ଡରେ ଏ କଳି ଏତେ ଉତ୍କଟ ହୁଏ ଯେ ବେଳେ ବେଳେ ବିଚାରପତି ମଧ୍ୟ ଶାଳିନତା ରକ୍ଷାକରି କଳି କରିବାକୁ ନିର୍ଦ୍ଦେଶ ଦିଅନ୍ତି । ତେବେ ଉକ୍ତ କଳିରେ ଏଇ ଦୁଇ ସଂପ୍ରଦାୟ ମଧ୍ୟରେ ବାସ୍ତବ ଛବି ଦେଖିବାକୁ ମିଳେ ।

**ସଖୀ–** ପାରି ନକରି ତୁ ମାରୁ ଫୁଟାଣି

ସଜ ଦହି ଆମ ଖଟା ହେଲାଣି

କାଗଜି ଲେମ୍ବୁ ପାରି ନକଲେ ଦଣ୍ଡ ପାଇବୁ

ଭଲ ଦଶା ଯେବେ ଅଛି

କିଛି ନକହିଣ ଦେ ପାରକରି

ନହେଲେ ହୋଇବୁ ମାଛିରେ ପିଲା ହେଲେ ଅବୁଝା ।

କେଉଟିଆ ଜାତି ଖାଉ ମାଛ କାତି

ଦହଗନ୍ଧେ ଅଇଁସିଆ,

କାହା ଶିକ୍ଷା ପାଇ ଆସିଅଛୁ ଧାଇଁ

ନାବରେ ହେଇଛୁ ଠିଆରେ ଆରେ ଢେଲା ଆଖିଆ ।

**ନାବିକ–** ମଲା ମଲା ଯା ଏ ଗୋପୀ ପଲ

କୋଉଠି ଥିଲ ଲୋ, ମଲା ମଲା ଯା ଏ ...

ମାରିଛ ସିନ୍ଦୁର କଳି ଦିଶୁଅଛ ବାଞ୍ଝ ଭଳି

ତୁମ ଫୁଣ୍ଡା ଫୁଣ୍ଡା ଗାଲ ଦେଖି କରିବି ଗେଲ

ମଲା ମଲା ଯା ଏ ଗୋପୀପଲ ।

**ସଖୀ–** ବୁଢା କୁକୁର ଆମ୍ଭ ଚାକର ତୁଇ ପରା ବୁଢ଼ା ଗୁଧି

ମାଇପ ତୋହର ରାନ୍ଧି ନଜାଣଇ ପିଟୁଥାଉ ତାକୁ ବାନ୍ଧି ।

ମାଇଚିଆ ତୁହି ମହ୍ଲାର ମୁହାଁ ଗଉଡୁଣୀଙ୍କର

ଅଇଁଠା ଖିଆ କେତେ ପ୍ରାଣ କରୁ ଦାବୀ

ମାଇପ ତୋହର କାଳିଭୂଷୁଣ୍ଡିଆ ପିଟୁଥାଉ ତାକୁ ବାନ୍ଧି ।

**ନାବିକ–** ଆଲୋ ଗଉଡୁଣୀ ହେଲ ବାଇଆଣୀ

ତୁମ ଘଇତାଏ ବେଢ଼ା ଲୋ

ସକାଳ ପ୍ରହରୁ ଉଠିକରି ସର୍ବେ

ହାତେ ଧରି ଖୁଆ ଧଡ଼ା ଜାତ କର ଲବଣୀ

ଶାଳୀ କ୍ଷୀରରେ ମିଶାଅ ପାଣି, ଜାତ କର ଲବଣୀ ।

ଏହି କଳି ଗୀତକୁ ଅନୁଧ୍ୟାନ କଲେ ଲୋକକବିର ଚତୁରତା ଏବଂ ଚାଟୁକତା ସଂପର୍କରେ ଜଣାପଡ଼େ । ସମାଜରେ ପ୍ରଚଳିତ କଳି ସମୂହକୁ ଗୀତର ରୂପାନ୍ତର ଦେବା ଓ ବିଭିନ୍ନ ଚାଟୁକଥା ମାଧ୍ୟରେ ଉପସ୍ଥାପନା କରିବାରେ ଲୋକକବିର ପ୍ରତିଭା ମାଧୁର୍ଯ୍ୟ ଅଟେ । ପଦକୁ ପଦ ଛନ୍ଦି ଯେଉଁ ଅଶ୍ଳୀଳତାର ଭାବ ପ୍ରକାଶ କରାଯାଇଛି, ତାହା ଅଶ୍ଳୀଳତା ନୁହେଁ ବରଂ ତା'ର ଏକ ସୌନ୍ଦର୍ଯ୍ୟ ତାତ୍ତ୍ୱିକ ମୂଲ୍ୟ ରହିଛି । ଏହି କଳହର ଚିତ୍ର ଦର୍ଶକର ଚିତ୍ତକୁ ରସଚେତନାର ଉର୍ଦ୍ଧ୍ୱକୁ ନେଇଯାଏ ।

**ସଖୀ–** ଗୋପପୁର ବୋହୁ ଆମ୍ଭେ ଗୋପପୁର ନାରୀ

ଘାଟେ ଯାହା କହିବୁରେ ଠିଆଦେବୁ ଚିରି

ମା' ଆଣଶୁକୁରି ହେବ ଯେ ପୁଅ ଛେମୁଣ୍ଡ

ମାଇପ ତୋହର ଆଜି ଠାରୁ ହେବ ରାଣ୍ଡ ।

ଭଉଣୀ ତୋହର ହେବ ଭାଇ ନିରିମାଖି

ବାହୁନି କାନ୍ଦିବ ତୋର ଭଉଣୀ ଛନକୀ ।

**ନାବିକ–** କିଲୋ ଆଜି ଦେବି କାଣ୍ଡି

ମର୍ମସ୍ଥାନ ଉଣ୍ଡି ମୁଖେ ବନ୍ଧାଇବି ତୁଣ୍ଡି

ଫୁଣ୍ଡି ରାଣ୍ଡିଗାଲେ ଡିହ ବସାଇବି

ଚୁଟିକାଟି କରି ଲାଣ୍ଡି ଆଲୋ ଦୁରୁଦଣ୍ଡି

ମୁତୁରୀ କାଳିଭୂଷୁଣ୍ଡି ଆଲୋ ଦୁରୁଦଣ୍ଡି ।

ପରସ୍ପର ପ୍ରତି ଆକ୍ଷେପ ଭିତରେ କଳିଗୀତ ସବୁ ସଂଯୋଜିତ

ହୋଇଛି । ପରିଶେଷରେ ଉଭୟଙ୍କ କଳି ଶେଷ ହୋଇଯାଏ । ସଖୀମାନେ ବୁଝନ୍ତି ଯେ ନଦୀପାର ହେବା ପାଇଁ ନାବିକର ଆବଶ୍ୟକତା ରହିଛି । ତେଣୁ ତା' ସହ କଳି କରି କିଛି ଲାଭ ନାହିଁ । ଉଭୟଙ୍କ ମଧ୍ୟରେ ବୁଝାମଣା ପରେ ନାବିକ ଜଣ ଜଣ ପାରିହେବାକୁ ନିର୍ଦ୍ଦେଶ ଦିଏ । ଏଥିରେ ଗୋପୀମାନେ ସହମତି ପ୍ରକାଶ କରନ୍ତି । ନାବିକ କୂଳରେ ଡଙ୍ଗା ଲଗାଏ । ଧର୍ମ ଡଙ୍ଗାକୁ ଗୋପୀଗଣ ବନ୍ଦାଇ ନଦୀରେ ନାବ ପ୍ରବାହିତ କରିବାକୁ ନାବିକକୁ ନିର୍ଦ୍ଦେଶ ଦିଅନ୍ତି । ପ୍ରଥମେ ସତୀ ନାରୀ ରାଧା ଡଙ୍ଗାରେ ପାରି ହୁଅନ୍ତି । ନଦୀର ମଝିଗର୍ଭରେ ହଠାତ କୁହୁଡ଼ି ଘୋଟିଆସେ । ହଠାତ ନାବିକର ଅର୍ନ୍ତଧ୍ୟାନ ହୋଇଯିବା ରାଧାଙ୍କ ମନରେ ନାନା ଆଶଙ୍କା ସୃଷ୍ଟିକରେ । ରାଧା ନିଜର ପ୍ରାଣ ବଞ୍ଚାଇବାକୁ କୃଷ୍ଣଙ୍କୁ ସ୍ମରଣ କରନ୍ତି । ହଠାତ ନାବିକର ଆବିର୍ଭାବ ହୁଏ । ରାଧାଙ୍କ ଅଳଙ୍କାର ଯୋଗୁଁ ଡଙ୍ଗା ବୁଡ଼ିବାର ଆଶଙ୍କା ନେଇ ନାବିକ ରାଧାଙ୍କୁ ସୂଚନା ଦିଏ । ରାଧା ଅଳଙ୍କାର ସମୂହ ନଦୀକୁ ନଫିଙ୍ଗି ନାବିକକୁ ଦାନ କରି ଦିଅନ୍ତି । ମାତ୍ର ନାବିକ ଅଳଙ୍କାର ବଦଳରେ ରାଧାଙ୍କ ରୂପ ଯୌବନରେ ପ୍ରଲୋଭିତ ହୋଇ ରତି ଭିକ୍ଷା କରନ୍ତି । ଏ ବୁଢ଼ା ବୟସର ନାବିକଙ୍କର ଏସବୁ ବ୍ୟବହାର ଦେଖି ରାଧା ନାବିକକୁ ଧିକାର କରନ୍ତି । ନାବିକ ହସି ହସି ନିଜକୁ କୃଷ୍ଣର ପରିଚୟ ଦେଇ ରାଧାଙ୍କୁ ତ୍ରିଭଙ୍ଗୀ ଠାଣିରେ ଆବାହନ କରନ୍ତି । ସେଠାରେ ରାଧାକୃଷ୍ଣ ଚଉଷଠି ବନ୍ଧେ ରତିକରି କେଳି ସମାପନ କରନ୍ତି ।

କୃଷ୍ଣ ଗୋପୀମାନଙ୍କ ପାଖରେ ପହଞ୍ଚି ମାଇଁଙ୍କୁ ଖୋଜନ୍ତି । ମାଇଁଙ୍କୁ ଗୋପୀମାନେ ଧୀବର ସହ ଛାଡ଼ିଦେବାକୁ ସେ ତୀବ୍ର ନିନ୍ଦା କରନ୍ତି । ପରିଶେଷରେ ଗୋପୀମାନଙ୍କୁ ସେ ନଦୀ ଶୁଖାଇ ଦହିଖାଇ ନଦୀପାର କରାନ୍ତି । ଏହା ହେଲା ନାବକେଳିର ସମ୍ପୂର୍ଣ୍ଣ କଥାବସ୍ତୁ ।

ଦଣ୍ଡନାଟରେ ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ଶବର-ଶବରୁଣୀ, ପତର ସଉରା-ସଉରାଣୀ, କେଳା-କେଳୁଣୀ, ବିଣାକାରିଆ, ବାଇଧନିଆ ଆଦି ପ୍ରମୁଖ ଚରିତ୍ର । ମାତ୍ର ନାବକେଳି ପ୍ରସଙ୍ଗଟି ଦର୍ଶକଙ୍କ ବହୁତ ପସନ୍ଦ । ଦର୍ଶକଙ୍କ ନାବକେଳି ଦେଖିବାର ଉତ୍ସୁକତା, ଏହାର ଲୋକପ୍ରିୟତାକୁ ଦର୍ଶାଏ । ଦୂରଦୂରାନ୍ତରୁ ଲୋକମାନେ ଏହି ନାବକେଳିକୁ ହିଁ ଦେଖିବାକୁ ଆସନ୍ତି । ନାବକେଳି ଶେଷ ହେଲେ କ୍ରମଶଃ ଦର୍ଶକଙ୍କ ସଂଖ୍ୟା କମ୍ ହୋଇଯାଏ । ତେଣୁ ସାମ୍ପ୍ରତିକ କାଳରେ ନାବକେଳି ହିଁ ଦଣ୍ଡନାଟର ପ୍ରମୁଖ ପ୍ରସଙ୍ଗ । ନାବିକ ହିଁ ମୁଖ୍ୟ ଚରିତ୍ର ବୋଲି ଦର୍ଶକମାନେ ବିବେଚନା କରନ୍ତି ।

**ପ୍ରାନ୍ତଟୀକା :**


୧. ଦାଶ କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ କାହାଣୀ । ବିଶ୍ୱଭାରତୀ, ଶାନ୍ତିନିକେତନ, ଓଡ଼ିଆ ଗବେଷଣା ବିଭାଗ । ୧ମ ସଂସ୍କରଣ-୧୯୫୮, ପୃ-୧୩୬ ।

୨. ସାହୁ ଲକ୍ଷ୍ମୀନାରାୟଣ, ଦଣ୍ଡନାଟ । ଉତ୍କଳ ସାହିତ୍ୟ ପ୍ରେସ୍, କଟକ । ୧ମ ପ୍ରକାଶ-୧୯୪୭, ପୃ-୧୧୯ ।



ଗବେଷକ, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ-୯୫୫୬୯୨୪୫୨୬

ISSN -2583-147X(P), **Vol.- 8, Issue No. V, August 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ତୁଳନାତ୍ମକ ଆଲୋକରେ 'ବିକଳ ଅନ୍ତର' ଆକାଂକ୍ଷାର କବିତା 'ଅଳକା ସାନ୍ୟାଲ': ଏକ ପ୍ରାୟୋଗିକ ସୂକ୍ଷ୍ମାନୁଶୀଳନ

**ଡକ୍ଟର ସନ୍ତୋଷ କୁମାର ନାୟକ,** ଓ.ଶି.ସେ-୧

ଅନାମ ଗୋଷ୍ଠୀର ସୁନାମଧନ୍ୟ ସ୍ରଷ୍ଟା ହେଉଛନ୍ତି ଡକ୍ଟର ଫନୀ ମହାନ୍ତି (୨୫.୦୧.୧୯୪୪) । ସତୁରୀ ଦଶକରେ ଭୁବନେଶ୍ୱରରୁ ପ୍ରକାଶିତ ସଂଭ୍ରାନ୍ତ ସାହିତ୍ୟ ଓ ସମାଲୋଚନାଧର୍ମୀ ପତ୍ରିକା 'ସଂଯୋଗ'ର ସୁଯୋଗ୍ୟ ସଂପାଦକ ହିସାବରେ ଡକ୍ଟର ମହାନ୍ତିଙ୍କ ଖ୍ୟାତି କିଛି କମ୍ ନୁହେଁ । ସ୍ୱପ୍ନ, ବାସ୍ତବତା, ପ୍ରେମ-ପ୍ରଣୟ, ଭାରତୀୟ ଅଧ୍ୟାତ୍ମବାଦ, ଉପନିଷଦ ଦର୍ଶନ, ବିଷାଦବାଦୀ ଚେତନା, ମିଥ୍ ଓ ବାସ୍ତବତାକୁ ନେଇ ନିଜସ୍ୱ ଶୈଳୀରେ ଲଜିକ୍, ଉପପାଦନ ବା ଅନୁଗମ ଦ୍ୱାରା ଅଧିଷ୍ଠାପନ (Objection and objectification through the method of Induction) ଧାରା ଆପଣେଇବା ଏବଂ ତନ୍ମୟ ମାଧ୍ୟମରେ ମନ୍ମୟ ବକ୍ତବ୍ୟରୁ ମନ୍ମୟ ସିଦ୍ଧାନ୍ତରେ ଉପନୀତ ହେବା କବି ଡକ୍ଟର ମହାନ୍ତିଙ୍କର ଏକ ସ୍ୱାଭାବିକ ସ୍ୱାତନ୍ତ୍ର୍ୟ । ଆଲୋଚ୍ୟ 'ଅଳକା ସାନ୍ୟାଲ' କବିତାରେ ମଧ୍ୟ ଉପର୍ଯ୍ୟୁକ୍ତ ବକ୍ତବ୍ୟର ସତ୍ୟତା ଯାଞ୍ଚ କରାଯାଇପାରେ । ଏସବୁ ପଶ୍ଚାତ୍‌ରେ ରାଉତରାୟ ଓ ଗୁରୁପ୍ରସାଦଙ୍କ ଶୈଳୀର ଧାରା ହିଁ ରହିଛି । "ଓଡ଼ିଆ କବିତାରେ ସଚ୍ଚି ରାଉତରାୟ, ଗୁରୁପ୍ରସାଦ ଓ ରମାକାନ୍ତଙ୍କ କାବ୍ୟଚେତନା ଦେଇ ଯେଉଁ ନୂତନ ସେତୁଟି ସୃଷ୍ଟି ହେଲା ଏବଂ ଯେଉଁ ଅଦୃଶ୍ୟ ଦିଗନ୍ତଟି କବିତାର ଦିଗ୍‌ବଳୟରେ କ୍ରମଶଃ ଦୃଷ୍ଟିଗୋଚର ହେଲା କବି ଫନୀ ମହାନ୍ତିଙ୍କ କାବ୍ୟସତ୍ତା ସେଥିରୁ ଉଦ୍‌ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।" (୨୦୧୩:୧୮୦) 'ମାନଚିତ୍ର' ସଂକଳନର ଏହି କବିତା କବି ଡକ୍ଟର ମହାନ୍ତିଙ୍କର ପ୍ରାଥମିକ ପ୍ରଚେଷ୍ଟାର ଫଳଶ୍ରୁତି ମାତ୍ର । କବିତାଟି ଖୁବ୍ ସୁଚିନ୍ତିତ, ବୌଦ୍ଧିକତା ଓ ସ୍ନିଗ୍ଧ ଭାବାବେଗର ମଧୁର ସମନ୍ୱୟ ମାତ୍ର । ବର୍ତ୍ତମାନ କବିତାଟିର ମୂଳ ତଥା ଅସଲ ଅଭିପ୍ରାୟ ଜାଣିବା ପାଇଁ ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦଙ୍କ କବିତା ଗୁଡ଼ିକ (ଚନ୍ଦ୍ରାବତୀ, ଅଳସା ସାନ୍ୟାଲ, ଅଳକା ସାନ୍ନ୍ୟାଲ)ର ତୁଳନାତ୍ମକ ବିଚାର ଆବଶ୍ୟକ ।

ସେ ଚନ୍ଦ୍ରାବତୀ, ସେ ବି ଅଳକା ସାନ୍ୟାଲ୍, ସେ ବୈଦେହୀ, ସେ ଦ୍ରୌପଦୀ, ସେ ଉର୍ବଶୀ, ସେ ସହପାଠିନୀଟିଏ ନାଳନ୍ଦାର, ସେ ପ୍ରଗଳ୍‌ଭା ନାରୀନେତ୍ରୀଟିଏ, ଅଭିସାରିକାଟିଏ, ନୂଆଖାଲିର ପଠାଣବସ୍ତିର ପୀଡ଼ିତା, ଜର୍ଜରିତା ଜୀବନଟିଏ, ଗଣିକାଟିଏ, ସେ ସାଧାରଣ ନାରୀଟିଏ, ସେ ପ୍ରତିମା, ସେ ମିନତି, ସେ ମୀରା ଆଉ ସେ ମଧ୍ୟ ଅନିମା ବସ୍ତିଆ । ସଚ୍ଚିଦାନନ୍ଦଙ୍କ ଅଳକା ସାନ୍ୟାଲ (୧୯୮୭: ୧୯୯-୨୦୦), ପ୍ରତିମା ନାୟକ (୧୨୮-୨୯), ଚନ୍ଦ୍ରାବତୀ (୧୫୧-୫୩), ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ (୧୯୭୦: ୧୯-୨୦), 'କାଳପୁରୁଷ'ର ପ୍ରତିମା, ମିନତି, ମୀରା (୫୪), ଅବା ତାଙ୍କ 'ପ୍ରିୟ ବାନ୍ଧବୀ' (୧୦-୧୩) ଅଥବା ଜୀବନାନନ୍ଦଙ୍କ 'ବନଲତା ସେନ୍' ବା ଯେକୌଣସି ନାରୀଟିଏ ହୋଇପାରେ ଅଳକା ସାନ୍ୟାଲ୍ । ସଚ୍ଚିଦାନନ୍ଦଙ୍କ 'ପାଣ୍ଡୁଲିପି' (୧୯୪୭) ଓ ଗୁରୁପ୍ରସାଦଙ୍କ 'ନୂତନ କବିତା' (୧୯୫୫) ବା ସମୁଦ୍ରସ୍ନାନ (୧୯୭୦)ର ଅଳକା ସାନ୍ୟାଲ୍‌ର ପ୍ରତିବେଦନ ନିହାତି ସ୍ୱତନ୍ତ୍ର ଓ ଭିନ୍ନ ଭିନ୍ନ । ପ୍ରକୃତ ପକ୍ଷେ କହିବାକୁ ଗଲେ ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦଙ୍କ କବିତାର ଆବେଦନ ପରସ୍ପର ବିରୋଧୀ । ସଚ୍ଚିଦାନନ୍ଦ ତାଙ୍କ ଅଳକା ସାନ୍ୟାଲ୍‌ରେ ନାରୀ ପ୍ରତି Sympathetic ହୋଇଥିଲାବେଳେ ଗୁରୁପ୍ରସାଦ Antipathic ହୋଇଛନ୍ତି । ସଚ୍ଚିଦାନନ୍ଦ ନାରୀ ଠାରେ ସଂଭ୍ରମତା, ଶାଳୀନତା ଓ ପରାଧୀନତା ଦେଖିଥିଲାବେଳେ ଗୁରୁପ୍ରସାଦ ଦେଖିଛନ୍ତି ଉଗ୍ର ସ୍ୱାଧୀନତା, ସ୍ୱଚ୍ଛନ୍ଦପଣିଆ ଓ ସ୍ୱେଚ୍ଛାଚାରିତା । ସଚ୍ଚିବାବୁଙ୍କ ନାରୀ ମଧ୍ୟଯୁଗୀୟ ଓ ସହନଶୀଳା ମାତ୍ର ଗୁରୁବାବୁଙ୍କ ନାରୀ ଆଧୁନିକ ଓ ପ୍ରତିକ୍ରିୟାଶୀଳା । ସଚ୍ଚିବାବୁ ନିଜ ଲେଖାରେ ମଧ୍ୟ ଖୁବ୍ ଚୁମ୍ବକୀୟ ଓ ଏପିକାଲ୍ ହୋଇଛନ୍ତି ମାତ୍ର ଗୁରୁପ୍ରସାଦ ଅଧିକ ବାସ୍ତବବାଦୀ, ପ୍ରତୀକଧର୍ମୀ ଓ ଅଧିକ ତୀର୍ଯ୍ୟକ୍ ହୋଇପଡ଼ିଛନ୍ତି । ରାଉତରାୟଙ୍କ 'ଅଳକା

ସାନ୍ୟାଲ୍' ଓ 'ଚନ୍ଦ୍ରାବତୀ' ଉଭୟ ଲେଖକଙ୍କ ପ୍ରେୟସୀ । କିନ୍ତୁ ଗୁରୁପ୍ରସାଦ ଅଳକା ସାନ୍ୟାଲ୍‌କୁ ନିଜର ପ୍ରେୟସୀ ଦୃଷ୍ଟିରେ ଦେଖିନାହାଁନ୍ତି । ବରଂ ଜଣେ ଅଭିସାରିକା, ସ୍ୱେଚ୍ଛାଚାରୀ, ଉଗ୍ର ଆଧୁନିକ ଓ ରକ୍ଷଣଶୀଳତାର ନିଗଡ଼ ଭିତରୁ ବାହାରି ଆସିଥିବା ନାରୀଟିଏ ପରି ଦେଖିଛନ୍ତି । ତମାମ୍ କବିତାରେ ଗୁରୁପ୍ରସାଦ ଯେଉଁପରି ଭାବରେ ପ୍ରତୀକ ବ୍ୟବହାର କରି ନିରୁତା ବାସ୍ତବତାକୁ ଆଙ୍କିଛନ୍ତି ସେ ଦୃଷ୍ଟିରୁ ରାଉତରାୟ କିନ୍ତୁ ସଂଭ୍ରାନ୍ତ ପ୍ରତିଭାତ ହୋଇଛନ୍ତି । ଚୁମ୍ବକରେ ସେ ନିଜର ଅଭିବ୍ୟକ୍ତି ରଖିଛନ୍ତି । ଏହି ଦୁଇଟି କବିତାରେ ଆଧୁନିକତାର ଟ୍ରାନ୍ସଫରମେସନ କିପରି ହୋଇଛି ସ୍ପଷ୍ଟ ଦେଖାଯାଏ । ଏଥିରୁ ରାଉତାରାୟଙ୍କ ସୌନ୍ଦର୍ଯ୍ୟବାଦୀ ଦୃଷ୍ଟିକୋଣ ଓ ଗୁରୁପ୍ରସାଦ ମହାନ୍ତିଙ୍କ ବାସ୍ତବବାଦୀ ଅଭିରୁଚି ବେଶ୍ ସ୍ପଷ୍ଟ ହୁଏ । ରାଉତରାୟଙ୍କ ଲେଖାରେ ନାରୀ ପ୍ରତି ଅତ୍ୟାଚାର ହୋଇଥିବାର ଦୃଶ୍ୟ ଦେଖାଯାଇଥିଲା ବେଳେ ମହାନ୍ତିଙ୍କ ଠାରେ ସେକ୍ସ ବା ଆଦିମ ଜାନ୍ତବ କ୍ଷୁଧାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଗୋଟିଏ ପକ୍ଷରେ ଯୌନକ୍ରିୟା ଅତ୍ୟାଚାର ପରି ଉଦ୍‌ଭାସିତ ହୋଇଥିଲା ବେଳେ ଅପର ପକ୍ଷରେ ଏହି କ୍ରିୟା ଏକ ଅସ୍ମିତାର ଅନୁଭବ, ଉଗ୍ର ସ୍ୱାଧୀନତାର ଫଳଶ୍ରୁତି ଓ enjoymentକୁ ଦେଖାଉଛି । ସର୍ବୋପରି ନାରୀ ନିଜର ଦେହକୁ ଏଠାରେ ଆବ୍ରୁ ଭିତରେ ନରଖି ଏହାକୁ ଅଧିକରୁ ଅଧିକ ନିଜ ସ୍ୱାର୍ଥ ହାସଲ ନିମନ୍ତେ ବ୍ୟବହାର କରିଛି । ମହାନ୍ତି ଏଠାରେ ଏକ witness ବା ସେହି ସମାଜର ନାରୀଟିକୁ ଉପଭୋଗ କରିବା ନିମନ୍ତେ ସ୍ୱପ୍ନ ଦେଖୁଥିବା ଜଣେ କାମାନ୍ଧ ପୁରୁଷ ସତ୍ତାର ପ୍ରତିଭୂ । "ତା' ଭିତରେ ତୁମେ ପୁଣି ପ୍ରେମ କର ଗର୍ଭବତୀ ହୁଅ / ସିନେମାର ହ୍ୟାଣ୍ଡ୍‌ବିଲ୍ ମୁଁ ଦେଖିଛି ତୁମର ଦେହରେ / ପବନ ତୁମକୁ ଯେବେ ଆସ୍ତେ ନିଏ ବାଲିରୁ ସାଉଁଟି / ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢିଲା ପାଇଜାମା କାମିଜର ଅମରାବତୀରେ ।" (୧୯୭୦:୨୦) ରାଉତରାୟ concrete-universal ଉପରେ ଆସ୍ଥାପ୍ରକଟ କରିଥିଲାବେଳେ ମହାନ୍ତି objective-corelative କୁ ନେଇଛନ୍ତି ।

ତେବେ ବ୍ଲାଉଜ୍‌ର ବୋତାମ ଦେବା, ସେମିଜରୁ ଚା'ଦାଗ ଧୋଇବା, ସିଗାରେଟ୍ ଧୂଆଁ ଓ ଖାକି ଆଉ ଫିଲ୍‌ଡ଼୍‌ଗ୍ରେ ଧୂଳି ବାସ୍ନାହୀନ ଜରିଫୁଲ ଓ କାଗଜଫୁଲରେ ଜମିଯିବା, କାଉ ଆଉ ବାଦୁଡ଼ିର ଚେଁ ଚାଁ ଶବ୍ଦ ମିଶିଯିବା, ରିକ୍ସାବାଲା ବାଟ ଭୁଲିବା, କୋଇଲାର ଧୂଆଁ ନିଶ ମୋଡ଼ିଉଠିବା, ଯୋତା ଷ୍ଟ୍ରାପ୍ ଧୀରେ ଖୋଲିବା, ବେଣୀ ଶାଢ଼ୀ ଅସଂଯତ ଅବସ୍ଥାରେ ବିଛଣାରେ ଲୋଟିପଡ଼ିବା, ଲୁଗାପଟା ଠିକ୍‌ଠାକ୍ କରି ଆସ୍ତେ ଉଠିବା, ସିଗାରେଟ୍ ଧୂଆଁ ନରଗିସ୍ ନେତାଜୀ ଫଟୋରେ ଜମାଟ ହେବା, ଦେହ କାଦୁଅ ପାଲଟିଯିବା, ନୂଆଖାଲି, ନୂଆଦିଲ୍ଲୀ ଓ 'କଟକର ଗଳିକନ୍ଦି ରାସ୍ତା ରାସ୍ତା ଛକରେ ଛକରେ ଯିବାଆସିବା' ଓ 'ରାତିରେ ପ୍ରସୂତି କଷ୍ଟ ସକାଳର ରୁଗ୍‌ଣ ଜନ୍ମ ନେବା', ପ୍ରେମକରି ଗର୍ଭବତୀ ହେବା ଓ ଢିଲାପାଇଜାମା କମିଜ୍‌ର ଅମରାବତୀରେ ତାକୁ (ଅଳକା ସାନ୍ୟାଲ୍‌କୁ) ସ୍ୱପ୍ନ ଦେଖିବା ପ୍ରଭୃତି ବର୍ଣ୍ଣନା କେବଳ sex ଓ କେବଳ ଓ ଯୌନଜାନ୍ତବ କାମନାକୁ ହିଁ ନିର୍ଦ୍ଦେଶ କରିଛି । ମାତ୍ର ଏହାର ସ୍ୱରୂପ ଭିନ୍ନ ଭିନ୍ନ । କେଉଁଠି ରାଜନେତା, କେଉଁଠି ରିକ୍ସାବାଲା, କେଉଁଠି କୋଇଲାଖଣିର ବା କାରଖାନାର ଶ୍ରମିକ, କଣ୍ଟ୍ରାକ୍ଟର, ମାଲିକ, କର୍ପୋରେଟର୍, ଟାଉନ୍‌ହଲ୍ ସଭାର ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନ୍ୟ କେଉଁଠି ସାଧାରଣ ପ୍ରେମିକଟିଏକୁ ବ୍ୟଙ୍ଗ ବିଦ୍ରୂପ କରାଯାଇଛି । ମାତ୍ର ସର୍ବୋପରି ନାରୀଟିକୁ ଓ ସ୍ୱାଧୀନତାର ମୂଲ୍ୟବୋଧକୁ ଭୁରି ଭୁରି ବ୍ୟଙ୍ଗ କରାଯାଇଛି ମାତ୍ର । ନାରୀ, ତା'ର ଚିରାଚରିତ, ତଥାକଥିତ ସ୍ୱଭାବ, ମାତୃତ୍ୱ, ପ୍ରେମ-ପ୍ରଣୟର ବିଶୁଦ୍ଧତା, ସଂପର୍କ, ରାଜନୀତି, ବ୍ୟକ୍ତି ଚରିତ୍ର, ଆଦର୍ଶ, ସାମାଜିକ ଶୃଙ୍ଖଳା ଓ ସଂରଚନା (structure), ପବିତ୍ରତା, ବିଶୁଦ୍ଧତା ପ୍ରଭୃତିକୁ ଭୀଷଣ ବ୍ୟଙ୍ଗରେ ଶରବିଦ୍ଧ କରିଛନ୍ତି ଗୁରୁପ୍ରସାଦ । "ତା'ପରେ ବା ପୁଣି କେବେ ନୂଆଖାଲି ପଠାଣ ବସ୍ତିରୁ । ଭାରତର ସ୍ୱାଧୀନତା ଦେଲା ପୁଣି ଦ୍ୱିତୀୟ ନିସ୍ତାର" (୧୯୭୦:୨୦), "ସିଗାରେଟ୍ ଧୂଆଁ ହୁଏ ଆହୁରି ଜମାଟ ପୁଣି ନରଗିସ୍ ନେତାଜୀ ଫଟୋରେ" (ତତ୍ରୈବ), "ଭଙ୍ଗା ନୂଆଖାଲି ବା କଲିକତା ନୂଆଦିଲ୍ଲୀ ଆଡ଼େ / କାଉ ଆଉ ବାଦୁଡ଼ିର ଚେଁ ଚାଁ ପୁଣି ଏତେ ଯିବା ଓ ଆସିବା" (ତତ୍ରୈବ), "ସିନେମାର ହ୍ୟାଣ୍ଡ୍‌ବିଲ୍ ମୁଁ ଦେଖିଛି ତୁମର ଦେହରେ" (ତତ୍ରୈବ) ଓ "କୋଇଲାର ଧୂଆଁ ପୁଣି ନିଶ ମୋଡ଼ି ମୋଡ଼ି ଉଠେ ରିକ୍ସାବାଲା ବାଟଯାଏ ଭୁଲି" (୧୯୭୦:୧୯) ପ୍ରଭୃତି ଧାଡ଼ି ଉପର୍ଯ୍ୟୁକ୍ତ ବକ୍ତବ୍ୟକୁ ସ୍ପଷ୍ଟ କରେ ।

ସଚ୍ଚିଦାନନ୍ଦ କିନ୍ତୁ ଖୋଲାଖୋଲି sex ବା ବଳାତ୍କାର ବା ଆଦିମ ଜାନ୍ତବକ୍ଷୁଧା କଥା କହିନାହାଁନ୍ତି । କେବଳ "ତୁମରି ଧର୍ଷିତ ଛାଇ ଫାଙ୍କିଦେଇ ଦୃଷ୍ଟି ପ୍ରଦୀପରେ" (୧୯୮୭:୧୯), ଏବଂ "ପୁରସ୍କାର ଦେଇଥିଲ ମତେ, ଦୁଇଟି କନକ ଶଙ୍ଖ ନଚାଇ ମୋ ବକ୍ଷ ପାଶେ ସତେ" (ତତ୍ରୈବ) ଦୁଇଟି ନିର୍ଦ୍ଦିଷ୍ଟ ଧାଡ଼ି ଏ ସଂପର୍କରେ ସୂଚନା ମାତ୍ର ଦିଏ । ଜୀବନାନନ୍ଦଙ୍କ କବିତା 'ବନଲତା ସେନ୍' ପରି ଅଳକା ବାରମ୍ବାର ହଜିଯିବା, ଉଭେଇ ଯିବା ସଚ୍ଚିବାବୁଙ୍କ କବିତାରେ ସୁରକ୍ଷିତ ମାତ୍ର ଗୁରୁପ୍ରସାଦଙ୍କ ଠାରେ ତାହା ଅବର୍ତ୍ତମାନ । ସଚ୍ଚିବାବୁ ଜଣେ ପ୍ରେମିକ ପରି କଳାଘୋଡ଼ାରେ ସବାର ହୋଇ

ଅଳେଇଚ ଦ୍ୱୀପ, ଡାଳିମ୍ବ ଦ୍ୱୀପ, ବିଲ, ବାଡ଼, ବନ, ପ୍ରାନ୍ତରରେ ବେଧଡ଼କ ଖୋଜିଛନ୍ତି । ତାଙ୍କରି ଭାଷାରେ– "ତାହାପରେ ନିଜ ପଥେ ତୁମେ ଗଲ, ମୁହିଁ ମୋର ପଥେ, / ସେଦିନୁ ତୁମକୁ ଖୋଜେ ସମୟର ନିରୋଳା ସୈକତେ । କଳିଙ୍ଗ କଟକୁ ଦୂରେ ଅଳେଇଚ ଦ୍ୱୀପର ବନ୍ଦରେ / ତୁମକୁ ମୁଁ ଖୋଜିବୁଲେ ତୁମ କୃଷ୍ଣ କେଶର ଗନ୍ଧରେ । ସୁଦୂର ଡାଳିମ୍ବ ଦ୍ୱୀପେ ଡେଇଁ କାଚ କରତର ବାଡ଼ / ବନ୍ଦିନୀ ତୁମକୁ ଲୋଡ଼େ ଦେବାପାଇଁ ମୁକ୍ତି ଉପହାର । ଖୋଜଇ ପ୍ରାନ୍ତରେ, ବନେ, ଖୋଲି ଦେଖେ ସବୁ କାରାଗାର । ବନ୍ଦିନୀ ମୋ କାହିଁ ଅଛ? ଖୋଜେ କଳାଘୋଡ଼ାର ସବାର ।" (୧୯୮୭:୨୦୦) ଏହି ଉଦ୍ଧୃତିର ପ୍ରଥମାଂଶରୁ ଯେଝା ଯେଝା ବାଟରେ ଯିବା ଏକପ୍ରକାର ବିଦୂପକୁ ସୂଚିତ କଲାବେଳେ ଜୀବନାନନ୍ଦଙ୍କ ପ୍ରଭାବରେ ଅନେକ ସ୍ଥାନରେ ମୌଳିକତା କ୍ଷୁର୍ଣ୍ଣ ହେଲାପରି ମନେହୁଏ । ସେହିପରି 'ଚନ୍ଦ୍ରାବତୀ' କବିତାରେ କବି ରାଉତରାୟ ପ୍ରେମ ଓ ପ୍ରେମର ବିଫଳତାର ସୂଚନା ପ୍ରଦାନ କରିଛନ୍ତି । କବିଙ୍କ ପ୍ରଥମ ପ୍ରେମ ଓ ସେଥିରେ ବିଫଳ ହେବା ଉତ୍ତରର ଏ କାବ୍ୟନାୟିକା ଚନ୍ଦ୍ରାବତୀ ପ୍ରତି ଏକ ସମ୍ବୋଧନ । କବିଙ୍କ ବର୍ଣ୍ଣନା କେତୋଟିରୁ ସେଇ ପ୍ରେମର ସ୍ୱରୂପ ସ୍ୱଷ୍ଟ ବାରିହୋଇଯିବ । ଯଥା– "ତୁମେ ପରା ଭଲ ପାଇଥିଲ / ଆକାଶର ନୀଳ, ନୀଳ / ସାମିଆନା ତଳେ,/ ଏଇ ଆକାଶ ପରି ସ୍ୱଚ୍ଛ / ଅଥଚ / ବିବସନ ପ୍ରେମର ହିଲ୍ଲୋଳେ??" (୧୯୮୭-୧୫୧) "ସେଇ ଆକାଶ ଆଜି ଦେଖାଯାଏ / ଠାଏ ଠାଏ,/ ବାତାୟନ ଫାଙ୍କେ / ଖଣ୍ଡିତ, ବିବର୍ଣ୍ଣ ।" (ତତ୍ରୈବ) "ତଥାପି ମୋ ମନେହୁଏ ସବୁକିଛି ପରିଚୟହୀନ, / ସଂପୂର୍ଣ୍ଣ ଅଜଣା ପ୍ରଥମ ପ୍ରେମର ସେଇ ସାର୍ଥକ ଆକାଶ / ଆଉ ଆଜିର ଏ ଅସଂପୂର୍ଣ୍ଣ, ଖଣ୍ଡିତ ଅଗଣା!!" ଅଥବା "ଫେରିଆସ ଗୃହର କପୋତୀ / ସନ୍ଧ୍ୟାଗମେ / ଗୃହର ଚତ୍ୱରେ, / ତୁମେ କିନ୍ତୁ ଚନ୍ଦ୍ରବତୀ / ଛାଡ଼ି ଘର ଛୁଟିଚ ଗଗନେ / ଅତିବେଗେ, ଅତ୍ୟନ୍ତ ସତ୍ୱରେ ।" (୧୯୮୭-୧୫୨) ଓ କବିଙ୍କ ଶେଷ ପ୍ରଶ୍ନ "ତୁମେ କେଉଁଠାରେ? / ଗୃହରୁ ଆକାଶ ପଥେ / ନାଁ ଆକାଶରୁ ଗୃହରୁ କାରାରେ?" ପ୍ରେମ-ପ୍ରଣୟ କଥାକୁ ସ୍ୱଷ୍ଟ କରେ । ସେ ଅଳକା ସାନ୍ୟାଲ୍ ହେଉ କି ଚନ୍ଦ୍ରାବତୀ ଉଭୟଠି ଲେଖକ ବା କବି (କାବ୍ୟନାୟକ) ସଂତିପ୍ତ ତଥା ବିରହ ଜ୍ୱାଳାଦଗ୍ଧ । ଏଠାରେ ମଧ୍ୟ କବିଙ୍କ Aesthetic ଆଖି ନିରବି ଯାଇନି । ଏହା କବିର ସ୍ୱଭାବ ଓ ସ୍ୱାତନ୍ତ୍ର୍ୟ । ଠିକ୍ ଯେପରି ଗୁରୁପ୍ରସାଦଙ୍କ ଠାରେ Anti-romantic ଓ ବାସ୍ତବବାଦୀ ଦୃଷ୍ଟି ଅନୁରୂପ ଭାବରେ ରାଉତରାୟଙ୍କର ସଂଭ୍ରାନ୍ତ ଶୈଳୀ ଓ ସୌନ୍ଦର୍ଯ୍ୟମୁଗ୍ଧ ଦୃଷ୍ଟି ଏକ ଏକ ସ୍ୱାତନ୍ତ୍ର୍ୟ ମାତ୍ର ।

ବର୍ତ୍ତମାନ ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' କଥା ବିଚାର କରାଯାଉ । ୧୯୪୬, ଶ୍ରାବଣ ମାସ ସଂଖ୍ୟାରେ 'ଶଙ୍ଖ' ପତ୍ରିକାରେ 'ଚନ୍ଦ୍ରାବତୀ' ଓ ୧୯୪୭ ଫେବୃୟାରୀରେ ନବଭାରତ ପୃଷ୍ଠାରେ 'ଅଳକା ସାନ୍ୟାଲ୍' ସଚ୍ଚିବାବୁଙ୍କ ଦ୍ୱାରା ପ୍ରକାଶ ପାଇବା ପରେ ଗୁରୁପ୍ରସାଦ ମହାନ୍ତି ୧୯୫୫ରେ 'ନୂତନ କବିତା' ପୁସ୍ତକରେ ନିଜର ନଅଗୋଟି କବିତା ମଧ୍ୟରୁ ଗୋଟିଏ କବିତା ଭାବରେ 'ଅଳକା ସାନ୍ୟାଲ୍'କୁ ସ୍ଥାନିତ କରି (ଯାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମୁଦ୍ର ସ୍ନାନ' ସଂକଳନରେ ମଧ୍ୟ ସ୍ଥାନିତ ହୋଇଥିଲା) ସଚ୍ଚିଦାନନ୍ଦଙ୍କ ନାରୀ ପ୍ରତି ଥିବା ଧାରଣାକୁ ଚାଲେଞ୍ଜ୍ କଲେ । ନୂଆ ଧାରା ନୂଆ ଟ୍ରେଣ୍ଡର କଥା କହିଲେ । କିନ୍ତୁ ଫନୀ ମହାନ୍ତି ଏହା ଉତ୍ତରରେ ରଚନା କରିଛନ୍ତି ନିଜର 'ଅଳକା ସାନ୍ୟାଲ୍' । ୧୯୭୩ ମସିହାରେ ପ୍ରକାଶ ପାଏ ତାଙ୍କର କବିତା ସଂକଳନ 'ମାନଚିତ୍ର' । ତହିଁରେ ଏକ କବିତା ହେଉଛି 'ଅଳକା ସାନ୍ୟାଲ୍' । ସୁଜାତା ଶିବେନ୍ ଏକ ସାକ୍ଷାତ୍କାରରେ ଡକ୍ଟର ଫନୀ ମହାନ୍ତିଙ୍କୁ ନିଜର ଆଦର୍ଶ ସଂପର୍କରେ ୨୦୧୦ ମସିହାରେ ଯେତେବେଳେ ପଚାରିଥିଲେ "Who is your favourite contemporary writer" ତା'ର ଉତ୍ତରରେ ସେ କହିଥିଲେ– "Late Sachi Routray, Guruprasad Mohanty, Sitakanta Mohapatra, Ramakanta Rath are my favourite contemporary writers." ଯଥାର୍ଥରେ ସେ ଏହି କବିତାଟି ଲେଖିବା ପଛରେ ପ୍ରେରଣା ଭାବରେ ସିଧାସଳଖ ପ୍ରଭାବ ପକାଇଥିବା ଓ ପ୍ରତିକ୍ରିୟା ସୃଷ୍ଟି କରିଥିବା ରାଉତରାୟଙ୍କ 'ଚନ୍ଦ୍ରାବତୀ', 'ଅଳକା ସାନ୍ୟାଲ୍' ଓ ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍'କୁ ଗ୍ରହଣ କରିଛନ୍ତି । ଗୁରୁପ୍ରସାଦଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ଦୀର୍ଘ କବିତା 'କାଳପୁରୁଷ' ଓ 'ପ୍ରିୟ ବାନ୍ଧବୀ' କବିତାର ପ୍ରେରଣା ଓ ପୃଷ୍ଠଭୂମି ଏଠାରେ ଅନସ୍ୱୀକାର୍ଯ୍ୟ ।

ଏହି ମର୍ମରେ ସାର୍ ୱାଲ୍ଟର ରାଲେ (Sir Walter Raleigh)ଙ୍କ ଅଭିବ୍ୟକ୍ତିର ଗୁରୁତ୍ୱ ଯେତିକି ଟି. ଏସ୍. ଏଲିଅଟ୍‌ଙ୍କ ପ୍ରତ୍ୟୁକ୍ତି ମଧ୍ୟ ତଦନୁସାରୀ ଗୁରୁତ୍ୱପୂର୍ଣ୍ଣ । "No man can walk abroad save on his own shadow" କଥାଟା ଯେତିକି ଠିକ୍ "The progress of an artist is a continual self-sacrifice, a continual extinction of personality" କଥାଟି ମଧ୍ୟ ସେତିକି ଯଥାର୍ଥ । Style ପର୍ଯ୍ୟନ୍ତ ରାଲେ (Raleigh)ଙ୍କ କଥାଟାର ଯଥାର୍ଥତା ଯଥେଷ୍ଟ କିନ୍ତୁ ପଚାଶ-ଷାଠିଏ ପରେ ପରେ ଓଡ଼ିଆ କବିତାର ମୁଖ୍ୟଧାରା କଥା କହିଲେ ଅବଶ୍ୟ ଏଲିଅଟ୍‌ଙ୍କ ବକ୍ତବ୍ୟକୁ ଅସ୍ୱୀକାର କରିହେବ ନାହିଁ । ଜଣେ ପରିପୃକ୍ତ କବି (A mature poet)

ତ୍ୱରକ ବା Catalyst ପରି କାର୍ଯ୍ୟକରେ । ରିଆକ୍‌ସନ୍‌ରେ ଭାଗନେଇ, ତ୍ୱରିତ କରି ପରିଣତି ଆଣିଥିଲେ ମଧ୍ୟ ସେ ନିଜେ ଅପରିବର୍ତ୍ତିତ ରହେ । କବିଟିଏ ନିଜର ସବୁପ୍ରକାର ଲେଖାରେ ବର୍ତ୍ତମାନ ରହିବା ବାଧ୍ୟତାମୂଳକ ନୁହେଁ । ତା'ର ଅବିଦ୍ୟମାନତାରେ ହିଁ ନିଷ୍ପକ୍ଷ ଚେତନା ପ୍ରତିଫଳିତ ହୁଏ । ତା'ର ବିଦ୍ୟମାନତା କେବଳ ଓ କେବଳ କବିତାର ଆରମ୍ଭ ଓ ଶେଷପର୍ଯ୍ୟନ୍ତ । ସେ ଏକ ବାହକ ବା carrier ବା vector ମାତ୍ର । ଚେତନା ଓ ଚିନ୍ତା ପ୍ରଭୃତିର ଚିତ୍ରଣ ବା ରୂପାୟନ ହିଁ ତା'ର ସଂପାଦନା କାର୍ଯ୍ୟ । ଗୁରୁପ୍ରସାଦଙ୍କ କବିତା ଏହାର ପ୍ରକୃଷ୍ଟ ନମୁନା ।

ତେବେ ଏହି ତିନିଗୋଟି 'ଅଳକା ସାନ୍ୟାଲ୍'ରେ ବର୍ଣ୍ଣନା ପ୍ରଥମ ପୁରୁଷରେ ହୋଇଛି । ମାତ୍ର ଗୁରୁପ୍ରସାଦଙ୍କର ଏହି ବର୍ଣ୍ଣନା ସର୍ବନିମ୍ନ । ସର୍ବାଧିକ ଫନୀ ମହାନ୍ତିଙ୍କର । ତିନୋଟିଯାକ କବିତାରେ 'ମୁଁ' ଅଛି । ମାତ୍ର ଏହି 'ମୁଁ'ଟି କାବ୍ୟନାୟକ, ସମୟର ଏକ ଏକ ଚରିତ୍ରର ପ୍ରତିନିଧି । ସେଇ ଚରିତ୍ରଟି ସାଧାରଣ ମାତ୍ର ନୈର୍ବ୍ୟକ୍ତିକ । ଏହିଠାରେ Concrete ଓ Universal ବା ବିଷୟ-ନିର୍ବିଶେଷ କଥାଟି ଆସେ । ପୁଣି କବିତା ତ୍ରୟୀରେ ରେଫରେନ୍ସ ଓ ଲିଙ୍କ୍ ସବୁ ଦେଖିଲେ ଏଠାରେ objective corelativeର ପ୍ରୟୋଗ ସର୍ବାଧିକ ବୋଲି କହିବାର ଆବଶ୍ୟକତା ନାହିଁ । ପ୍ରୟୋଗବାଦୀ ଓଡ଼ିଆ କବିତା ଧାରାରେ ଫନୀ ମହାନ୍ତି ରାଉତରାୟ ବା ଗୁରୁପ୍ରସାଦଙ୍କର ସାର୍ଥକ ଉତ୍ତର ଦାୟାଦ । କାରଣ Poetic Device ପ୍ରୟୋଗ କରି ଚମତ୍କାରିତା ଆଣିବାରେ କବି ଫନୀ ମହାନ୍ତିଙ୍କ ତାକତ୍ ଅଭ୍ରଂକଷ ।

କବି ଫନୀ ମହାନ୍ତି ପ୍ରଥମ ଧାଡ଼ିରୁ ସଚ୍ଚିଦାନନ୍ଦଙ୍କ କଣ୍ଠସ୍ୱର ଓ ଭାବଧାରା ସହ ନିଜର କଣ୍ଠସ୍ୱର ମିଳାଇ ନେଇଛନ୍ତି । ଯଥାର୍ଥରେ ସେ କହିଛନ୍ତି "ତମେ ମୋର ଚନ୍ଦ୍ରାବତୀ । ତମେ ମୋର ଅଳକା ସାନ୍ୟାଲ୍ ।" ଏହି ଦୁଇଟି ଧାଡ଼ି ବା ବାକ୍ୟରେ ଯେଉଁ ଚନ୍ଦ୍ରାବତୀ ଓ ଅଳକା ସାନ୍ୟାଲ୍ କଥା ସେ କହିଛନ୍ତି, ସେ ଦୁଇଟିଯାକ ସଚ୍ଚିଦାନନ୍ଦଙ୍କ 'ପାଣ୍ଡୁଲିପି' (୧୯୪୭)ର ଚରିତ୍ର । ଦ୍ୱିତୀୟ ପଙ୍‌କ୍ତିରେ ଫନୀବାବୁ ଲେଖିଛନ୍ତି- "ମୁଁ ତୁମକୁ ସ୍ୱପ୍ନ ଦେଖେ- ଛାଇଦିନ ଛାଇ ଆଲୁଅରେ ।" ଅନୁଶୀଳନର ବିଷୟ ହେଉଛି ସଚ୍ଚିଦାନନ୍ଦ କେଉଁଠାରେ ସ୍ୱପ୍ନ ଦେଖିବା କଥା କହି ନାହାଁନ୍ତି । ବରଂ ଉକ୍ତ ଦୁଇଟି କବିତାରେ ଯଥାକ୍ରମେ ଦୁଇଥର ଓ ତିନିଥର କରି 'ମନେପଡ଼େ' ଶବ୍ଦଟିକୁ ବ୍ୟବହାର କରିଛନ୍ତି । ତା'ଛଡ଼ା ମନେମନେ ଭାବିବା ଓ 'ମନେହୁଏ' ପରି ବିବୃତି ସେ ରଖିଛନ୍ତି ମାତ୍ର କେଉଁଠି ହେଲେ ସ୍ୱପ୍ନରେ, ଗାଢ଼ନିଦ କି ଛାଇଦିନ ବା ଛାଇ ଆଲୁଅରେ କିଛି ଚିନ୍ତା କରିବା କଥା କି ଦେଖିବା କଥା କହିନାହାଁନ୍ତି । ସଂଯୋଗ ବଶତଃ ଏହି ଅବିକଳ ପରିପ୍ରକାଶ ବା ବିବୃତି ଗୁରୁପ୍ରସାଦଙ୍କ 'କପୋତ କପୋତୀ', 'ପ୍ରିୟବାନ୍ଧବୀ' ଓ 'ଅଳକା ସାନ୍ୟାଲ୍'ରେ ରହିଛି । ଏହି ତିନିଗୋଟି କବିତାରେ ବ୍ୟବହୃତ 'ସ୍ୱପ୍ନ'-ପଂକ୍ତି ଦେଖିଲେ ଫନୀ ମହାନ୍ତିଙ୍କ ୨ୟ ଧାଡ଼ିର ପରସ୍ପର ବିଷୟାଶ୍ରୟ (Objective Corelative) କଥାଟି ସ୍ପଷ୍ଟ ଜଣାପଡ଼ିବ । "ଏ ରାତି ବିଛାଇ ଦିଏ ସ୍ୱପ୍ନ ଆଉ ଯୁଗ ଯୁଗ କକ୍ଷ କକ୍ଷ ତାରା ଆଉ ତାରା / ତୁମରି ଭ୍ରୂଲତା ତଳେ ମିଶିଯାଏ ଦିଗ୍‌ବଳୟ / ରାଧାନାଥ ରାୟ ଆଉ ସଚ୍ଚିରାଉତରା..." (୧୯୭୦:୦୨) ଏଠାରେ ଗୁରୁପ୍ରସାଦ, ରାଧାନାଥ ଓ ରାଉତରାୟଙ୍କ ଆକାଶରୁ ଖସିଆସିବା ବା ଭ୍ରୂଲତା ତଳେ ମିଶିଯିବା, "ଅର୍ଥନୀତି, ରାଜନୀତି ସୋସାଲିଜ୍‌ମ କାଢ଼ିନେବା", "ଭଦ୍ରତାର ଶିଷ୍ଟତାର ଗାନ୍ଧିବାଦ, ସାମ୍ୟବାଦ ଆଉ ପ୍ରେମ କରିବାର ସୀମା" (୧୯୭୦:୦୨) ନିଭିବା, "ସିନିସିଜ୍‌ମ ଧୂପ ଆଉ ହେମପୁଷ୍ପ ସବୁ" ଭୁଲିଯିବା ଓ ପ୍ରେମରେ "ସତୀତ୍ୱ", "ଅର୍ଥନୀତି", "ରାଜନୀତି" ଓ "ନାରୀ ଜାଗରଣ" ଭୁଲିଯିବା କଥା କହି ରାଧାନାଥ-ମାନସିଂହ-ରାଉତରାୟଙ୍କ ପ୍ରେମ ପ୍ରଣୟର ଟ୍ରେଣ୍ଡକୁ ଗତାନୁଗତିକ ବିଶ୍ୱାସର ରାଜନୀତି, ଅର୍ଥନୀତି, ସମାଜନୀତି ପ୍ରଭୃତିକୁ ଭାଙ୍ଗିରୁଜି ଆଧୁନିକ ସମାଜର ନଗ୍ନ ସତ୍ୟକୁ ଛିଡ଼ା କରାଇଛନ୍ତି, ଯେଉଁଠି ବିଶୁଦ୍ଧତା ବୋଲି କିଛିନାହିଁ । ସେହିପରି 'ପ୍ରିୟବାନ୍ଧବୀ'ର "ସ୍ୱପ୍ନଯାଏ ଉଙ୍କିମାରି ଗଳିଗଳି କୋଠା ସନ୍ଧିତଳେ" (୧୯୭୦:୧୨), "ସିଂହଳ ଦ୍ୱୀପର ସ୍ୱପ୍ନ ମୁଁ ଯାଇଛି କିଣିବାକୁ ଯେବେ" (ତତ୍ରୈବ) ଓ "ତୁମେ ଯେବେ ଆସ ଆଜି ବାସ୍ତବ ବା ସ୍ୱପ୍ନ ଆକାରରେ" ପ୍ରଭୃତି expressionରେ ଗୁରୁପ୍ରସାଦଙ୍କ 'ସ୍ୱପ୍ନ' ଗୋଟାଏ ଗୋଟାଏ ଗୁରୁତ୍ୱପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ଲଜିକାଲ୍ ଲିଙ୍କ୍ ଦେଖାଏ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି 'ଅଳକା ସାନ୍ୟାଲ୍'ର ଶେଷଧାଡ଼ି- "ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢିଲା ପାଇଜାମା କମିଜର ଅମରାବତୀରେ ।" (୧୯୭୦:୨୦) ଏହି ଲିଙ୍କ୍‌ରୁ ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' କବିତାର ଦ୍ୱିତୀୟ ଧାଡ଼ିର ଉତ୍ପତ୍ତି । ମାତ୍ର ଏହିଠାରେ ଫନୀ ମହାନ୍ତି ନିଜର ମୌଳିକତା ଓ ନିଜସ୍ୱ ବକ୍ତବ୍ୟକୁ ସୁରକ୍ଷିତ ରଖିବା ସ୍ୱରୂପ ଧାଡ଼ିଟିର ଉତ୍ତରାର୍ଦ୍ଧ ଯୋଡ଼ିଛନ୍ତି । ତାହା ହେଉଛି- "ଛାଇ ନିଦ ଛାଇ ଆଲୁଅରେ ।" ଏହାର ଅର୍ଥ ଗୁରୁତ୍ୱପୂର୍ଣ୍ଣ । ଅନୁରୂପ ବର୍ଣ୍ଣନା କବିଙ୍କ ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ପୁସ୍ତକ 'ମୃଗୟା' (୨୦୦୫)ର ପ୍ରଥମ କବିତାର ପ୍ରଥମ ପରିଚ୍ଛେଦ ଶେଷରେ ମଧ୍ୟ ଦେଖାଯାଏ । ତାହା ଏହିପରି- "ଅଘାଟ ଘାଟରେ କେତେ

ସହସ୍ରବାର ସ୍ୱପ୍ନ ବା ସ୍ୱପ୍ନଭଂଗ ପୂର୍ବ ମୁହୂର୍ତ୍ତରେ ଭେଟିଥିଲି।" (୨୦୦୫:୧୩) ଏଥିରୁ କବି କିପରି objective corelativeର ବ୍ୟବହାର ସହ ନିଜର ମୌଳିକତ୍ୱ ରକ୍ଷା କରୁଛନ୍ତି ଦେଖାଯାଉ। କହିବା ବାହୁଲ୍ୟ ଏହା ଏକ ପରିପକ୍ୱ ବା ପାକଳ ହାତର କବିତାରେ ହିଁ ସମ୍ଭବ ହୋଇପାରେ- ଯତ୍ରତତ୍ର ନୁହେଁ।

ତେବେ ବର୍ତ୍ତମାନ ଅଳକା ସାନ୍ୟାଲ୍‌କୁ 'ଛାଇ ନିଦ ଛାଇ ଆଲୁଅରେ' ସ୍ୱପ୍ନ ଦେଖିବା କଥାଟିକୁ ବିଚାରଭୁକ୍ତ କରାଯାଉ। ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ଼ ତାଙ୍କ The Interpretation of dreams (1899) ପୁସ୍ତକରେ ଯେଉଁ cognitive theory of dreams ବା BIological determinism କଥା କହିଛନ୍ତି ସେଠାରେ ସେ ପ୍ରମାଣିତ କରିଛନ୍ତି ଯେ "there is a psychological technique which makes it possible to interpret dreams" ଓ ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥ ସଚେତନ ଜୀବନ ବା "waking life"ରେ ରହିଥାଏ। ବାଇବେଲ୍‌ର Genesis 41ରେ Joseph ମଧ୍ୟ ଫାରୋମାନଙ୍କ (Pharaohs) ସ୍ୱପ୍ନକୁ ବ୍ୟାଖ୍ୟା କରିଛନ୍ତି ଓ ତା'ର ଅର୍ଥ ଆବିଷ୍କାର କରିଛନ୍ତି। କିନ୍ତୁ ଫ୍ରଏଡ଼ ଏହାକୁ ଯୋସେଫ୍‌ଙ୍କ ପରି ରହସ୍ୟମୟୀ ନକରି ତାର୍କିକ ଆଲୋଚନା ପରିସରକୁ ଆଣିଛନ୍ତି। ଏହି ବ୍ୟାଖ୍ୟା ପାଇଁ ବ୍ୟକ୍ତିଟି comfortable, relaxed ଓ open minded ହେବା ଦରକାର। ଫ୍ରଏଡ଼ ଏହି ଟକ୍‌ନିକ୍‌ରେ ନିଦ୍ରାକୁ ଗୁରୁତ୍ୱ ଦେଲାବେଳେ "free association" କଥା କହିଛନ୍ତି। ଏହାର ଅର୍ଥ ଘଟଣା ସହ ଅନ୍ୟାନ୍ୟ ଘଟଣାର ମୁକ୍ତଭାବରେ ସଂଯୋଗ ହେବା। ଏହାଦ୍ୱାରା ସମସ୍ତ ଘଟଣା ପରସ୍ପର ସହ ସଂପର୍କାନ୍ୱିତ ବା ସଂଯୁକ୍ତ ହେବାପରି ମଧ୍ୟ ମନେହୁଏ ନାହିଁ। ଦ୍ୱିତୀୟ ପଦ୍ଧତି ହେଉଛି ସ୍ୱପ୍ନର ଅର୍ଥ ନିରୂପଣ (decodfication)। ଫ୍ରଏଡ଼ ଏ ବାବଦରେ କହନ୍ତି- "In effect the real meaning of the dream is encoded into universal symbols and must be decoded to understand it." ଏହି ସ୍ୱପ୍ନର ଦୁଇଟି ଅର୍ଥ ଅଛି। ଯଥା- (କ) ଅଭିବ୍ୟକ୍ତ / ପ୍ରକଟିତ / ବା ପ୍ରଦର୍ଶିତ ଅର୍ଥ (Manifest Meaning) ଓ ଦ୍ୱିତୀୟରେ (ଖ) ସୁପ୍ତ / ଗୁପ୍ତ / ପ୍ରଚ୍ଛନ୍ନ ବା ଅବ୍ୟକ୍ତ ଅର୍ଥ (Latent Meaning) ବା ଅପ୍ରକଟ ତଥା ଅନ୍ତର୍ନିହିତାର୍ଥ। ଏହି ପ୍ରଦର୍ଶିତ ଅର୍ଥ ଓ ଅପ୍ରଦର୍ଶିତ ଅର୍ଥର ସମନ୍ୱିତି କବି ଫନୀ ମହାନ୍ତିଙ୍କ ଏହି ବାକ୍ୟାଂଶରେ ରହିଛି। ପ୍ରଦର୍ଶିତ ଅର୍ଥରେ ସାଧାରଣ ଜ୍ଞାନ, ଜାଗ୍ରତ ସଚେତନତା ନିହିତ ଥାଏ। କିନ୍ତୁ ଅନ୍ତର୍ନିହିତାର୍ଥରେ ଏସବୁ ନଥାଏ। ଏଠାରେ ଥାଏ କେବଳ ସଂଗୁପ୍ତ ଓ ସୁଷୁପ୍ତ ଇଚ୍ଛାର ଅଭିବ୍ୟକ୍ତି। "The manifest meaning can reflect a situation that follows common sense and unfold in a way possible in waking life. Other times it can take its own wild path that follows little or no logical sequence when viewed at surface level. Despite this vast difference, both of these are influenced by the superego, a part of the mind that Freud believes houses the knowledge of the structure of society and what is acceptable in the dreamers culture. The deam takes place on a stage or backdrop that makes sense and relates to waking life. (Freud, 216-17)." ଫନୀ ମହାନ୍ତିଙ୍କ ଏହି ଧାଡ଼ିଟି ପାଇଁ ଫ୍ରଏଡ଼ଙ୍କ ଦ୍ୱିତୀୟ ଅର୍ଥର ଗୁରୁତ୍ୱ ଅନେକ ରହିଛି। ଏହି ଗୁପ୍ତ ଅର୍ଥରେ ରହସ୍ୟମୟ ଅର୍ଥ ବା ସୁପ୍ତ ଇଚ୍ଛା ନିହିତ ଥାଏ। ବେଳେବେଳେ ସ୍ୱପ୍ନରେ complexity ଆସିଥାଏ ଓ ଏହା ସ୍ୱପ୍ନରେ distortion ବା ବିରୂପଣ ବା ବିକୃତି ମଧ୍ୟ ଆଣିଥାଏ। "Dream distortion is the change that occurs to the unconscious thoughts as the mind translates from the latent meaning into the manifest meaning and finally potrays that as the dream." Exactly ଏଇୟା ହୋଇଛି କବି ଶ୍ରୀ ମହାନ୍ତିଙ୍କ କ୍ଷେତ୍ରରେ। ବାହ୍ୟ ଅର୍ଥରେ ବ୍ୟାଖ୍ୟାରୁ ଗୁହ୍ୟାର୍ଥ ମିଳେ ଓ ଗୁହ୍ୟାର୍ଥର ବ୍ୟାଖ୍ୟାରୁ ବ୍ୟକ୍ତିର ଗୁପ୍ତ ଆକାଂକ୍ଷା ଓ ଅଭିପ୍‌ସା ସଂପର୍କରେ ସୂଚନା ମିଳିଥାଏ। "The latent meaning contained a wish of the dreamer and the dreamer uses the dream to fulfil the wish." (Freud, 155-56) ସ୍ୱପ୍ନର ଖାଲି ଦ୍ୱୈତାର୍ଥ ନଥାଏ ବରଂ ବେଳେବେଳେ ସ୍ୱପ୍ନର ପ୍ରତିଫଳନ ମଧ୍ୟ ୟା'ସହ ରହିଥାଏ। ଏହାକୁ ଫ୍ରଏଡ଼ Secondary Revision ବା ଦ୍ୱିତୀୟକ ଅନୁଶୀଳନ ବୋଲି କହନ୍ତି। ଏହା ମଧ୍ୟ ବ୍ୟକ୍ତି ଅସଚେତନତାମୂଳକ। ବ୍ୟକ୍ତି ସଚେତନ ଭାବରେ ଏହା କରିନଥାଏ। ବରଂ ଏହା ସ୍ୱପ୍ନର ଅର୍ଥକୁ ଆହୁରି କଷ୍ଟକର କରିଦିଏ। ମସ୍ତିଷ୍କ ଓ ମସ୍ତିଷ୍କ ତରଂଗ (ସ୍ପନ୍ଦନ) ସଂପର୍କରେ ସତ୍ୟତମ ଅଧ୍ୟୟନରୁ ଆଉ ଏକ ତତ୍ତ୍ୱ ମଧ୍ୟ ଆସେ। ଏହା ଅନୁସାରେ ବ୍ୟକ୍ତି ଦୁଇପ୍ରକାର ଶୟନ କରେ ବା ନିଦ୍ରା ଯାଏ। ଯଥା- ୧. ଦ୍ରୁତ ଚକ୍ଷୁ ସଂଚଳନ ବା Rapid Eye Movement (REM). ୨. କ୍ଷୀଣ ଚକ୍ଷୁ ସଂଚଳନ ବା Non-Rapid Eye Movement (NREM). ଏକ ପ୍ରାପ୍ତବୟସ୍କ ରାତିରେ ଚାରିଗୋଟି NREM ଓ ଗୋଟିଏ REM ଗତ ନିଦ୍ରାଯାଏ। ଏହି NREM ନିଦ୍ରାରେ ସ୍ୱପ୍ନ ଅସ୍ପଷ୍ଟ ତଥା 'ଅଧାଛାଇ ଆଲୁଅ' ବିଶିଷ୍ଟ ହୁଏ। ଏହି ନିଦ୍ରା ଶରୀର ଓ ମସ୍ତିଷ୍କକୁ ଶକ୍ତି ଯୋଗାଏ ପୁନଃସ୍ଫୂର୍ତ୍ତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁରୋମୁଖୀୟ

ବା ପୁରୋଲଲାଟୀୟ ପ୍ରାନ୍ତସ୍ଥା (Pre-frontal Cortex) ଏହି NREM ନିଦ୍ରା ବା ଅପର ଭାଷାରେ ଛାଇ-ଆଲୁଅର ସ୍ୱପ୍ନ କାଳରେ ଜାଗ୍ରତ ବା ସକ୍ରିୟ ଥାଏ । ସୂଚନା ଥାଉକି ଏହା ତାର୍କିକ ଚିନ୍ତା ବା ତର୍କସଂଗତ ବିଚାରଧାରା ସହ ସଂପୃକ୍ତ । କିନ୍ତୁ REM ନିଦ୍ରା କାଳରେ ଏହା ସକ୍ରିୟ ନଥାଏ । ଏହାର ସକ୍ରିୟତା ଓ ନିଷ୍କ୍ରିୟତା ହିଁ ସ୍ୱପ୍ନଦ୍ରଷ୍ଟାକୁ confuse କରେ ଓ logical sequence ରହେନାହିଁ । Calvin Hallଙ୍କ ପରି ଗବେଷକ ଏହି Cognitive Theory of dreamsକୁ ଗୁରୁତ୍ୱ ଦିଅନ୍ତି । Phillips, Freud ପ୍ରଭୃତିଙ୍କ ସିଦ୍ଧାନ୍ତ ଅନୁସାରେ ଆମେ 'Ego', 'Id' ଓ 'Superego' ସହ ବ୍ୟକ୍ତିର ସ୍ୱପ୍ନ ସଂପର୍କ ସଂଦର୍ଶନ କରୁ । ସେହିପରି Emergency Broadcast System (EBS) ଅନୁସାରେ ଓ Tuft ବିଶ୍ୱବିଦ୍ୟାଳୟର ପ୍ରଫେସର Ernest Hartmanଙ୍କ ଅଧ୍ୟୟନ ଅନୁସାରେ ପ୍ରିୟ ବ୍ୟକ୍ତିକୁ ସଂକଟରେ ପଡ଼ିଥିବାର ସ୍ୱପ୍ନ ଦେଖିବା ପଛରେ ବ୍ୟକ୍ତିର ସଂଘର୍ଷ ରହିବା ସଂଗେ ସଂଗେ ତା'ର ମୁକୁଳିବାର ପ୍ରଚେଷ୍ଟା ଓ ତହିଁର ଯୋଜନା (ପ୍ଲାନ୍) ମଧ୍ୟ ନିହିତ ଥାଏ । ଫ୍ରଏଡ୍ ଏଥିପାଇଁ ବ୍ୟକ୍ତିର 'ଇଡ୍'କୁ ସଂପୂର୍ଣ୍ଣ ଦାୟୀ କରିଛନ୍ତି । The Raw, emotional self, natural ଓ untainted by society ବୋଲି ବ୍ୟକ୍ତିକୁ କହନ୍ତି । ମାତ୍ର ଏହା ଛିଦ୍ରଯୁକ୍ତ ତତ୍ତ୍ୱ । କାରଣ ବ୍ୟକ୍ତି ସମାଜ ଦ୍ୱାରା ପ୍ରଭାବିତ, ସମାଜରୁ experience ଆହରଣ କରେ ଓ ପୁଷ୍ଟ ହୁଏ । ଏଣୁ ସ୍ୱପ୍ନର ଆଧାର କେବଳ 'Id' ନୁହେଁ 'ego' ମଧ୍ୟ । ତେଣୁ ଫ୍ରଏଡ୍‌ଙ୍କ Id, ego ଓ Superego ର ତାତ୍ପର୍ଯ୍ୟ ଏଠାରେ ରହିଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ପୁଣି Symbolic Representation ସଂପର୍କରେ ନିଜେ ଫ୍ରଏଡ୍ ମଧ୍ୟ ବ୍ୟକ୍ତିର ସ୍ୱତନ୍ତ୍ର ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇଛନ୍ତି ଓ ସେଥିପାଇଁ ସେ accuracy of the 'Key' used to decode ବୋଲି ସୂଚନା ଦେଇ ତଦୁପରେ ଗୁରୁତ୍ୱ ଆରୋପ କରିଛନ୍ତି । କବିଙ୍କ ସ୍ୱପ୍ନର ବର୍ଣ୍ଣନା hypnagogic hallucination ବା hypnagogic state of consciousness ଓ hypnopomic state of mindର ମିଶ୍ର ରୂପ ଆଡ଼କୁ ସୂଚିତ କରେ । ଏଥିରେ lucid dreaming ଅଭ୍ୟାସର କଥାଟି ମଧ୍ୟ ଠିକ୍ । କିନ୍ତୁ ଫ୍ରଏଡ୍, ହଲ୍, ଫିଶ୍, ହାଟ୍‌ମ୍ୟାନ ଓ ଫିଲିପ୍ସଙ୍କ ପରି ବିଦ୍ୱାନଙ୍କ ଗବେଷଣାଲବ୍ଧ ଜ୍ଞାନରୁ କବି ଶ୍ରୀ ଫନୀ ମହାନ୍ତି ପୂର୍ବୋକ୍ତ କବିମାନଙ୍କ ସହ ଏକମତ ନଥିବା କଥା ପ୍ରଥମରୁ ସ୍ପଷ୍ଟ କରିଛନ୍ତି । ମାନସିକ ଦ୍ୱନ୍ଦ୍ୱ ଓ ପ୍ରତିକ୍ରିୟାର ଏ କବିତା- ଅଲକା ସାନ୍ୟାଲ୍ । ଏ ଅଲକା କବିଙ୍କର personal document ପରି ମନେହେଉଛି । ଧୀରେଧୀରେ କବିତାର DNA ପରୀକ୍ଷା କଲେ ବା DNA fingerprinting କଲେ ଜଣାଯିବ ଏହାର ସତ୍ୟାସତ୍ୟ ।

ସଚ୍ଚିବାବୁଙ୍କ ସହ ଅଲକା ସାନ୍ୟାଲ୍‌ର ହଠାତ୍ ଦେଖାହୋଇଥିଲା ବୋଲି କବି ଫନୀ ମହାନ୍ତି କହିଛନ୍ତି । କିନ୍ତୁ ସଚ୍ଚିବାବୁଙ୍କ ସହ ଅଲକା ସାନ୍ୟାଲ୍‌ର ସଂପର୍କ ଜନ୍ମ ଜନ୍ମର, ଯୁଗଯୁଗର । କାରଣ ସଚ୍ଚିବାବୁ ଯେଉଁ ଅଲକା କଥା କହୁଥିଲେ ସେ ହେଉଛି ଇବ୍, ସେ ହେଉଛି ହେଲେନ୍, ସେ ହେଉଛି ଚନ୍ଦ୍ରମୁଖୀ, ସେ ଆମ୍ରପଲ୍ଲୀ, ସେ ଉର୍ବଶୀ, ସେ ଦ୍ରୌପଦୀ, ସେ ହିଁ ବୈଦେହୀ, ସେ ଛାତ୍ରୀଟିଏ, ସେ ପୁତ୍ରୀଟିଏ, ସେ ଭଗିନୀଟିଏ, ସେ ବି ଜନନୀଟିଏ, ସେ ଜାୟାଟିଏ, ସେ ପୁରୁଷର ଛାୟାଟିଏ । ସେ "ମଣିଷର ଆଖିନେଇ" ଦେଖିଛନ୍ତି, ମଣିଷର ଅପମାନ ଛୁଇଁ ଆସିଥିବା ବ୍ୟଥା ତାଙ୍କ ଛାତିକୁ ଛୁଇଁଛି, "ବୁକୁର ସ୍ପନ୍ଦନ ସାଥେ ଶୁଣିଛନ୍ତି କରୁଣ କାହାଣୀ, ଫୁଲର ଫସଲରେ ପଙ୍ଗପାଳ ଭୈରବୀ ରାଗ ତୋଳିଲାବେଳେ କବି ପ୍ରାଣ ଭାଙ୍ଗି ପଡ଼ିଛି, ତେଣୁ ସେ ଧରିତ୍ରୀ, ମାଟି ଓ ମଣିଷର କଥା କହିଛନ୍ତି । କବିଙ୍କ 'ମାଟିଆ ବୁରୁଜରେ ଜହ୍ନ' କବିତାଟି ନାରୀର କରୁଣ ପରିଣତି ଓ "ସାଂପ୍ରଦାୟିକ ଦଙ୍ଗାହଙ୍ଗାମାର କରୁଣ ଚିତ୍ର କବି ଲେଖନୀରେ ପ୍ରକାଶିତ ହୋଇଛି ।" (୧୯୮୫:୧୨୦) ବଂଗଳା ସାହିତ୍ୟରେ ବିଷ୍ଣୁ ଦେ, ବୁଦ୍ଧଦେବ ବସୁ, ସୁଧୀନ୍ଦ୍ରନାଥ ଦତ୍ତ ଓ ଜୀବନାନନ୍ଦ ଦାସ ପ୍ରମୁଖ କବି ରବୀନ୍ଦ୍ରନାଥଙ୍କ ଦ୍ୱାରା ନିର୍ମିତ ସାହିତ୍ୟର ଆବରଣରେ ପ୍ରଭାବିତ ହୋଇ ଉତ୍ତର କାଳରେ ଏହାକୁ ଭାଙ୍ଗିବାକୁ ଚାହିଁଛନ୍ତି । ସେହିପରି ଗୁରୁପ୍ରସାଦ ମଧ୍ୟ ରାଉତରାୟଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ନିଜ ଲେଖାରେ । ସଚ୍ଚିବାବୁ କେବେ କ'ଣ ଦେଖିଥିଲେ ସେ ସଂପର୍କରେ ସେ ଜାଣନ୍ତିନି ବୋଲି 'ଅଲକା ସାନ୍ୟାଲ୍' କବିତାରେ ଖୋଲାଖୋଲି ଭାବେ କହିଛନ୍ତି । ରାଉତରାୟ କପୋତ କପୋତୀ ହୋଇ ଦୂରକୁ ଉଡ଼ିଯିବା କଥା କହିଲା ବେଳେ ଗୁରୁପ୍ରସାଦଙ୍କ 'କପୋତ କପୋତୀ'ର ଆବେଦନ କେତେ ଅଲଗା ଅନୁମାନ କରାଯାଇପାରେ । "ଗୁରୁପ୍ରସାଦ ଲକ୍ଷ୍ୟ କରିଛନ୍ତି ପ୍ରେମର କ୍ଷଣିକ ଓ ନଶ୍ୱର ରୂପ ।" (୧୯୮୫: ୩୮) ପୁଣି କବି ଗୁରୁପ୍ରସାଦ ପର୍ସନାଲ ନହୋଇ ୟୁନିଭର୍ସାଲ କଥା କହିଛନ୍ତି- "ଲେଖିବା ଭିତରେ କବି ଭୌଗୋଳିକ ପାର୍ଥକ୍ୟକୁ ଲୋପ କରିବା ପାଇଁ ଚାହିଁବା ସଂଗେସଂଗେ ସ୍ୱୀୟ ଐତିହ୍ୟ ରଚନାରେ ପ୍ରୟାସୀ ହୋଇଛନ୍ତି ।" (୧୯୮୫: ୩୯) କବି ଗୁରୁପ୍ରସାଦ ପୁରାତନ ଧାରା, ଧରା ଓ ଧାରଣାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ସମାଲୋଚକ ପ୍ରଫୁଲ୍ଲ କୁମାର ରଥ ଯଥାର୍ଥରେ କହନ୍ତି- "ପୁରାତନ ଐତିହ୍ୟରେ କବିଙ୍କ ତୃପ୍ତିହୀନତା ତାଙ୍କର ଅଧିକାଂଶ କବିତାରେ ପ୍ରକାଶ ପାଇଛି ।" (୧୯୮୫:୪୦) କବି ଗୁରୁପ୍ରସାଦଙ୍କ 'ଅଲକା ସାନ୍ୟାଲ୍'ର ଶେଷ

ଧାଡ଼ିରେ ଯେଉଁ ସ୍ୱପ୍ନ ଦେଖିବା କଥା କହିଛନ୍ତି ସେଇଠାରୁ ଆରମ୍ଭ ହୋଇଛି ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' । ଗୁରୁପ୍ରସାଦଙ୍କ ଏହି କବିତାରେ ପ୍ରେମକଥା ଆଲୋଚନା କଲାବେଳେ ମନେପଡ଼େ D. H. Lawrenceଙ୍କ ଉପନ୍ୟାସ Sons and Lovers, Lady Chatterley's Lover ତଥା Song of a Man who is Loved ପରି କବିତାର ସ୍ୱର । "ସ୍ୱାଭାବିକ ଭାବରେ ଏ ପ୍ରେମର ସ୍ୱରୂପ ଶାଶ୍ୱତ ନୁହେଁ, ଦେହଜ ହେତୁରୁ କ୍ଷଣିକ ।" (୧୯୮୫:୪୦) ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍' ଫନୀ ମହାନ୍ତିଙ୍କ କବିତାର ଆଧାର । ଏଣୁ ଏଇଠାରୁ ପ୍ରଫୁଲ୍ଲ କୁମାର ରଥଙ୍କ ବକ୍ତବ୍ୟକୁ ଉଦ୍ଧାର କରାଯିବା ଉଚିତ । "ଏଠାରେ ଅଳକା ପ୍ରତି ପ୍ରେମ, ଯେଉଁଥିପାଇଁ ଏବଂବିଧ ସ୍ୱପ୍ନଦର୍ଶନ, ରୋମାଣ୍ଟିକ୍ ପ୍ରେମ ନୁହେଁ । ଅତୀନ୍ଦ୍ରିୟ ବା ଅମୂର୍ତ୍ତ ରୂପେ ପ୍ରେମକୁ ନ ଦେଖି ମୂର୍ତ୍ତ ତଥା ଶାରୀରିକ ପ୍ରେମକୁ ହିଁ ଲକ୍ଷ୍ୟ କରାଯାଇଅଛି । ଏହି ସ୍ୱପ୍ନ ରୋମାଣ୍ଟିକ୍ କବିର ଅମରାବତୀ ସଂପର୍କୀୟ ସୂକ୍ଷ୍ମ ତୀବ୍ର ଆବେଗ ଓ ଉଚ୍ଛ୍ୱାସପ୍ରବଳ ସ୍ୱପ୍ନରେ ପରିଣତ ହୁଅନ୍ତା ମାତ୍ର "ଢିଲା ପାଇଜାମା କାମିଜ"ର ପ୍ରୟୋଗ ଏହାକୁ ପୃଥିବୀର ବାସ୍ତବତା ଭୁଲିବାକୁ ଦେଇନି । ଯୌବନର ସମସ୍ତ ଆକୁଳତା ଶାନ୍ତି ଖୋଜିଲା ବେଳେ ଢିଲା ପାଇଜାମା ଓ କାମିଜର ଚିତ୍ରକଳ୍ପ ହିଁ କବି ମନରେ ଉଦିତ ହୋଇଅଛି । କବି ଅଳକାର ଦେହରେ ଖୋଜିଛନ୍ତି ଶାନ୍ତି– ଯୌବନର ଶାନ୍ତି ।" (୪୦) କିନ୍ତୁ କବି ଫନୀ ମହାନ୍ତି ଏହାକୁ ସିଧାସଳଖ ଗ୍ରହଣ ନକରି ଏକ ପର୍ସନାଲ ଡକ୍ୟୁମେଣ୍ଟ ଭାବରେ ବାଢ଼ିଛନ୍ତି ।

କବି ଫନୀ ମହାନ୍ତି ଗୁରୁପ୍ରସାଦଂକୁ ଇଂଗିତ କରି ନାରୀର ପ୍ରତିନିଧି ଅଳକା ସାନ୍ୟାଲ ଉଦ୍ଦେଶ୍ୟରେ ଲେଖିଛନ୍ତି– "ତମର ଥରିଲା କଣ୍ଠ ରୂପ ନିଏ କାଉ ଅବା / ବାଦୁଡ଼ି କଣ୍ଠରେ । ତମର ଅଭାବ କ୍ରମେ ଘୋଟି ଆସେ / ମିଶନ୍ ରୋଡ୍‌ରେ କିମ୍ବା ଯାଜପୁର ବେପାରୀ ବସ୍ତିରେ । ଫାଜିଲ / ବସନ୍ତ ଆସି ତମ ଶବ ବୋହିନିଏ ଭଂଗା କୋକେଇରେ ।" ଏଠାରେ ଗୁରୁପ୍ରସାଦଙ୍କ କାଉ ଓ ବାଦୁଡ଼ିର ଚେଁ ଚାଁ ଶବ୍ଦ କଥାକୁ ଛାଡ଼ି ବାକି ସବୁ ଫନୀ ବାବୁଙ୍କର ଉକ୍ତ କବିତାର ଉତ୍ତର ବ୍ୟାଖ୍ୟା ବା explanation ଓ narration ମାତ୍ର । ଠିକ୍ ଏହି ଉଦ୍ଧୃତାଂଶ ପୂର୍ବର ଧାଡ଼ି– "ତା'ପରେ ତମର ଦେଖା ହଜିଯାଏ ଆକାଶର ତାରାଙ୍କ ଗହଳେ" ରାଉତରାୟ ଓ ଜୀବନାନନ୍ଦଙ୍କ ଶୈଳୀ (ବନଲତା ସେନ୍ କବିତାର) ମନେପକାଇ ଦିଏ । ଜୀବନାନନ୍ଦଙ୍କ 'ବନଲତା ସେନ୍'ରେ ମଧ୍ୟ ଅତିବାସ୍ତବବାଦର ପ୍ରଭାବ ରହିବା ସହିତ ଫ୍ରଏଡ଼ୀୟ ଦୃଷ୍ଟିକୋଣ ରହିଛି । ସୁଲତାନା ଜାହାନ୍ ଯଥାର୍ଥରେ କହନ୍ତି– "In Jibananda's "Banalata Sen" the influence of surrealism and impressionism is revealed very clearly at the very beginning of the poem. Surrealism is vigorous spontaneity wth which thoughts are free from all point of the mind where past and present, death and life, real and imaginary- all opposing forces drop their antipathy. In 'Banalata Sen' the poet's hyperbolic expression of roaming the world for thousands of years or entering ancient India during the reign of Ashoka releases the reader's mind from rationality. Being influenced by Freud, the poet suspends the conscious self that makes known all abstract aspirations and sense of wonder. xxx. The poet abolishes all the barriers between consciousness and the subconscious, inner self and outer reality." (2016: 86) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି– "Quietude, tranquility, and dreamlike ambience characterise the whole poem. In 'Banalata Sen' being fed up with fret and fever of the outside world, the poet escapes into the dream world by the power of subconscious mind." (2016: 87) ସେହି ଏକା କଥା ଫନୀ ମହାନ୍ତିଙ୍କ ଠାରେ ଦେଖାଯାଏ । କବିଙ୍କ Imaginative journey ମଧ୍ୟରେ ଅତିବାସ୍ତବବାଦୀ ଭାବନା ସହ ଏକପ୍ରକାର exotic sensation ମଧ୍ୟ ଦେଖାଯାଏ । ଏଠାରେ Surreal ରୁ Real ହେବା ଯେପରି ହଠାତ୍ ରାଉତରାୟଙ୍କ ଠାରେ ମଧ୍ୟ ଠିକ୍ ସେଇଆ । ମାତ୍ର ଫନୀ ମହାନ୍ତିଙ୍କ ଅଂକୁରଣ ଗୁରୁପ୍ରସାଦଙ୍କ ଠାରୁ ହୋଇଥିବାରୁ ସେ Real ରୁ Surreal ହୋଇଥିବାର ଲକ୍ଷ୍ୟ କରିହେବ । ଅବଶ୍ୟ ଏହା କବିଙ୍କ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ମାତ୍ର । ଆଲୋଚ୍ୟ କବିତା ତ୍ରୟୀରେ ଏହିପରି ଛୋଟବଡ଼ ଅନେକ ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ରହିଛି । ଏହା ହିଁ ପ୍ରତିଟି କବିତାର Coded ପରିଚୟ ।

କାବ୍ୟନାୟକ ସ୍ପଷ୍ଟ କରି ଘୋଷଣା କରିଛନ୍ତି ଯେ ସେହି କାବ୍ୟନାୟିକା ତାଙ୍କର ଚନ୍ଦ୍ରାବତୀ । ପୁଣି ସେ କହନ୍ତି 'ତୁମେ ମୋର ଅଳକା ସାନ୍ୟାଲ୍' । ସଂପୂର୍ଣ୍ଣ କବିତାରେ ଦୁଇଥର ଏହି ଉଦ୍‌ଘୋଷଣା ଦେଖାଯାଏ । ଏହି ସ୍ୱୀକାରୋକ୍ତି ଓ ଘୋଷଣା ଦ୍ୱାରା ଅନ୍ତତଃ ଏଇୟା ସ୍ପଷ୍ଟ ହୁଏ ଯେ, ଲେଖକଙ୍କ ପାଇଁ ଆଗ ଅଳକା ସାନ୍ୟାଲ୍ ନୁହେଁ, ବରଂ ପ୍ରଥମେ ଚନ୍ଦ୍ରାବତୀ ମଡ଼େଲର ପ୍ରେମିକା ଲୋଡ଼ା । କିନ୍ତୁ ଲଜିକ୍ ଦୃଷ୍ଟିରୁ ପ୍ରଥମେ ଚନ୍ଦ୍ରାବତୀ ପ୍ରାୟ ପ୍ରେମ ପ୍ରଣୟ ଉତ୍ତାରେ ସେ ପାଲଟି ଯାଇଛି ଅଳକା ସାନ୍ୟାଲ୍ ଓ ପାଲଟି ଯାଇଛି ଏକ ସଂଧାନର ବସ୍ତୁ । ଚନ୍ଦ୍ରାବତୀ କବିତାରେ ରାଉତରାୟ

ଯେଉଁପରି ପ୍ରେମର ଚିତ୍ର ଦେଖାଇଛନ୍ତି ଅନୁରୂପ ପ୍ରେମର କଥା କବି ଫନୀ ମହାନ୍ତିଙ୍କ କାବ୍ୟନାୟକ ସହ ଘଟିଛି । ସେହିପରି ରାଉତରାୟଙ୍କ 'ଅଳକା ସାନ୍ୟାଲ୍'ର ହତାଶ ନାୟକ ପରି ଫନୀ ମହାନ୍ତିଙ୍କ କାବ୍ୟନାୟକ ପ୍ରେମର ପରିଣତି ହୋଇଛି । ଏଣୁ ଯଥାର୍ଥରେ ସେ କହିଛି– "ମୋ ଆଗରେ ମାଇଲ୍ ମାଇଲ୍ ବ୍ୟଥାର ଜଙ୍ଗଲ ।" କାବ୍ୟନାୟକ ସାମ୍ନାରେ ଅଳକା ସାନ୍ୟାଲ୍‌ର ନିଖୋଜ ହେବା ଓ ଦୁର୍ଘଟଣାର ଶିକାର ହେବା ଘଟଣା ତା'ପାଇଁ ଆଣିଦେଇଛି ବ୍ୟଥାର ଜଙ୍ଗଲ ଯାହାକୁ ପାରିକରିବା ସହଜ ନୁହେଁ ।

କାବ୍ୟନାୟକ ଚନ୍ଦ୍ରାବତୀ ପରି ପ୍ରେମ କରିଛି । ସେ ପ୍ରଥମ ସାକ୍ଷାତ କରିଥିଲା "ଆଦିବାସୀ ପଡ଼ିଆରେ ଲୁପ୍ କେନ୍ଦ୍ର ଉଦ୍‌ଘାଟନ ବେଳେ ।" ଏହା ପ୍ରଥମ ପ୍ରେମର ପ୍ରଥମ ସାକ୍ଷାତ୍ । ଦ୍ୱିତୀୟ ସାକ୍ଷାତ୍ ତାଙ୍କର ହୋଇଥିଲା ଖଣ୍ଡଗିରି ନିର୍ଜନ ଗୁମ୍ଫାରେ । ସାଧାରଣ ପ୍ରେମ ପରି ଦେହର ଆକର୍ଷଣ ଦେଖାଦେଇଛି । ମନର ଆକର୍ଷଣରେ ଦୁଇ ଦେହ ଏକାଠି ହୋଇଛି । ଏହିପରି ପ୍ରେମର ବୟସ କ୍ରମେ ଅନେକ ଅନେକ ଦେଖାସାକ୍ଷାତ୍ ପରେ ଜାତକ ମେଳନ ହୋଇ ଦିଅଁପୂଜା ହୋଇ ସାମାଜିକ ଭାବରେ ଏକାଠି ହେବାର ସୁଯୋଗ ତିଆରି ହୋଇଛି । ପରେପରେ ସ୍ୱାଭାବିକ ଭାବରେ ଚିଠିଲେଖା, ଦିଆନିଆ ଚାଲିଥିଲା । ସେ ସମୟରେ ସାମାଜିକ ଚିନ୍ତା-ଚେତନା, ରକ୍ଷଣଶୀଳତା ଠିକ୍ ତତଲାବାଲି ପରି କାର୍ଯ୍ୟ କରିଛି । ଏଣୁ ପରସ୍ପର ଖୁବ୍ ସମୟ ପାଖାପାଖି ରହିବାର ପରସ୍ପରକୁ ଅନୁଭବ କରିବାର ସେପରି ବିଶେଷ ସୁଯୋଗ ପାଇପାରି ନଥିଲେ । ଅତ୍ୟନ୍ତ ପ୍ରତୀକାତ୍ମକ ଭାବରେ ଚୁମ୍ବକୀୟ ଶୈଳୀରେ କବି ଡକ୍ଟର ମହାନ୍ତି ଏହି ପ୍ରେମର ଦଲିଲ୍‌ଟିକୁ ଶୁଣାଇଛନ୍ତି ।

କବିତାର ତୃତୀୟ ଅଂଶରେ କବି ସମ୍ଭବତଃ କାବ୍ୟପୁରୁଷର ବିବାହ କଥା କହିଛନ୍ତି । ତିନିବର୍ଷ ପାଇଁ ସେଇ ବନ୍ଧନରେ କାବ୍ୟନାୟକ ଓ କାବ୍ୟନାୟିକା ବାନ୍ଧି ହୋଇ ରହିଥିଲେ । କବିଙ୍କ ଭାଷାରେ– "ତିନୋଟି ବରଷ ପାଇଁ ମୁଁ ତମକୁ ରଖିଥିଲି ଯତନରେ ମୁଦା କୋଠରୀରେ ।" ସାଦାସିଧା କାଗଜରେ ନାଁ ଲେଖି ନିଜ ଗଳାରେ ଅକ୍ଷତ ଭାବରେ ବାନ୍ଧିଥିଲା କାବ୍ୟନାୟକ । କିନ୍ତୁ ଏହିଠାରେ ମିଳିତ ମନର ମିଳନ ବ୍ୟାହତ ହୋଇଥିଲା ନାୟିକାର ସ୍ୱାଧୀନ ମନୋବୃତ୍ତି ଓ ବିମୁକ୍ତିର ଆକାଂକ୍ଷା ହେତୁ । ବିରହ ରାଗିଣୀ ବାଜିଉଠିଲା । କବି ଗାଇଛନ୍ତି– "ଅନ୍ୟ ଦିନ ପରି / ତମର ବି ମନହେଲା ବୁଲିବାକୁ ପୁଙ୍ଗୁଳା ଦେହରେ । ଗୁଡ଼ିପରି / ଉଡ଼ିବାକୁ ନୀଳ ଆକାଶରେ । କଳିଙ୍ଗ କଟକୁ ଅବା / ଅଳେଇଚ ଦ୍ୱୀପର ବନ୍ଦରେ । କଲିକତା ଠାରୁ ନୂଆଦିଲ୍ଲୀ ନଗରୀରେ / ଅବା ତମ ମନହେଲା ଭାସିବାକୁ ନାଆ ପରି ଗୋଆ, ଡିଉ / ଡାମନ୍ ଦ୍ୱୀପରେ । ଅନ୍ୟ କେଉଁ ଇଲାକାରେ । ଅନ୍ୟ କେଉଁ ଅଚିହ୍ନା ଛକରେ ।" (ଅଳକା ସାନ୍ୟାଲ୍) ଅଳେଇଚ ଦ୍ୱୀପ ଠାରୁ ଆରମ୍ଭ କରି କଲିକତା, ନୂଆଦିଲ୍ଲୀ ପରି ମହାନଗରୀ ବୁଲିବାର ସଡ଼କ୍ ଓ ଅଭ୍ୟାସ ଭାଙ୍ଗିଦେଇଛି ସଂପର୍କ, ଭାଙ୍ଗି ଦେଇଛି ହୃଦୟ, ସ୍ୱପ୍ନ, ଅତୀତ ଓ ପ୍ରେମର ସ୍ଥାୟୀତ୍ୱ ଓ ମଧୁର କାଚଘର । ରାଉତରାୟଙ୍କ ପରି ଓ ଜୀବନାନନ୍ଦଙ୍କ ପରି ଡକ୍ଟର ମହାନ୍ତି ମଧ୍ୟ ଖୋଜିଛନ୍ତି । ତାଙ୍କ କାବ୍ୟନାୟକ ଖୋଜିବୁଲିଛି ନିଜର ମନର ରାଣୀକୁ– ତା'ର ଚନ୍ଦ୍ରାବତୀକୁ । ମାତ୍ର ପରିତାପର ବିଷୟ ଯେ, ସେ ଚନ୍ଦ୍ରାବତୀ ଆଜି ଅଳକା ସାନ୍ୟାଲରେ ପରିଣତ ହୋଇଯାଇଛି । ତା'ର ବୁଲିବା ଓ ହଜିବା ସଡ଼କ ଦୂରେଇ ନେଇଛି ତାକୁ କାବ୍ୟନାୟକ ଠାରୁ । କାବ୍ୟପୁରୁଷ ଠାରେ ବିଶ୍ୱାସ, ପ୍ରେମ, ପ୍ରଣୟର ବିମୂଲ୍ୟାୟନ ଘଟିଛି । ନାୟିକାକୁ ଖୋଜିଖୋଜି ସେ ନିରାଶ ହୋଇପଡ଼ିଛି । ଏଣୁ ସେ ଗାଇଉଠିଛି–

"ମୁଁ ତୁମକୁ ପାଉନାହିଁ ଅନ୍ୟମାନେ ପାଇ ବି ନଥିଲେ
ମୁଁ ତୁମକୁ ଦେଖୁନାହିଁ, ଓଡ଼ିଶାର ଗଳି, କନ୍ଦି, ନାଳ, ନର୍ଦ୍ଦମାରେ
ମୁଁ ତୁମକୁ ଦେଖୁନାହିଁ ଅଳକା ଷ୍ଟୋରରେ ଅବା ବନାରସ
ମିଠା ଦୋକାନରେ । ମୁଁ ତୁମକୁ ଦେଖୁନାହିଁ ଗ୍ରନ୍ଥାଳୟେ
ଦଶଟାବେଳେ ଟାଉନ୍ ବସ୍‌ରେ । ସାଙ୍ଗସାଥୀ ବାନ୍ଧବୀ
ମେଳରେ । ରାଜନୀତି ବିଜ୍ଞାନ ବା ଦର୍ଶନ ଶ୍ରେଣୀରେ ।"
(ଅଳକା ସାନ୍ୟାଲ୍)

ଏହି କବିତାରେ ପୂର୍ବଜ କବିଦ୍ୱୟଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ମତି ପ୍ରଦର୍ଶନ କରାଯାଇଛି । ଏକ ସମନ୍ୱୟବାଦୀ ସମାଧାନପନ୍ଥୀ ଭାବରେ କବି ମହାନ୍ତି ଏଠାରେ ଉଭା ହୋଇଛନ୍ତି । ଯଥାର୍ଥରେ ସେ ଗୁରୁପ୍ରସାଦ ଦେଖିଥିବା ଅଳକାକୁ ଓଡ଼ିଶାର ପରିସର ଓ ପରିବେଶରୁ କ୍ଷାନ୍ତ ରଖିଛନ୍ତି । ଏହା କବିର ବୌଦ୍ଧିକ ଟେକ୍‌ନିକ୍ । ଓଡ଼ିଶାର ଗଳି, କନ୍ଦି, ନାଳ, ନର୍ଦ୍ଦମା, ମିଠା ଦୋକାନ, ବଜାର ପରି ଶସ୍ତା ସ୍ଥାନରେ ତାଙ୍କୁ ନଦେଖି ନିଜ ପ୍ରେମକୁ ପଣ୍ୟ ଓ ସାଧାରଣ ସ୍ତରକୁ ଟାଣିଆଣି ନାହାଁନ୍ତି । ପ୍ରଥମରୁ କଲେଜ ବେଳର ଯୁବସୁଲଭ ପ୍ରେମର କଥା ଏଠାରେ କୁହାଯାଇଛି । ଓଡ଼ିଶାର ଯୁବ ପରିବେଶ, ପରିସର ଓ ଶୈକ୍ଷିକ ବାତାବରଣକୁ ଏପରି ପୂତିଗନ୍ଧମୟ ପ୍ରେମରୁ ଦୂରରେ ରଖିଛନ୍ତି ଲେଖକ । ଯଥାର୍ଥରେ ଟାଉନ୍ ବସ୍, ସାଙ୍ଗସାଥୀ, ବାନ୍ଧବୀ ବା ସ୍ନାତକ ଶ୍ରେଣୀରେ, କଲେଜ କ୍ୟାମ୍ପସ୍ ବା କ୍ଲାସ୍‌ରେ ପାଇ ନାହାଁନ୍ତି କବି । ଏହା କବିଙ୍କର ଏକ ସୁଚିନ୍ତିତ ପ୍ୟାଟର୍ଣ୍ଣ; ସମାଧାନର ଏକ ପନ୍ଥା ।

କବି ବା କାବ୍ୟନାୟକ ଏଠାରେ ଅଭିନ୍ନ । ପ୍ରଥମ ପୁରୁଷ ବର୍ଣ୍ଣନାରେ ଯଥାର୍ଥରେ ସେ ତୃତୀୟ ପନ୍ଥା ବାଛିନେଇ କହିଛନ୍ତି–

"ତମେ ମୋର କେଶବତୀ
ତମେ ମୋର ପ୍ରେମର ଫସିଲ ।
ତମେ ମୋର ସଂକେତର
ଧ୍ରୁବତାରା ସଂପର୍କର ଜାଗ୍ରତ ପ୍ରହରୀ ।" (ଅଳକା ସାନ୍ୟାଲ୍)

ଅଳକା ସାନ୍ୟାଲ୍ କାବ୍ୟନାୟକ ପାଇଁ ପାଲଟିଛି ପ୍ରେମର ଫସିଲ, ଅର୍ଥାତ୍ ସ୍ମୃତିଟିଏ ମାତ୍ର । ଏହି ସ୍ମୃତି ପୁଣି ଜୀବନ୍ତ ହେବାର ନୁହେଁ ଫିନିକ୍ସ ପକ୍ଷୀ ପରି (Like a Phoenix Bird) । କାବ୍ୟନାୟକ ସହ ଅଳକା ସାନ୍ୟାଲ୍‌ର ସଂପର୍କ ସତତ ସତର୍କକାରୀ, ଏକ ସଚେତନ ବାଣୀ ମାତ୍ର । ଏହି ସଂପର୍କ କାବ୍ୟପୁରୁଷ ମନରେ ଗଭୀର ରେଖାପାତ କରିଛି ଓ ଉଜ୍ଜ୍ୱଳ ପ୍ରତିଭାତ ହୋଇଛି ଠିକ୍ ଧ୍ରୁବତାରା ପରି । ବିରହୀ ପ୍ରେମିକକୁ ନିର୍ଜନ ବର୍ଷାରାତିର ଗର୍ଜନ ଆହୁରି ଅଧିକ ଅଧିକ ବିବ୍ରତ ଓ ବ୍ୟସ୍ତ କରିଛି । କିନ୍ତୁ ଏହି ନିର୍ଜନତାରେ ମଧ ମନେହୋଇଛି ପ୍ରେମିକା ଆସିବା ପରି, ପ୍ରତୀତ ହୋଇଛି ତା'ର ଉପସ୍ଥିତି ଓ ସୃଷ୍ଟି ହୋଇଛି ତା'ର ଗୁଣୁଗୁଣୁ ଶବ୍ଦର ଭ୍ରମ । ଶେଷରେ ସେ କହିଛି–

"ତମ ପାଇଁ ମୋ ଶେଯରେ
ମୁଠା ମୁଠା ଆକାଂକ୍ଷାର ସ୍ୱର ।
ଏ ସହରେ ସତେ ଅବା ମୁଁ ଏକ
ଦୁଃସ୍ଥ ଯାଯାବର ।" (ଅଳକା ସାନ୍ୟାଲ୍)

କାବ୍ୟନାୟକର ଏହି ବିରହ ତଥା ପ୍ରେମ ଓ ସ୍ୱପ୍ନଭଂଗ ପରେ ସମଗ୍ର ସହର ତାକୁ ଅପରିଚିତ ମନେହୋଇଛି । ସମସ୍ତଙ୍କ ଉପରୁ ଉଠିଯାଇଛି ତା'ର ଆସ୍ଥା ଓ ପ୍ରତ୍ୟୟ । ନିଜକୁ ଯଥାର୍ଥରେ ସେ ଏକ 'ଦୁଃସ୍ଥ ଯାଯାବର' ମନେ କରିଛନ୍ତି ।

କବି ବା କାବ୍ୟନାୟକ ଏକ ଶାଶ୍ୱତ ପ୍ରେମିକ ହିସାବରେ ପ୍ରତିକ୍ରିୟା ରଖିଛନ୍ତି । ସେ ଏହାକୁ ସମୀକ୍ଷା କରିନାହାଁନ୍ତି, ପ୍ରତିକ୍ରିୟାଶୀଳ ହୋଇ ମନ୍ଦ ମନ୍ତବ୍ୟ ପ୍ରଦାନ କରିନାହାଁନ୍ତି । ଯଥାର୍ଥରେ ସେ କହିଛନ୍ତି–

"ତମରି ବୟସ ବନ୍ଧୁ ତମେ ହୁଅ ମୃତ୍ୟୁଞ୍ଜୟୀ
ତମେ ହୁଅ ଅକ୍ଷୟ ଅମର । ତମ ଗୁଣ ଗାନ କରି
ପୃଥିବୀର ଜରାୟୁରୁ ଜନ୍ମ ନେଉ
ଶତଶତ ବିକଳ ଅନ୍ତର ।" (ଅଳକା ସାନ୍ୟାଲ୍)

କାବ୍ୟନାୟକ ସମାଜ ଓ ଯୁବପୀଢ଼ିର ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଆଖିଆଗରେ ରଖି ପୃଥିବୀର 'ଜରାୟୁରୁ ବିକଳ ଅନ୍ତର' ଜନ୍ମ ନେବାକଥା କହିଛନ୍ତି । ଏହା କାବ୍ୟ ପୁରୁଷର କାମନା । ଏଇଠି ରହିଛି କବିର ସାମାଜିକ ପ୍ରତିବଦ୍ଧତା ବା Societal Commitment.

ମୋଟାମୋଟି ଭାବରେ କବି ଡକ୍ଟର ମହାନ୍ତି ପ୍ରଥମରୁ ରାଉତରାୟଙ୍କ ଉପରେ ପ୍ରତ୍ୟୟ ସ୍ଥାପନ କରି ନିଜ ଦୃଷ୍ଟିରେ ନାରୀକୁ ନିଜେ ପ୍ରେମିକ ସାଜି ପ୍ରେମ କରିଥିଲେ । କିନ୍ତୁ ସେ ପ୍ରେମରେ ହାରିଛନ୍ତି, ଅବଶ୍ୟ ଚେତନାଗତ ସ୍ତରରେ ହାରି ମଧ ଜିତିଛନ୍ତି । ତେବେ ଏଇଠି ଉପଲବ୍ଧି କରିଛନ୍ତି ଗୁରୁପ୍ରସାଦଙ୍କ କାବ୍ୟ ଦର୍ଶନକୁ ସାମାଜିକ ବାସ୍ତବତା (Social Realism)କୁ ଓ ନିଜେ ସେଇଠି ରୋକି ନଯାଇ ନାରୀର ଏକ ବିକଳ ଅନ୍ତର ବା ଅଳକା ସାନ୍ୟାଲ୍‌ର ରୂପାନ୍ତରଣ, ଗୁଣାନ୍ତରଣ ଓ ମେଟାମରଫସିସ୍‌କୁ ଧ୍ୟାନ ଦେଇଛନ୍ତି । ବିବର୍ତ୍ତନ ଉପରେ ଭରସା ରଖିଛନ୍ତି । ଏହିପରି କବିତାଟି ନିଜର ସ୍ୱାତନ୍ତ୍ୟ ଜାହିର୍ କରିବାରେ ସଫଳ ହୋଇଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ।

**ଅନୁସୃତ ଗ୍ରନ୍ଥସୂଚୀ :**


୧. Freud, Sigmund, *The Interpretation of Dreams*, London: Macmillan, 1912.

୨. Jahan,Sultana, "Reading Jibanananda Das's "Banalata Sen" from a surrealistic perspective". In: *IIUC Studies*, 13, 2016, DOI: http:/dx.doi.org/10.3329/iiucs.v13io.37648.

୩. ବିଶ୍ୱାଳ, ପ୍ରଦୀପ କୁମାର, 'କବି ଫନୀ ମହାନ୍ତି', *ସାଂପ୍ରତିକ କବି ଓ କବିତା* ୧ମ ଭାଗ, ସଂପା. ଦାସ, ହେମନ୍ତ କୁମାର, ନାୟକ, ରଂଜିତା, ସ୍ୱାଇଁ, ପ୍ରସନ୍ନ କୁମାର, କଟକ: ଓଡ଼ିଶା ବୁକ୍‌ଷ୍ଟୋର (ସାରଳା ସାହିତ୍ୟ ସଂସଦ), ୨୦୧୩ ।

୪. ମହାନ୍ତି, ଗୁରୁପ୍ରସାଦ, *ସମୁଦ୍ର ସ୍ନାନ*, କଟକ: ଲାର୍କ ବୁକ୍‌ସ୍, ୧୯୭୦ ।

୫. ମହାନ୍ତି, ଫନୀ, *ମୃଗୟା*, କଟକ: ବର୍ଣ୍ଣ ପ୍ରକାଶନ, ୨୦୦୫ ।

୬. ରଥ, ପ୍ରଫୁଲ୍ଲ କୁମାର, *କବି ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦ*, କଟକ: ଅଧୁନା ପ୍ରକାଶନ, ୧୯୮୫ ।

୭. ରାଉତରାୟ, ସଚ୍ଚିଦାନନ୍ଦ, *ପାଣ୍ଡୁଲିପି*, କଟକ: ଗ୍ରନ୍ଥମନ୍ଦିର, ୧୯୮୭ ।



ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ,
ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର
e-mail: santoshonly123@gmail.com
Mob- 8328909157

ISSN -2583-147X(P), **Vol.- 8, Issue No. V, August 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଶେଷଚିଠି

**ସୁକାନ୍ତି ରାଉତ**

ଛାତ ଉପରେ ଛିଡା ହୋଇ ଅଙ୍କିତା ଚାହିଁଥିଲା ନୀଳଆକାଶକୁ । ଖୋଲା ଆକାଶ କୁଆଁର ପୁନେଇଁ ଜହ୍ନରାତି, ମୁକୁଳା ପବନ ଆଉ ସ୍ୱପ୍ନ ଭର୍ତ୍ତି ତା ଦୁଇଟି ନୀଳ ଆଖି । ଏସବୁ ଭିତରେ ହାଲୁକା ପବନରେ ତା ବାର ହାତ ଲମ୍ବା ବେଣୀଟା ହଲି ଯାଉଥିଲା । ସତେ ଯେମିତି ତା' ବେଣୀରେ ଲହଡି ଭାଙ୍ଗୁଥିଲା ପୁଷ୍କରିଣୀର କଳା କଳାଘୁମର ପାଣି । ତା ସ୍ୱପ୍ନ କ୍ରମଶଃ ରଙ୍ଗହୀନ ହୋଇ ଯାଉଥିଲା ବୋଉର ଲୁହ ନିକଟରେ । ଭାବୁଛି ଏଥର ବୋଉକୁ ମନା କରିଦେବ ନାଁ ବୋଉ, ମୁଁ ବିବାହ କରିବିନି । ଜୀବନର ଶେଷ କଥା ବିବାହ ନୁହେଁ । ନାରୀ ଜୀବନର ଶ୍ରେଷ୍ଠ ସତ୍ୟ ହୁଏତ ପୂର୍ଣ୍ଣତା ହୋଇପାରେ । କିନ୍ତୁ ଏମିତି ତ କିଛି କଥା ନାହିଁ । ସବୁ ଝିଅମାନେ ହିଁ ପୂର୍ଣ୍ଣତା ପ୍ରାପ୍ତ ହେବେ । ଶଙ୍ଖା, ଶାଢୀ ସିନ୍ଦୁର ଆଉ ଓଢ଼ଣା ଟାଣିଦେଲେ କେହି ଜଣେ କୁଳବଧୂ ହୋଇ ଯାଏନି । ଅଧିକ ଅଧିକ ଯୌତୁକ ଦେଇ କାହା ମନକୁ ବାନ୍ଧି ହୁଏନି । ଅଗ୍ନି ଚାରିପଟେ ସାତ ଘେରା ବୁଲି ଆସିଲେ କେହି ସ୍ୱାମୀ-ସ୍ତ୍ରୀ ହୋଇଯାଏନି । କାହିଁକି କେଜାଣି ବୋଉକୁ ଦେଖିଲେ ଆପେ ଆପେ ତା' ବିଦ୍ରୋହର ସ୍ୱର ନରମି ଯାଏ । କିନ୍ତୁ କିଛି ବି କହିପାରେନା ବୋଉକୁ । ମନେ ପଡ଼େ ଅତିକ୍ରମ ଆସିଥିବା ସତେଇଶିଟି ବସନ୍ତର କଥା ।

କାଲିପରି ଲାଗୁଛି ଧୂଳି, ମାଟିରେ ଘୁଷୁରି ଥିଲା, ଲଙ୍ଗଳା ଦେହ, ଲାଳ ସବୁ ବହିଯାଉଥିଲା ଛାତିଦେଇ । ବୋଉ ସବୁ ପୋଛି ଦେଉଥିଲା କାନି ପଣତରେ । ଜହ୍ନ ମାମୁଁ ଦେଖାଇ ଖୁଆଇ ଦେଉଥିଲା । ରାଗି ଗଲେ, ରୁଷିଗଲେ ସତେ ଯେମିତି ତା ପୃଥିବୀଟା ଶୋଇପଡୁଥିଲା । କଜ୍ଜଳ, ପାଉଡର ଲାଗାଇ ମଥା କୁଣ୍ଡାଇ ସ୍କୁଲ ପଠାଇ ଦେଇଥିଲା । ତା ଅନୁପସ୍ଥିତି ବହୁତ କଷ୍ଟ ଦିଏ । କାରଣ ବୋଉର ବା' ଘର ୫ବର୍ଷ ପରେ ତାକୁ ହିଁ ଜନ୍ମ ଦେଇଥିଲା । ସବୁଯାକ ସ୍ନେହ, ମମତା, ଭଲପାଇବା ଅଜାଡ଼ି ଦେଇଥିଲା । ତା କେତେ ଓଷା ବାର ବ୍ରତ କରି ତାକୁ ସେ ପାଇଛି । ତା ଜନ୍ମର ଦୁଇ ବର୍ଷପରେ ତାର ଗୋଟେ ଛୋଟ ଭାଇ ହେଲା ଦୁହେଁ ସାଙ୍ଗ ହୋଇ ଖେଳୁଥିଲେ । ବୋଉର ଦୁଇ ଆଖିର ସୁଖ ସ୍ୱପ୍ନ କହିଲେ ଭାଇ ଭଉଣୀଙ୍କୁ ହିଁ ବୁଝାଉଥିଲା । ବାପା ତ କାରଖାନାରେ କାମ କରନ୍ତି । ଟଙ୍କା କେଇଟିରେ ସଂସାର ଭଲରେ ଭଲରେ ଚଳିଯାଏ । ସେଥିରୁ କିଛି ପଇସା ବୋଉ ବ୍ୟାଙ୍କରେ ଜମା ରଖେ ଦୁଇ ଭାଇଭଉଣୀଙ୍କ ଭବିଷ୍ୟତ ପାଇଁ ।

ତା ସାନ ଭାଇ ପାଇଁ ଆଉ ବହି କିଣା ହୁଏନି । ତା' ବହିରେ ତା'ର ଚଳିଯାଏ । ସେ ଯେଉଁଦିନ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କଲା ସେଦିନ ବୋଉର ଖୁସି କହିଲେ ନସରେ । ବାପା ବି ସତେହେଁ ତାଙ୍କ ସ୍ୱପ୍ନ ସବୁ ସତ ହୋଇଗଲା । ବୋଉ ଚାରିଆଡ଼େ କହେ ଝିଅଟା ସିନା ମୋର ଦେଖିବାକୁ କଳା ହେଲେ କ'ଣ ହେବ ଭଲ ପାଠ ତ ପଢୁଛି । ଭାରି ବୁଦ୍ଧିମତୀ ଆଉ ଭଲ ବୁଣାବୁଣି କରି ଜାଣିଛି । ଅଭାବ ଅନାଟନ ଭିତରେ ବୋଉ ତା ପାଇଁ ତା କାନଫୁଲ ବିକି କଲେଜରେ ଆଡ଼ମିଶନ୍ କଲା । ଯେଉଁ କାନଫୁଲଟି ତାଙ୍କ ଶାଶୁ ଆସିଲା ବେଳେ ଉପହାର ସ୍ୱରୂପ ଦେଇଥିଲେ । ଏତେ ଦୁଃଖ କଷ୍ଟ ଭିତରେ ସେ କେବେବି କାନଫୁଲ ବିକିବାକୁ ଦେଇ ନଥିଲା । ଆଜି ତା ଆଡମିଶନ୍ ପାଇଁ ତା ସ୍ମୃତି ସନ୍ତକକୁ ବିକି ଦେବାକୁ ପଛାଇ ନାହିଁ ।

ରମାଦେବୀ କଲେଜରେ ହେଇଗଲା ଆଡ଼ମିଶନ୍ । ହଷ୍ଟେଲରେ ରହିଲା । ପ୍ରଥମେ ପ୍ରଥମେ ତାକୁ ଆଦୌ ଭଲ ଲାଗୁନଥିଲା । ଯାହା ବି କଲେ ବାପା ବୋଉ ଭାଇ ଛଡା ଆଉ କିଛି ଦେଖାଯାଉ ନ ଥିଲା । ସାଙ୍ଗମାନଙ୍କ ସହ ଅଙ୍କିତା ନିଜକୁ ସାମିଲ କରିପାରୁ ନ ଥାଏ । ତାକୁ କେମିତି କେମିତି ଲାଗୁଥାଏ । ଦୁଇ / ଚାରି ଦିନପରେ ହଷ୍ଟେଲରୁ ଫେରି ଆସିଲା ନିଜ ଗାଁକୁ । ଆଉ କହିଲା ବୋଉ ମୁଁ ଆଉ ହଷ୍ଟେଲରେ ରହିବିନି । ତୋ ହାତରନ୍ଧା ଖାଇ ମୁଁ ପ୍ରତ୍ୟେକ ଦିନ ଯିବା ଆସିବା କରିବି । ବୋଉ ତୁ ମୋ କଥାରେ ରାଜି ହେଇଯା । ବୋଉ ତାକୁ ବୁଝାଇ ଦେଲା ଗୋଟେ ନୂଆ ଜିନିଷ ପ୍ରଥମେ ପ୍ରଥମେ ଭଲ ଲାଗେନି । କିଛିଦିନ ଗଲା ପରେ ସବୁ ତାକୁ ଭଲ ଲାଗେ । ମାଆ ତୁ କିଛି ଦିନ ରହ ତା ପରେ ଦେଖିବୁ ତୋତେ ସବୁ ଭଲ ଲାଗିବ । ତୁ ପରା ମୋ ସ୍ୱପ୍ନକୁ ସତ କରିବୁ । ମୋର ଗୋଟେ ଅଫିସର ଜୋଇଁ ହେବ । ମୁରୁକି ହସି ଦେଲା ଅଙ୍କିତା ଆଉ କହିଲା ବୋଉ ହଁ ହଁ ମୋ ସ୍ୱପ୍ନ ସତ କରିବି । ତା ପରଠୁ ଆଉ ଅଙ୍କିତା ଆଗପରି ହେଲା ନାହିଁ । ସବୁ କିଛିକୁ ଖାପଖୁଆଇ ଚଳିବା ଶିଖିଗଲା । ଅନ୍ୟ ଝିଅମାନଙ୍କ ପରି ସେ ବେଶୀ ପଇସା ଖର୍ଚ୍ଚ କରୁନଥିଲା । ସେ ବୁଝିପାରୁଥିଲା ବାପା

ବୋଉ ତା ପାଇଁ କେତେ କଷ୍ଟରେ ପଇସା ପଠାଉଛନ୍ତି । ଯଦିଓ ତା ବାପା ବୋଉ ତାକୁ ଜଣାଇବାକୁ ଦେଉନଥିଲେ । ଅଭାବ ଅନାଟନ ସବୁ । ସେ କିନ୍ତୁ ଆପଣା ଛାଏଁ ସବୁ ଜାଣିପାରୁଥିଲା । ଏମିତି ବିତିଗଲା ତାର ୨ବର୍ଷ +୨ ପରୀକ୍ଷା । ସେ ପ୍ରଥମ ଦଶଜଣଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିଲା । ତା ପରେ ଆସିଲା ବିଜେବି କଲେଜକୁ ବି.ଏସ୍.ସି ପଢିବାକୁ । ମେଡିକାଲ ପାଇଁ ତ ପ୍ରଚୁର ଟଙ୍କା ଦରକାର । ତେଣୁ ସେ ସେଥିପ୍ରତି ମନବଳାଇଲା ନାହିଁ । ମନକୁ ମାରି ଦେଲା । ମାରିଦେଲା ଏଇଥିପାଇଁ ସେ ଯଦି ମେଡିକାଲ ପଢେ ତା ହେଲେ ତା ସାନଭାଇ ଜୀବନ ନଷ୍ଟ ହୋଇଯିବ ।ତେଣୁ ସେ ତା ନିଷ୍ପତ୍ତିକୁ ବଦଳାଇ ଦେଲା । ତା ପ୍ରତି ବାପା ବୋଉ କେବେ ବି ଅବହେଳା କରିନାହାନ୍ତି । ପୁଅ / ଝିଅର ପାର୍ଥକ୍ୟ ଦେଖି ନାହାନ୍ତି ବରଂ ପୁଅ ଠାରୁ ଅଧିକ ଧ୍ୟାନ ଦେଇଛନ୍ତି । ତା ବୋଉ କେବେ ବି ଦିନେ କହିନି ଯେ ତୁ ସେଠି ପଠି ପାରିବୁନି । ବରଂ ତାକୁ ବାଧ୍ୟ କରିଛି ଏ କଲେଜରେ ପଢିବା ପାଇଁ । ବଡ଼ କଲେଜରେ ବଡ଼ ଲୋକୀର ଛୁଆ ଏବଂ ସୁନ୍ଦରୀ ଝିଅ ପଢନ୍ତି । ଅଙ୍କିତା ଭାବୁଥାଏ ନା ଏସବୁ ଗୋଟେ କୁହାକଥା । ସତ ବୋଲି ପା* ପଇସାର ନାହିଁ । ମୁଁ ତ ସୁନ୍ଦରି ନୁହେଁ । ବଡ଼ ଲୋକୀର ଝିଅ ନୁହେଁ । ନିଜକୁ ନିଜେ ଖୁସି ଅନୁଭବ କରୁଥାଏ । ଆଜିଯାଏଁ ତା ସାଙ୍ଗମାନଙ୍କ ପାରି କାହାରି ଠାରୁ କମେଣ୍ଟ ଶୁଣିନି । ଏଥିପାଇଁ ସେ ଭଗବାନଙ୍କୁ ଧନ୍ୟବାଦ ଦେଉଥାଏ ତାକୁ କଳା କରିଥିବାରୁ । ଯଦି ସେ ଗୋରା ହୋଇଥାନ୍ତା ତାକୁ ବି ସାଙ୍ଗମାନଙ୍କ ପରି ଥଟ୍ଟା ସହିବାକୁ ପଡିଥାନ୍ତା । ପ୍ରତେକ ଦିନ ଗୋଟେ ଗୋଟେ ଘଟଣାରୁ ସୃଷ୍ଟି ହୁଅନ୍ତା । ଆଜିକାଲିକା ଶସ୍ତା ପ୍ରେମ ।

ବି.ଏସ୍.ସି ପରୀକ୍ଷା ଫଳ ବାହାରିଲା । ଫିଜିକ୍ସ ଅନର୍ସରେ ଟପର ହୋଇଛି ଅଙ୍କିତା । ଏହାପରେ ପି.ଜି ବାଣୀବିହାରରେ ଆଡ଼ମିଶନ୍ କଲା । ଚାହୁଁ ଚାହୁଁ ନଇ ସୁଅ ପରି ଦୁଇ ବର୍ଷ ବିତିଗଲା । ଜେଆରଏଫ୍ ପାଶ୍ କରି ସେ କମ୍ପିଟେଟିପ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା । ୟୁପିଏସ୍‌ସିରେ ପରୀକ୍ଷା ଦେଇ ଅଧ୍ୟାପିକା ଚାକିରୀ ପାଇଗଲା । ଏଥର ସୁଧୁରି ଯିବ ଘରର ପୂର୍ବ ପରିସ୍ଥିତି । ତା ବୋଉର ଅବଶିଷ୍ଟ ଜୀବନ ସୁଖଶାନ୍ତିରେ ବିତିବ ଆଉ ସତ ହେବ ସ୍ୱପ୍ନ । ସାନଭାଇ ତାରି ପାଖରେ ରହି ସେ ପାଠ ପଢିବ ତା'ଠାରୁ ଆହୁରି ବଡ଼ ଅଫିସର ହେବ । ଏମିତି ଆହୁରି କେତେ କଣ ଭାବୁଥାଏ । ହଠାତ୍ ବୋଉର ଡାକରେ ତା ଭାବନାର ପୂର୍ଣ୍ଣଚ୍ଛେଦ ପଡ଼ିଲା । ଆଲୋ ମା ଆଜି ତୋତେ ଗୋଟେ କଥା କହିବି ରଖିବୁ ସତ କରିକହ ହଁ ବୋଉ ମୁଁ ନିଶ୍ଚିତ ରଖିବି ତୁ କହ । ଏଇ ପାଖ ଗାଁରେ ତୋ ଲାଗି ଗୋଟେ ପ୍ରସ୍ତାବ ଠିକ୍ କରିଛି । ସେମାନଙ୍କର ଝିଅ ପସନ୍ଦ ହେଲେ ତା ପରେ ଶୁଭ ଦିନ ସ୍ଥିର ହେବ । ବୋଉର ମୁହଁକୁ ଲକ୍ଷ୍ୟ କରି କିଛି କହିଲାନି ଅଙ୍କିତା । ନିରବ ରହିବାର ମାନେ ହଁ ବୋଲି ବୁଝି ନେଲା ତା ବୋଉ । ଏହାପରେ ଚାଲିଲା ଝିଅ ଦେଖା ପର୍ବ । ଝିଅ ଦେଖା ଶେଷରେ ଉତ୍ତର ଆସିଲା ସବୁ ମନକୁ ଯାଇଛି । ମାତ୍ର ଟିକେ ଅସୁବିଧା ଅଛି । ଝିଅଟି ଟିକେ କଳା । ଏମିତି ଗୋଟେ ପରେ ଗୋଟେ ପ୍ରସ୍ତାବ ଭାଙ୍ଗିବାରେ ଲାଗିଲା । ନିଜକୁ କେମିତି ଏକ ଅସହାୟ ବୋଲି ଭାବୁଥାଏ ଅଙ୍କିତା । ସେଦିନ ଭଗବାନଙ୍କୁ ଧନ୍ୟବାଦ ଦେଇ ନମସ୍କାର କରିଥିଲା । ତାକୁ କଳା କରିଥିବାରୁ ଆଜି ସେ ଭଗବାନଙ୍କୁ ଦାୟୀ କରୁଛି । ଆଉ ଭାବୁଛି ଦେଖା ହେଲେ ଠାକୁରଙ୍କୁ ଗାଳି ଦିଅନ୍ତି । କାଳୀ ଝିଅଙ୍କ ଭାଗ୍ୟରେ ଭଗବାନ କ'ଣ ଲେଖିନାହାନ୍ତି । ଶୁଭ ସାହାନାଇ ଶୁଣିବାକୁ ବାଡୁଆପାଣିରେ ଗାଧୋଇବାକୁ ଆଉ ଦୁଇ ଭ୍ରୁଲତା ମଧ୍ୟରେ ସିନ୍ଦୁର ଟୋପାଏ ନାଇଁବାକୁ । ତା ବୋଉ ଅଙ୍କିତା କଥା ଚିନ୍ତା କରି କରି କେମିତି ଏକପ୍ରକାର କ୍ଲାନ୍ତ ହୋଇସାରିଲାଣି । ତଥାପି ତା'ର ସେଇ ସ୍ୱପ୍ନ ଅଫିସର ଜୋଇଁ କରିବା । ସମୟ ସରିଯାଏ । ଯଦିଓ ସେ ଅସରନ୍ତି ଦୁଃଖ ଦେହସୁହା ହୋଇଯାଏ । ତଥାପି ସ୍ୱପ୍ନ ଦେଖେ ସୁନାନାକୀ ଝିଅ ପାଇଁ ଜ୍ୱାଇଁଟିଏ କରିବାକୁ । ଜନନୀର ହୃଦୟ ଜନନୀ ହିଁ ଏକ ବୁଝିପାରେ । ଅଙ୍କିତା ଏଥର ଅ[ା ଭିଡେ ବୋଉକୁ ବୁଝାଇବାକୁ ଦେଖି ବୋଉ ମୁଁ ତୋ ଉପରେ ବୋଝ ନୁହେଁ । ତୋରି ଆଶୀର୍ବାଦରୁ ମୁଁ ନିଜ ଗୋଡ଼ରେ ଛିଡ଼ା ହୋଇଛି । ପୋଥିର ପୃଷ୍ଠା ସିନା ଓଲାଇଟାଇବାକୁ ପଡ଼େ କିନ୍ତୁ ଭାଗ୍ୟର ପୃଷ୍ଠା ଆପେ ଆପେ ଓଲଟିପଡେ । ତେଣୁ ବୋଉ ଭାଗ୍ୟରେ ଯାହା ଥିବ ସେଇଆ ହିଁ ହେବ । ତାକୁ କେହି ରୋକି ପାରିବେନି । ବୋଉ ତୁ ତୋ ନିଷ୍ପତ୍ତି ବଦଳାଇ ଦେ । ମୁଁ ପୁରୁଷର ସହଯୋଗ ବିନା ବଞ୍ଚିପାରିବି । ମୋ ପାଇଁ ଏତେ ଦୁଃଖ ସହିଛୁ ଆଉ ତୋତେ ହଇରାଣ ହେବାକୁ ଦେବିନି । ବିବାହ ନକରି କେତେ ମହିୟସୀ ମହିଳା ସମାଜର ଉପରସ୍ତରରେ ଅଛନ୍ତି । ତୁ କାହିଁକି ଭାବୁଛୁ ତୋ ଅଙ୍କିତା ପାରିବନି ବୋଲି । ସତରେ ବୋଉ, ତୋତେ ମୁଁ ଏତେ ଭଲପାଏ ବୋଲି କହିବାକୁ ଭାରି ଡର ଲାଗେ । ଆଉ ଯଦି ଏକଥା ତୋ ପାଖରେ ପ୍ରକାଶ କରିଦିଏ ତେବେ ତୋ ଛାତି କୁଣ୍ଢେମୋଟ ହୋଇଯିବ । ତୁ ଆଗପରି ମୋତେ ଭଲ ପାଇବୁନି । ବୋଉ, ତୋ ଭଲପାଇବା, ରାଣ, ତୁ ଆଉ ମୋ ପାଇଁ ଚିନ୍ତ କରନି ମୁଁ ଏମିତି ଅଛି ଭଲରେ ଅଛି । ଦୁନିଆ ଲୋକଙ୍କ କଥାରୁ ଆମକୁ କ'ଣ ମିଳିବ କହିଲୁ । ସେମାନେ କହିବେ ହିଁ କହିବେ । ସେମାନଙ୍କ ମୁହଁରେ ତ ବାଡ଼ବତା ଦେଇ ହେବନି । ତୁ ମୋ ପାଇଁ ଏତେ କଷ୍ଟ ସହିଛୁ । ଏଇ ପଦିଏ କଥା କ'ଣ ସହିପାରିବୁନି । ବୋଉ ଭଲକି ଚିନ୍ତା କରି ଦେଖି ମୁଁ ଯାହା କହୁଛି ଠିକ୍ ନା ଭୁଲ୍ । ତୁ ଯଦି ମୋ କଥା ନ ମାନି ମୋଟା ଅଙ୍କର ଯୌତୁକ ଦେଇ ପରଘରୀ କରିଦେବୁ ତାହାଲେ ଯୌତୁକ ଲୋଭୀ ନର ପିଶାଚମାନେ ମୋତେ ଦିନେ ରୁଦ୍ଧ କୋଠରୀ ଭିତରେ କିରୋସିନ ଢାଳି ପୋଡ଼ି ଦେବେ । ତୁ ବି ଦେଖିବୁ ପଢ଼ିବୁ ସେମାନଙ୍କ ପରି ତୋ ଝିଅ ଯୌତୁକ ଯୁଇରେ ନିଜ ଜୀବନକୁ ଆହୂତି ଦେଇଛି । ଯାହାକୁ ତୁ ଏତେ ଭଲପାଉ ତାକୁ କ'ଣ ତୁ ତୋ ପୃଥିବୀ ଭିତରୁ ଦୂରେଇ ଦେବାକୁ ଚାହୁଁ । ତାକୁ ବୋହୂ ବେଶରେ ଦେଖିବା ପାଇଁ ତୁ କ'ଣ ତାକୁ ମରଣ ମୁହଁକୁ ଠେଲି ଦେବୁ । ଗୋଟିଏ ଦିନର ହସ ପାଇଁ କୋଟିଏ ଦିନର ହସକୁ ଲିଭାଇ ଦେବୁ । ବୋଉ ତୋ ଝିଅ ଆଜି

ତୋତେ ହାତ ଯୋଡ଼ି ଭିକ ମାଗୁଛି ତୁ ତାକୁ ବାହାଦେଇ ଚିନ୍ତାମୁକ୍ତ ହେବାକୁ ଚେଷ୍ଟା କରନି ।

ଆମକୁ କ'ଣ ମିଳିବ କହିଲୁ । ସେମାନେ କହିବେ ହିଁ କହିବେ । ସେମାନଙ୍କ ମୁହଁରେ ତ ବାଡ଼ବତା ଦେଇହେବନି । ତୁ ମୋ ପାଇଁ ଏତେ କଷ୍ଟ ସହିଛୁ । ଏଇ ପଦିଏ କଥା କ'ଣ ସହିପାରିବୁନି । ବୋଉ ଭଲକି ଚିନ୍ତା କରି ଦେଖ୍ ମୁଁ ଯାହା କହୁଛି ଠିକ୍ ନା ଭୁଲ୍ । ତୁ ଯଦି ମୋ କଥା ନମାନି ମୋଟା ଅଙ୍କର ଯୌତୁକ ଦେଇ ପରଘର କରିଦେବୁ ତାହାଲେ ଯୌତୁକ ଲୋଭୀ ନରପିଶାଚମାନେ ମୋତେ ଦିନେ ରୁଦ୍ଧ କୋଠରୀ ଭିତରେ କିରୋସିନି ଢାଳି ପୋଡ଼ି ଦେବେ । ତୁ ବି ଦେଖିବୁ ପଢ଼ିବୁ ସେମାନଙ୍କ ପରି ତୋ ଝିଅ ଯୌତୁକ ଯଜ୍ଞରେ ନିଜ ଜୀବନକୁ ଆହୂତି ଦେଇଛି । ଯାହାକୁ ତୁ ଏତେ ଭଲପାଉ ତାକୁ କ'ଣ ତୁ ତୋ ପୃଥିବୀ ଭିତରୁ ଦୂରେଇ ଦେବାକୁ ଚାହୁଁ । ତାକୁ ବୋହୂ ବେଶରେ ଦେଖିବା ପାଇଁ ତୁ କ'ଣ ତାକୁ ମରଣ ମୁହଁକୁ ଠେଲି ଦେବୁ । ଗୋଟିଏ ଦିନର ହସ ପାଇଁ କୋଟିଏ ଦିନର ହସକୁ ଲିଭାଇ ଦେବୁ । ବୋଉ ତୋ ଝିଅ ଆଜି ତୋତେ ହାତ ଯୋଡ଼ି ଭିକ ମାଗୁଛି ତୁ ମୋତେ ବାହାଦେଇ ଚିନ୍ତାମୁକ୍ତ ହେବାକୁ ଚେଷ୍ଟା କରନି । ଅଙ୍କିତା ଲକ୍ଷ୍ୟ କଲା ତା' ବୋଉ ଚାହାଣୀରେ କେମିତି ଗୋଟାଏ ପରିବର୍ତ୍ତନ । ପାଖକୁ ଆସି କୁଣ୍ଢାଇ ପକାଇଲା ଅଙ୍କିତାକୁ । ଆଉ କହିଲା ମା' ମୁଁ ତୋ ମାଆ ନୁହେଁ, ତୁ ମୋ ମାଆ । ଦେଖ୍ ମାଆ ଅବୁଝା ହୋଅନି । ବାହାଘର ଝିଅ ଜୀବନର ଜନ୍ମ ମୃତ୍ୟୁ ପରି ଗୋଟେ ସତ୍ୟ । ଆଉ ଆମ ସମାଜ ଗୋଟେ ବାଢୁଅ ଝିଅକୁ ଭଲ ଦୃଷ୍ଟିରେ ଦେଖେନି । ତୋତେ କ'ଣ ଆମେ ଏମିତି ସେମିତି ଘରକୁ ଦେବୁ ଯେ କିଏ ତୋତେ ଅଧିକ ଯୌତୁକ ଟଙ୍କା ଦାବି କରି ମାରିଦେବ । ଦେଖ୍, ମାଆ ଆମ ଘରେ ଯେମିତି ତୁ ରହିଛୁ, ସେଠି ବି ସେମିତି ରହିବୁ । ଜାଣିଛୁଁ ବହୁତ କଥା ଅଛି ଯାହା ତୁ ମୋ ପାଖେ କହିପାରୁନୁ । କିନ୍ତୁ ସ୍ୱାମୀ ପାଖେ ସେ ସବୁ କହିହୁଏ । ଆଉ ତୋତେ ନା ଯିଏ ବାହାହେବ ସେ ଲକ୍ଷେ ଶିବ ପୂଜିଥିବ । ବୋଉର ଏକଥା ଶୁଣି ଖୁବ୍ ହସିଥିଲା ଅଙ୍କିତା । ପୁଣି ବୋଉ ବୁଝାଉଥିଲା -ହଁ ଯେ ବୋଉ ମୁଁ ବୁଝୁଛି ତୋ କଥା-କିନ୍ତୁ ବୋଉ ମୁଁ ଜାଣେନା କାହିଁକି ଏ ବିବାହ ଉପରେ ମୋର ସବୁ ବିଶ୍ୱାସ ଭରସା ତୁଟିଯାଉଛି । ମୋର ସାଙ୍ଗ ଶିଖା । ଯିଏ +୨ରେ ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ତୁ କହ ତାକୁ କାହିଁକି ତା ସ୍ୱାମୀ ଆଉ ଶାଶୁ ଘର ଲୋକେ ମାରିଲେ । ତା ବାପା ତ ତା ବାହାଘରରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଆଇ୨୦ କାର ବି ଯୌତୁକ ଦେଇଥିଲେ । କିନ୍ତୁ କୌଣସି ଗୋଟିଏ ଦିନ ବି ସେ ଶାଶୁଘରେ ଶାନ୍ତିରେ ନ ଥିଲା । ଏପରି ତା ସ୍ୱାମୀ ବି ବାହାଘର ୮ ଭିତରେ ଥରେ ବି ଆସି ନ ଥିଲେ । ଫୋନ୍ ବି କରନ୍ତିନି । ମୋତେ ସେ ଏକଥା କହି କେତେ କାନ୍ଦେ । ମୁଁ କହେ-ଆରେ ତୁ କ'ଣ ପାଠ ପଢ଼ିନୁ । ସେଠି କାହିଁକି ଚାକରାଣୀ ପରି ପଡ଼ି ରହିଛୁ । ତୋ ଜାଗାରେ ମୁଁ ଥିଲେ ନା ଗୋଟାଏ ଦିନରେ ସେ ଘର ଛାଡ଼ି ନିଜ ସିଂଘରେ ନିଜେ ମାଟି ତାଡ଼ନ୍ତି । କିନ୍ତୁ ଶିଖା ତାକୁ କହୁଥିଲା- ଗୋଟେ ଝିଅର ଜୀବନ ବହୁତ ନୀତି ନିୟମରେ ବନ୍ଧା । ସବୁଠି ଖାଲି ଯାତନା ଆଉ ଯନ୍ତ୍ରଣାର କଥା । ମୁଁ ପାରିବିନି ଲୋ ଅଙ୍କିତା । ଆଉ ଦିନ କେଇଟା ପରେ ମୁଁ ବି ସେମାନଙ୍କ ପରି ଯୌତୁକ ଯଜ୍ଞକୁଣ୍ଡରେ ଜଳିଯିବି । ଶେଷ ଇଚ୍ଛା ଥିଲା ଯାହା ପାଇଁ ଏତେ କଷ୍ଟ ସହି ଏଠି ପଡ଼ି ରହିଛି, ସେ ଟିକେ ମୋତେ ସାହାରା ଦିଅନ୍ତୁ ଆଉ ମୁଁ ତାଙ୍କରି କୋଳରେ ହିଁ ମଥା ରଖି ଶେଷ ନିଃଶ୍ୱାସ ନିଅନ୍ତି । ଠିକ୍ ତା ପରଦିନ ମୁଁ ଶୁଣିଲି ତାକୁ ତା ଶ୍ୱଶୁର ଘର ଲୋକେ ମାରି ଦେଇଛନ୍ତି । କହ ବୋଉ-ଶିଖାର କି ଭୁଲ ଥିଲା । କାହିଁକି ସେମାନେ ମାରିଦେଲେ । ଆଉ ଆଉ ମୋତେ ଯଦି କେହି ଏମିତି ମାରିଦିଏ, ତୁ କ'ଣ କରିବୁ । କିଛି ବି କରିପାରୁବୁ ନାହିଁ । ଆମ ଦେଶରେ ଆଇନ୍‌କାନୁନ ବି ଆଜି ଅନ୍ଧ । ଆଇନ୍ କାନୁନ ଖାଲି କାଗଜପତ୍ରରେ ଲେଖା ହୋଇଥିବା ଗୋଟେ ଦସ୍ତାବିଜ୍ । ହଲ୍ଲାଗୁଲ୍ଲା ହେଉଛି ସଂସଦ । ଝିଅଙ୍କ ପାଇଁ ସବୁ ଆଇନ୍ । କିନ୍ତୁ ମହିଳା କମିଶନ୍, ମହିଳା ଥାନା ଏସବୁ କରୁଛନ୍ତି କ'ଣ ?କହିପାରିବୁ ବୋଉ- କୋଉଠି ଗୋଟେ ମଧ୍ୟବିତ୍ତ ପରିବାର ନ୍ୟାୟ ପାଇଛି ବୋଲି । ପଇସା ଦେଲେ ଦିନ ଆଲୋକରେ ସ୍ତ୍ରୀକୁ ହତ୍ୟା କରି ରାଜରାସ୍ତାରେ ବି ଛାତି ଫୁଲେଇ ବୁଲିଲା ତା ସ୍ୱାମୀ ଅନିକେତ । କହ ବୋଉ କୋଉଠି ଥିଲା ସେତେବେଳେ ଆମ ଆଇନ୍ । ବୋଉ କିଛି କହିପାରୁ ନଥିଲା । କିଛି ସମୟ ନିବର ରହିବା ପରେ କହିଲା-ସମସ୍ତେ ସେମିତି ନୁହେଁ । ଜଣେ ପୁଅ ଭୁଲ୍ କଲା ବୋଲି ସମସ୍ତେ ଯେ ଭୁଲ୍ କରିବେ ସେମିତି କିଛି କଥା ନାହିଁ । ବାହାଘର ଗୋଟେ ପବିତ୍ର ଶବ୍ଦ । ତେତ୍ରିଶ କୋଟି ଦେବାଦେବୀ, ପୂଣ୍ୟ ହୋମ ନିଆଁକୁ କେହି ବି ଅବମାନନା କରନ୍ତି ନାହିଁ । ଦେଖ୍ ମାଆ ନାରୀର ଜୀବନ ଖାଲି ସମର୍ପଣରେ ଗଢ଼ା । ପୁରୁଷ ଖାଲି ଭୁଲ କରିଚାଲେ ଆଉ ନାରୀ ସେ ଭୁଲ୍‌କୁ ସୁଧାରେ । କେବେ ହାରିଯାଏ ତ କେବେ ଜିତିଯାଏ । କିନ୍ତୁ ତୁ ତ ଛୋଟ ପିଲା । ମୁଁ ଆମ ସମୟର କଥା କହୁଛି-ମୁଁ ଯେବେ ତମ ଘରକୁ ବାହାହୋଇ ଆସିଲି-ମୋତେ ବି କେତେ କଟକଣା ଭିତରେ ରହିବାକୁ ପଡ଼ିଥିଲା । ତୋ ଜେଜିମା ଟିକେ ଯଦି କୋଉ ଦିନ ଗରମ ପାଣି କରିନାହିଁ । ସେଦିନ ତୋ ଜେଜିମା ମୋତେ କଥା କହନ୍ତି ନାହିଁ । କେତେ କାକୁତି ମିନତୀ କରେ ଆଉ ଭୁଲ୍ ବି ମାଗେ । କିନ୍ତୁ ତାଙ୍କୁ ମୁଁ ବହୁତ ଭଲପାଏ । ତାହାର କାରଣ ଏହା ଥିଲା ଯେ କେବେ ଥରେ ବି ସେ ମୋ ନାମରେ ତୋ ଜେଜି ବାପା କି ତୋ ବାପାଙ୍କ ପାଖେ ଅଭିଯୋଗ କରିନାହାନ୍ତି ଆଉ ମୋତେ ଭଲପାଆନ୍ତି ବୋଲି ମୁଁ ଅନୁଭବ କରିଛି । ମୁଁ ଯେବେ ତୋ ମାମୁଁ ଘରକୁ ଦୁଇଦିନ ପାଇଁ ଯାଏ । ସେ ହଜାରେ ଥର ଖବର ଦିଅନ୍ତି ମୋ ବୋହୂକୁ ଆଣି ଜଲଦି ଛାଡ଼ିବାକୁ । ଆଉ ମୁଁ ବି ଖୁବ୍ ଶୀଘ୍ର ପଳାଇଆସେ । ତେଣୁ କଥା ହେଉଛି ସେ ସମୟ ଆଉ ଏବେର ସମୟ ମଧ୍ୟରେ ଢ଼େର ପରିବର୍ତ୍ତନ ଘଟିଛି । ଆଜି ଆଉ ବୋହୂମାନେ ଘରର ଚାରିକାନ୍ଥ ଭିତରେ ରହିବାକୁ ପସନ୍ଦ କରୁନାହାନ୍ତି । ସଂସାର କହିଲେ କେବଳ

ସ୍ୱାମୀ ହିଁ ବୁଝୁଛନ୍ତି । ଯାହା ଫଳରେ ସମସ୍ୟା ବଢୁଛି । କିନ୍ତୁ ତୁ ମୋ ଝିଅ ଆଉ ଆମ ଆଦର୍ଶରେ ଗଢ଼ା ହୋଇଛୁ । ତୁ କାହିଁ ଭାବୁଛୁ ଯେ ତୋ ଭାଗ୍ୟରେ ବି ସେମିତି ହେବ । କିନ୍ତୁ ଶେଷରେ ସବୁ ଦ୍ୱନ୍ଦ ଭିତରେ ଦିନେ ଅଙ୍କିତାକୁ ବାହାହେବାକୁ ପଡ଼ିଥିଲା । ବାପା ଆଉବୋଉଙ୍କ ପସନ୍ଦରେ । ବାହାଘର ହେଲା ଖୁବ୍ ଧୂମଧାମ୍‌ରେ । ୫୦ ଖଣ୍ଡ ଗାଁର ଲୋକ ଭୋଜି ଖାଇଲେ । ସବୁ କହିଲେ ଝିଅଟା ଭାଗ୍ୟ ବହୁତ ଭଲ । ଏତେ ବଡ଼ ଘରେ ବାହାହେଉଛି ।

ଯେଉଁଦିନ ଚନ୍ଦନ ସିନ୍ଦୁରରେ ସଜେଇ ହୋଇ ବଧୂ ସାଜି କାରରେ ବସିଥିଲା ସିଦ୍ଧାନ୍ତଙ୍କ ଖୁବ୍ ପାଖରେ । ବୋଉ ସିଦ୍ଧାନ୍ତଙ୍କୁ ଧରି ଖୁବ୍ କାନ୍ଦୁଥିଲା ଆଉ କହିଲା ମୋ ଝିଅକୁ ଖୁସିରେ ରଖିବ ଆଉ ତାର ଛୋଟ ଛୋଟ ଭୁଲ୍ ଧରିବନି । ସିଦ୍ଧାନ୍ତ ଉତ୍ତର ଦେଇଥିଲେ-କାହିଁ ମୁଁ କ'ଣ ଜଙ୍ଗଲକୁ ନେଇଯାଉଛି ଯେ ଏତେ ଭୟ ମୋ ସହିତ ଛାଡ଼ିବାକୁ । କିନ୍ତୁ କାର ଭିତରେ ଥାଇ ଅଙ୍କିତା ଦେଖୁଥିଲା ତା ବୋଉ ଖୁବ୍ ଜୋରରେ ବାହୁନି କାନ୍ଦୁଛି । ମନେ ମନେ ଭାବୁଥିଲା- ବାହା ଦେବ ବାହା ଦେବ ବୋଲି ଏତେ ଗୋଡ଼ କଚାଡ଼ି ହେଉଥିଲା । ବାପାଙ୍କୁ ଟିକେ ଶାନ୍ତିରେ ଶୁଆଇ ଦେଉ ନ ଥିଲା । ଆଜି ପୁଣି ଏତେ କାନ୍ଦିବାର ମାନେ କ'ଣ ? କିନ୍ତୁ କହିପାରୁ ନ ଥିଲା । ସବୁ ଝିଅଙ୍କ ପରି ଅଙ୍କିତା ବି ଆଖିରେ ଆଖିରେ ମେଞ୍ଚାଏ ସପନ ନେଇ ଶାଶୁ ଘରକୁ ଆସିଲା । ଦିନ କେଇଟାରେ ସମସ୍ତଙ୍କୁ ମନେଇ ନେଲା । ବାହାଘରର ଠିକ୍ ଏକ ମାସ ପରେ ଆବିଷ୍କାର ହେଲା ସିଦ୍ଧାନ୍ତଙ୍କର ଆଉ ଗୋଟେ ପତ୍ନୀ ଅଛନ୍ତି । ଯିଏ ବିନା ବିବାହରେ ସିଦ୍ଧାନ୍ତଙ୍କ ସହିତ ରହୁଛନ୍ତି । ଛୋଟ ପୁଅକୁ ବୁଝାଇଲା ପରି ବୁଝାଇଲା- ଦେଖ ସିଦ୍ଧାନ୍ତ, ଆମ ଭାରତୀୟ ସମାଜ ଗୋଟେ ପୁରୁଷର ଦୁଇଟି ସ୍ତ୍ରୀ । ଏହାକୁ ଏତେ ସହଜରେ ଗ୍ରହଣ କରେନି । ତା ଛଡ଼ା ଆଗକୁ ବାହାହୋଇ ନ ଥିଲ ବୋଲି ଏପରି କାର୍ଯ୍ୟ କରୁଥିଲ । ଏବେ ତ ବାହାହୋଇ ସାରିଲଣି । ଆଉ ସେମିତି ଭୁଲ୍ କରନି । ମୁଁ ମାନୁଛି ପିଲାବୟସରେ କିଛି ଗୋଟାଏ ଭୁଲ କରିଦେଇଛ । ଦେଖ, ଆମ ପରିବାର ଗୋଟେ ସାଧାରଣ ପରିବାର । ଆଉ ଆମ ଦୁଇ ପରିବାରର ମାନ ସମ୍ମାନ ରହିଛି । ସେସବୁ ନଷ୍ଟ କରନି । କିନ୍ତୁ ତାର କୌଣସି କଥା ଶୁଣି ନ ଥିଲେ ସିଦ୍ଧାନ୍ତ । ଦିନ କେଇଟା ପରେ ସିଦ୍ଧାନ୍ତ ଚାକିରିକୁ ପଳାଇଲେ । ଆଉ ସେ ଝିଅ ସହିତ ମଜା ମସ୍ତିରେ ଦିନ କାଟିଲେ । କେତେ ତାଙ୍କୁ ବୁଝାଇଛି ଅଙ୍କିତା ସିନ୍ଦୁରର ଆକର୍ଷଣକୁ ପାଗଳ ବି ଆଡ଼େଇ ପାରେନି । ବହୁତ କଷ୍ଟ ସହିଲା । ସହିବାର ସୀମା ଟପିଗଲା । ଆଉ ପାରିଲାଣି । ଯାଆର ବି ଅତ୍ୟାଚାର । ଟିକିଏ ଟିକିଏ କଥାରେ କେତେ କ'ଣ କହିଯାଆନ୍ତି । ତାର ମନେ ପଡୁଥିଲା ତା ବୋଉ କଥା-ସ୍ୱାମୀ ପାଖେ ସବୁ କଥା ମନ ଖୋଲି କହିହୁଏ । ତଥାପି ତା ମନରେ ସ୍ୱାମୀ ପ୍ରତି ଦରଦ ଥାଏ । କାଳେ ସେ କଷ୍ଟ ପାଇବେ ବୋଲି କିଛି ବି କହିପାରେନି ଫୋନ୍‌ରେ । ବାସ୍ ପତିବ୍ରତା ସ୍ତ୍ରୀର ଦାୟିତ୍ୱ ନିଭାଏ । ଶେଷରେ ହାରିଗଲା ଅଙ୍କିତା ଦିନେ ତା ବେଡ ରୁମ୍‌ରୁ ତା ଶବ ଉଦ୍ଧାର କରାଗଲା ତା ସହିତ ଏକ ମୃତ୍ୟୁଲେଖ ବି ।

ବୋଉ, ତୋତେ ଆଉ ଜୀବନରେ କେବେ ଦେଖିପାରିବିନି । ବୋଉ ତୁ କହୁଥିଲୁ ନା-ସବୁ ପୁରୁଷ ଶିଖାର ସ୍ୱାମୀ ପରି ନୁହେଁ । କିନ୍ତୁ ବୋଉ ସବୁ ମିଛ । ବାପାଙ୍କୁ କହିଦେବକୁ ମୁଁ ବହୁତ ଭଲରେ ଅଛି । ଯେମିତି ତମମାନଙ୍କ ପାଖରେ ଥିଲି । ମୁଁ ଜାଣେ ତୁମେ ମାନେ ମୋତେ ଝୁରୁଥିବେ । ବାପା କାଳେ ଝୁରି ଝୁରି ରୋଗ ଶଯ୍ୟାରେ ପଡ଼ିଲେଣି । ଏକଥା ମୁଁ ଜାଣେ । କିନ୍ତୁ କ'ଣ କରିବି ? ମୁଁ ଅନୁଭବ କରିପାରିଛି ତୁମେମାନେ ଭାଇ ଠାରୁ ବିମୋତେ ଅଧିକ ଭଲ ପାଉଥିଲ । ଭାଇକୁ ପଇସା ନ ଦେଇ ମୁଁ ଯେତେବେଳେ ଯେତେ ପଇସା ମାଗିଛି ମୋତେ ଦେଇଛ । ସେଥିପାଇଁ ତ ତୁମ ଦୁଇଜଣଙ୍କ ଖୁସି ପାଇଁ ସେଦିନ ବାହାହେବା ପାଇଁ ରାଜି ହେଲି । ବାପା ମୋତେ ମୋତେ କହିଥିଲେ-ଦେଖ୍ ଝିଅ-ବାହାଘର ଏକ ଜୀବନର ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ଆମ ପସନ୍ଦର ପିଲା କେବେ ଖରାପ ହେବନି । ଏଇ ବିଶ୍ୱାସ ମୋର ଅଛି । ମୋତେ କାଳେ ସେ ବାପାଙ୍କ ଠାରୁ ଖୁସିରେ ରଖିଛନ୍ତି । କିନ୍ତୁ ବୋଉ ମୁଁ ତ ତୋ କଥାରେ ରାଜି ହୋଇଗଲି ଆଉ ବାହା ବି ହେଲି । ମୋ ପାରୁ ପର୍ଯ୍ୟନ୍ତ ଚେଷ୍ଟା ବି କଲି ଗୋଟେ ସୁଖର ସଂସାର ପାଇଁ । ତୋର ଇଚ୍ଛା ବି ପୂରଣ କଲି । ତୁ ବି ମୋ ଇଚ୍ଛା ପୂରଣ କରିବୁ । ମୁଁ ମରିଗଲା ପରେ ମୋ ଶବକୁ କୋଉଠି ପୋଷ୍ଟ ମର୍ଟମ କରିବନି । କାରଣ ମୁଁ ଚାହେଁନି ମୋ ଶାଶୁଘର ଲୋକ ଭୁଲ୍ ଆଉ ମୁଁ ଠିକ୍ । ହଁ, ମୁଁ ମୋ ଦେହ ଭୀଷଣ ଖରାପ । ଆଉ ବଞ୍ଚି ପାରିବିନି ବୋଧେ । ମୋ ଶବକୁ ମୋ ଶାଶୁଘରେ ହିଁ ରଖିବ ଆଉ ମୋ ସ୍ୱାମୀଙ୍କ କାନ୍ଧରେ ମୋତେ ଅନ୍ତତଃ ଥରେ ତ ଶାନ୍ତିରେ ଶୋଇବି । ମୋ କଥା ରଖିବୁ ନା ବୋଉ । ରାତି ଅନେକ ହେଲାଣି । ରହୁଛି । ଇତି ତୋର (ହତଭାଗିନୀ ଅଙ୍କିତା) ।

ରାଘବପୁର, ଗୋଡ଼ମା,
ମାଞ୍ଜୁରିରୋଡ଼, ଜିଲ୍ଲା : କେନ୍ଦୁଝର-୨୧

ISSN -2583-147X(P), Vol.- 8, Issue No. V, August 2022
Bastabatara Pariprakash Prachee
*Peer Reviewed and Referred Research Journal*

# ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ପ୍ରତିଫଳିତ ମନସ୍ତାତ୍ତ୍ୱିକ ଚେତନା

ଡ. କୁନା ସୁନା

ସ୍ୱାଧୀନତା ପରବର୍ତ୍ତୀ କାଳର ଓଡ଼ିଆ କଥା ଜଗତର ଜଣେ ବିଶିଷ୍ଟ ଶିଳ୍ପୀ ଭାବରେ ଖ୍ୟାତ କଥାକାର ମହାପାତ୍ର ନୀଳମଣି ସାହୁ, ଗତାନୁଗତିକ ଓଡ଼ିଆ ଗଳ୍ପ ଜଗତରେ ଅନେକ ବୈଚିତ୍ର୍ୟ, ବୈଶିଷ୍ଟ୍ୟ ଓ ନୂତନ ଆଭିମୁଖ୍ୟର ସଂଯୋଗ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ବୋଲି କୁହାଯାଇପାରେ । ଗାଳ୍ପିକଙ୍କ ଆଦ୍ୟକାଳରେ ରଚିତ 'ପ୍ରେମ ଓ ତ୍ରିଭୁଜ' (୧୯୫୨), 'ମିଛ ବାଘ' (୧୯୫୫) ଓ 'ଗଞ୍ଜେଇ ଗବେଷଣା' (୧୯୫୫) ଆଦି ଗଳ୍ପ ସଂକଳନର ଲଘୁ ହାସ୍ୟରସ ଧର୍ମୀ (Light Humour) ଚେତନାଟି ପ୍ରତିଫଳିତ ହୋଇଥିଲେ ହେଁ ତାହା ଗାଳ୍ପିକଙ୍କ ସଂପୂର୍ଣ୍ଣ ସାର୍ଥକତା ବହନ କରିପାରି ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ପରବର୍ତ୍ତୀ କାଳରେ 'ସୁମିତ୍ରାର ହସ' (୧୯୬୧), 'ବିଷ୍ଣୁମାୟା' (୧୯୬୨), 'ଅନ୍ଧ ରାତିର ସୂର୍ଯ୍ୟ' (୧୯୭୧), 'ଅନ୍ୟରୂପ ରୂପାନ୍ତର' (୧୯୭୪), 'ଆକାଶ ପାତାଳ' (୧୯୭୬), 'ପିଙ୍ଗଳା ସେ ଅନ୍ୟଜଣେ' (୧୯୭୭), 'ସେ କାଳ ପଖାଳ' (୧୯୭୮), 'ଯା ଦେବୀ ମମଗୃହେଷୁ' (୧୯୭୮), 'ଅଭିଶପ୍ତ ଗନ୍ଧର୍ବ' (୧୯୮୧), 'ବୃନ୍ଦାବନର ଶେଷଧୂପ' (୧୯୮୩), 'ରନୁ ପୁଷି ଆପାଠାରୁ ପୁଣି ପର୍ଯ୍ୟନ୍ତ'(୧୯୮୩), 'ଲୌକିକ ଅଲୌକିକ' (୧୯୮୩), 'ନିବେଦିତାର ନୈଶାଭିସାର' (୧୯୮୪), 'ପାପ ଓ ମୁକ୍ତି' (୧୯୮୬) ଆଦି ସଂକଳନରେ ଗାଳ୍ପିକଙ୍କ ସିଦ୍ଧି ଓ ଉଚ୍ଚମାନର ଶୈଳୀକୁ ଉପଲବ୍ଧି କରି ହୁଏ । ସେଥିପାଇଁ ସେ ୧୯୮୧ ମସିହାରେ 'ଆକାଶ ପାତାଳ' ଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ 'ଅଭିଶପ୍ତ ଗନ୍ଧର୍ବ' ପାଇଁ ୧୯୮୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୧୯୮୩ ମସିହାରେ ସାରଳା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି ।

କଥାକାରଙ୍କ ଗଳ୍ପଗୁଡ଼ିକରେ ଲଘୁହାସ୍ୟ ମଧ୍ୟରେ ଗଭୀର କାରୁଣ୍ୟବୋଧ, ଭାରତୀୟ ଗ୍ରାମ୍ୟ ସଂସ୍କୃତିର ଚିତ୍ର, ଅତିମାନସିକ ଚେତନା, ସ୍ଥିତିବାଦୀ ଚେତନା, ନିଃସଙ୍ଗବୋଧ ଆଦି ଭାବଧାରା ପ୍ରତିଫଳିତ ହୋଇଛି । କିନ୍ତୁ କଥାକାରଙ୍କ ଗଳ୍ପର ଚରିତ୍ରମାନଙ୍କର ମନଦଶା ବା ମନସ୍ତାତ୍ତ୍ୱିକ ଦିଗ ବେଶ୍ ସ୍ୱାତନ୍ତ୍ର୍ୟତା ବହନ କରିଥାଏ । ତେଣୁ ଏଠାରେ କଥାକାର ସାହୁଙ୍କ ଗଳ୍ପର ମନସ୍ତାତ୍ତ୍ୱିକ ଚେତନାକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି । ବିଶିଷ୍ଟ ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରୟେଡଙ୍କର ମନ ବିଶ୍ଳେଷଣ ପଦ୍ଧତିକୁ ଆଧାର କରି ଅନେକ ସ୍ରଷ୍ଟା ନିଜର ସୃଷ୍ଟିରେ ମଣିଷର ମାନସିକତାକୁ ଦର୍ଶାଇବାର ସଫଳ ହୋଇଛନ୍ତି । ସେ କ୍ଷେତ୍ରରେ କଥାକାର ମହାପାତ୍ର ନୀଳମଣି ସାହୁ ମଧ୍ୟ ଜଣେ ସଫଳ କାରୀଗର । କଥାକାର ସାହୁଙ୍କ ଗଳ୍ପଗୁଡ଼ିକର କିଶୋର, ତରୁଣ ଓ ପ୍ରବୀଣ ଚରିତ୍ରମାନଙ୍କର ମନଦଶା ବେଶ୍ ସଫଳ ଭାବେ ରୂପାୟନ ହୋଇଛି ବୋଲି କୁହାଯାଇପାରେ । ଏ କ୍ଷେତ୍ରରେ 'ସୁମିତ୍ରାର ହସ' ଓ 'ବିଷ୍ଣୁମାୟା' ଗଳ୍ପଠାରୁ ଆରମ୍ଭ କରି 'ନିବେଦିତାର ନୈଶାଭିସାର' ପର୍ଯ୍ୟନ୍ତ ଗଳ୍ପଗୁଡ଼ିକର ଅନୁଶୀଳନ କରାଯାଇପାରେ ।

"ହେଇ ସେଠି ବହୁ ଦୂରରେ ଯେଉଁ ନଈଟା ବଙ୍କେଇ ଯାଇଛି– ଆଉ ତାର ଠିକ୍ କୂଳରେ ସେ ଯେଉଁ ଭଙ୍ଗା ଦେଉଳଟା ଅଛି ସେଇ ଦେଉଳର କଟା ପଥରଟା ଉପରେ ସଞ୍ଜ ବେଳେ ବସି ହୁଅନ୍ତା ତେବେ ଚମତ୍କାର କାନ୍ଦି ହୁଅନ୍ତା କିମ୍ବା ନ ହେଲେ ଏଇ ଅଦୂରରେ ଯେଉଁ ପାର୍କଟା ଆଉ ତା ଭିତରେ ସବାଶେଷ କଣରେ ଅନ୍ଧାରିଆ ମଧୁମାଳତୀ କୁଞ୍ଜ ତଳେ ଯେଉ ସିମେଣ୍ଟ ବେଞ୍ଚଟା ପଡିଛି ସେଠି ବି ଯଦି ନିର୍ଭୟରେ ଏକାଟିଆ ବସି ହୁଅନ୍ତା । ତେବେ କେତେ ଆରାମରେ କାନ୍ଦି ନ ହୁଅନ୍ତା ।"(୧) ଏହି ବକ୍ତବ୍ୟ ବା ମନଦଶାଟି ହେଉଛି 'ସୁମିତ୍ରାର ହସ' ଗଳ୍ପର ନାୟିକା ସୁମିତ୍ରାର । ଯାହାର ହସର ଝଲକ ତଳେ ବହି ଯାଉଛି ଦୁଃଖର ସୁଦୀର୍ଘ ନଈ । ନିଜ ପିତା, ମାତା ଓ ଆତ୍ମୀୟଙ୍କୁ ହରାଇ ଏବଂ ଦୂର ସମ୍ପର୍କୀୟ ଶରତ ଭାଇ ପ୍ରତି ବିଫଳ ପ୍ରଣୟାଶକ୍ତି ତାର ଭଗ୍ନ ତଥା ବ୍ୟର୍ଥ ମାନସିକତାର ପ୍ରତିଲିପି ବେଶ୍ ଚମତ୍କାର ଭାବେ ପ୍ରୋକ୍ତ ଗଳ୍ପରେ

ବର୍ଣ୍ଣିତ ହୋଇଛି । ଏଲ୍.ଡି ଆସିଷ୍ଟାଣ୍ଟ ଚାକିରି କରି ଅର୍ଥ ଉପାର୍ଜନ କରୁଥିଲେ ହେଁ ମାନସକି ସ୍ତରରେ ତାର ଦାରିଦ୍ର୍ୟତା ଓ ନିଃସଙ୍ଗତା ହିଁ ସୁମିତ୍ରାର ଚରିତ୍ରର ମାନସିକତାକୁ ବ୍ୟକ୍ତ କରିଛି । ସୁମିତ୍ରାର ବାହାରୁ ହସୁଥିଲେ ହେଁ ତା'ର ଅବଚେତନ ମନରେ ଦୁଃଖ ଓ ଅବ୍ୟକ୍ତ ବେଦନାର ସ୍ତୁପକୁ ଅନୁଭବୀ ହୁଏ । ଏ ପ୍ରସଙ୍ଗରେ ଗାଳ୍ପିକଙ୍କ ସ୍ୱୀକାରୋକ୍ତି ବେଶ୍ ଯଥାର୍ଥତା ବହନ କରେ "ସୁମିତ୍ରାର ହସ', 'ସୁନନ୍ଦାର ଲୁହ' ନାମରେ ହିଁ ପରିଚିତ ହେବାର ଥିଲା । ମାତ୍ର ଶ୍ରଦ୍ଧେୟ ବିଦଗ୍ଧ କବି ବିଭୂଦତ୍ତ ମିଶ୍ର, 'ସୁମିତ୍ରାର ହସ' ତଳେ 'ସୁନନ୍ଦାର ଲୁହ' ରହୁ ବୋଲି ପରାମର୍ଶ ଦେଲେ । ଫଳରେ 'ସୁନନ୍ଦାର ଲୁହ', 'ସୁମିତ୍ରାର ହସ' ନାମରେ ହିଁ ପରିଚିତ ହେଲା । ମୋ ଦୃଷ୍ଟିରେ 'ସୁନନ୍ଦାର ଲୁହ' ଓ 'ସୁମିତ୍ରାର ହସ' ଏକାଭଳି ।"

ସେହିପରି ଆମ ସମାଜରେ ପ୍ରଚଳିତ ଜାତି, ଧର୍ମ ଓ ବର୍ଣ୍ଣର କଳୁଷିତ ମାନସିକତାକୁ ଆଧାର କରି ରଚିତ ହୋଇଛି ଗଳ୍ପ 'ସୋନେକୀ ହରିଣ ଓ ସୋନେକୀ ସୀତା' ପ୍ରୋକ୍ତ ଗଳ୍ପରେ କଥାକାର ସାହୁ ଜଣେ ମୁସଲମାନ ଯୁବକ ଓ ହିନ୍ଦୁ ବିଧବା ନାରୀର ପ୍ରେମ ଏବଂ ତାକୁ ଆଧାର କରି ଜାତ ହୋଇଥିବା ବିଭିନ୍ନ ମାନସିକତାକୁ ଦର୍ଶାଇଛନ୍ତି । ମନଦଶାର ଏକ ଅଦ୍‌ଭୁତ ବର୍ଣ୍ଣନା ଅନୁଭବୀ ହୁଏ କଥାକାର ସାହୁଙ୍କ 'ବିଷ୍ଣୁମାୟା' ଗଳ୍ପରେ । ପ୍ରୋକ୍ତ ଗଳ୍ପରେ ସାବିତ୍ରୀ, ତିଳୋତ୍ତମା ଓ ବିଷ୍ଣୁଙ୍କୁ ନେଇ ଏକ ତ୍ରିଭୁଜିକ ପ୍ରେମ ଏବଂ ତତ୍‌ଜନିତ ମାନସିକତାକୁ ସ୍ପଷ୍ଟ ଭାବରେ ଉପଲବ୍ଧି କରି ହୁଏ । ଗଳ୍ପର ଘଟଣାନୁସାରେ ଚରିତ୍ର ସାବିତ୍ରୀଙ୍କ ସ୍ୱାମୀ ବହୁକାଳ ଧରି ବିଦେଶରେ ରହିଛନ୍ତି ଫଳରେ ସେ ନିଜର ସତୀତ୍ୱର ସୀମାକୁ ଅତିକ୍ରମ କରି କେବଳ ବିଷ୍ଣୁ ନୁହେଁ, ରାମ, କୃଷ୍ଣ ଏହିପରି ବହୁ ପୁରୁଷଙ୍କ ସହ ସମ୍ପର୍କ ସ୍ଥାପନ କରି ସମାଜରେ ଉପେକ୍ଷିତ ହୋଇଛନ୍ତି । ଅନ୍ୟ ପକ୍ଷରେ ବିଷ୍ଣୁ ମଧ୍ୟ ନିଜର ବିବାହ ତଥା ଏକ ନାରୀ ପ୍ରତି ତୃପ୍ତ ହୋଇ ପାରି ନାହାଁନ୍ତି । ଯାହାଦ୍ୱାରା ପ୍ରୋକ୍ତ ଗଳ୍ପରେ ଉଭୟ ନାରୀ ଓ ପୁରୁଷ ଚରିତ୍ରରେ ଫ୍ରୟେଡୀୟ ତତ୍ତ୍ୱର ପ୍ରଭାବ ପରିଲକ୍ଷିତ ହୋଇଛି । ଏଠାରେ ଅବଚେତନ ମନର ଅତୃପ୍ତ ଭାବନା ବେଶ୍ ସ୍ପଷ୍ଟ ।

'ବୀଣା ଓ ମୁଁ' ଗଳ୍ପରେ ବିଗତ ପ୍ରେମର ସ୍ମୃତି ଓ ତତ୍‌ଜନିତ ମାନସିକ ପ୍ରତିକ୍ରିୟା ବର୍ଣ୍ଣିତ । ପ୍ରୋକ୍ତ ଗଳ୍ପରେ ଗଳ୍ପନାୟକ ମେନକାକୁ ବିବାହ କରି ମଧ୍ୟ ନିଜର ମନ ମଧ୍ୟରେ ବିଗତ ପ୍ରେମିକା ବୀଣାର ସ୍ମୃତିକୁ ଧାରଣ କରିଛି । ଯାହାଦ୍ୱାରା ଅତୀତର ସ୍ମୃତିରେ ବ୍ୟଥିତ ଗଳ୍ପନାୟକର ମାନସିକତା ଅଭିବ୍ୟଞ୍ଜିତ ହୋଇଛି "ବୀଣା ନମସ୍କାର ଜଣାଇ ଚାଲିଗଲା । ଅଳ୍ପବାଟ ତା ସଙ୍ଗେ ଯାଇ ତାକୁ ବଳାଇ ଦେଇ ଶୂନ୍ୟମନରେ ଘରକୁ ଫେରି ଆସିଲି । ଆକାଶର ବଉଦ ଓ ଚାନ୍ଦର ଲୁଚକାଳି । ଗୋଟି ଗୋଟି ହୋଇ ରାତ୍ରିର ବାଦୁଡ଼ି ମୋର ଅଗଣାର ସ୍ତବ୍ଧ ବାୟୁମଣ୍ଡଳକୁ ପ୍ରକମ୍ପିତ କରି କେଉଁ ଆଡେ ଉଡ଼ି ଯାଉଥିଲେ ।"(୩) କଥାକାର ସାହୁଙ୍କ 'ପୁଅ ହେବ' ଗଳ୍ପକୁ ଅଧ୍ୟୟନ କରିଲେ ସ୍ୱତଃ ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ' (୧୮୯୩)ରେ ବର୍ଣ୍ଣିତ ଚରିତ୍ର ମରୁଆ ଓ ଲଳିତା ଦାସ ବାବାଜୀ ପ୍ରସଙ୍ଗ ମନେ ପଡିଯାଏ । ପ୍ରୋକ୍ତ ଗଳ୍ପରେ ଜଣେ ପୁତ୍ର କାଙ୍ଗାଳ ବନ୍ଧ୍ୟାନାରୀ ଓ ଭଣ୍ଡ ସନ୍ନ୍ୟାସୀର ଆଚରଣ ତଥା ମାନସିକତା ବର୍ଣ୍ଣିତ । ଏଠାରେ ନାରୀର ସହଜାତ ପ୍ରବୃତ୍ତି ଓ ବାଂଛିତ ମାତୃତ୍ୱର କାମନା ହିଁ ତାର ଅନେକ ମାନସିକ ଉତ୍ପୀଡନର ଦାୟୀ ବୋଲି ସ୍ପଷ୍ଟ ବ୍ୟକ୍ତ । ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟ ଭଳି ମହାପାତ୍ର ନୀଳମଣି ମଧ୍ୟ ଏକ ଅପସାହିତ୍ୟ (Anti Literature) ର ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି 'ପ୍ରେମ ଓ ବିଲାତିଆଳୁ' ଗଳ୍ପରେ । ପ୍ରୋକ୍ତ ଗଳ୍ପରେ ଧନୁର୍ଦ୍ଧର ନିଜ କନ୍ୟା ପ୍ରତି ଆସକ୍ତ ହୋଇଛନ୍ତି । ଏଠାରେ ଜଣେ ପିତାଙ୍କର କଳୁଷିତ ମାନସିକତା ବ୍ୟକ୍ତ ହୋଇଛି । ଏହି ଧରଣର ସାହିତ୍ୟ ସାମାଜିକ ମୂଲ୍ୟବୋଧ, ଆବେଦନ ଓ ନୈତିକତାର ବିରୋଧୀ ।

'ଚପଳା ରାୟର ଇତିକଥା' ଗଳ୍ପରେ ଲେଡ଼ି ହେଲଥ୍ ଭିଜିଟର ଚପଳା ରାୟଙ୍କ ଅଦ୍‌ଭୁତ ମାନସିକତା ଚିତ୍ରିତ ହୋଇଛି । ଗଳ୍ପରେ ଘଟଣାକ୍ରମେ ଚପଳା ରାୟ ବହୁ ପୁରୁଷଙ୍କ ସହ ସମ୍ପର୍କ ସ୍ଥାପନ କରି ନିଜର ଅତୃପ୍ତ କାମନା ହେତୁ ନିଜକୁ ଉପେକ୍ଷିତ ମନେ କରିଛି । ଯାହାଫଳରେ ନିଜ ଆତ୍ମଗ୍ଲାନି ହେତୁ ସେ ଆତ୍ମହତ୍ୟା ଅପେକ୍ଷା ଆଉ ଅନ୍ୟ କୌଣସି ପଥ ଖୋଜି ପାରି ନାହିଁ । ପ୍ରୋକ୍ତ ଗଳ୍ପରେ ନାରୀର ଦୁର୍ବଳ ମାନସିକତାକୁ ଉପଲବ୍ଧି କରିହୁଏ । ସେହିପରି 'ଛାୟା ଓ ମାୟା' ଗଲ୍ପରେ ଏକ ପକ୍ଷରେ ବିଧବା ଇନ୍ଦୁଲେଖାଙ୍କ ଅବଦମିତ ନାରୀତ୍ୱ ଏବଂ ଅନ୍ୟ ପକ୍ଷରେ ମୃତ ସ୍ୱାମୀଙ୍କ ଅସରନ୍ତି ଅଭୁଲା ସ୍ମୃତିର ବେଦନା । ଏଭଳି ସ୍ଥିତିରେ କଥାକାର ସାହୁ ବିଧବା ଇନ୍ଦୁରେଖାଙ୍କୁ ଜୀବନ ଅତିବାହିତ କରିବା ପାଇଁ ତାଙ୍କ ମୃତ ସ୍ୱାମୀଙ୍କର ସ୍ୱରୂପ (ଛାୟା)କୁ ଗଳ୍ପନାୟକ ଭିତରେ ସନ୍ଧାନ କରିବାର ମାନସିକତା ବେଶ୍ ଚମତ୍କାର ମନେ ହୁଏ । ସେହି ମାନସିକତାରେ ହିଁ ନାରୀ ଜୀବନର ପ୍ରବୃତ୍ତି ଓ ପ୍ରତିକ୍ରିୟାକୁ ଉପଲବ୍ଧି କରି ହୁଏ । 'କମଳିର ପ୍ରେମ' ଗଳ୍ପରେ ମଧ୍ୟ ବିଧବା କମଳିର ପ୍ରେମ ଓ ପ୍ରତାରଣାର ଚିତ୍ର ବର୍ଣ୍ଣିତ । ସାମାଜିକ ପ୍ରତିବନ୍ଧତା ଭିତରେ ସ୍ୱାର୍ଥପର ପୁରୁଷ କମଳ ଓ ନୀଳପାଢ଼ି ଯୋଗୁଁ କମଳି ଜୀବନରେ ଆସିଥିବା ଝଡ଼ଝଞ୍ଜା ଏବଂ ତାର ମାନସିକ ପ୍ରତିକ୍ରିୟା ପ୍ରୋକ୍ତ ଗଳ୍ପର ପ୍ରଦତ୍ତ 'ଡାକ୍ତର ମୃଣାଳିନୀ' ଗଳ୍ପରେ ଡାକ୍ତର ମୃଣାଳିନୀଙ୍କ ଲିବିଡୋ ଧର୍ମୀ ଅବଚେତନ ମନର ସ୍ୱରୂପ ଉଦ୍‌ଘାଟିତ ହୋଇଛି । ଯେତେବେଳେ ସେ ନିଜ ଘରେ ଆଶ୍ରୟ ନେଇଥିବା କଲେଜ ଛାତ୍ରଟିର ଅକାଳ ମୃତ୍ୟୁରେ ତାର ଫଟୋଗ୍ରାଫ୍‌ଟିକୁ ଧରି

ବିଳାପ କରିଛନ୍ତି । ସେହି ସମୟରେ ନିଜକୁ କେଉଁ ପ୍ରାଗୈତିହାସିକ ଯୁଗର ଏକ ଫସିଲ୍ ବୋଲି ଭାବିଛନ୍ତି । ସେହିପରି ଚିର ଅବିବାହିତ ଡାକ୍ତର ମୃଣାଳିନୀ ସ୍ମୃତିଚିତ୍ର Flash Back ଶୈଳୀରେ ଗଳ୍ପନାୟକ ହର୍ଷବର୍ଦ୍ଧନଙ୍କ ନିକଟରେ ପ୍ରକାଶିତ ହୋଇଛି । ପ୍ରୋକ୍ତ ଗଳ୍ପରେ ମୃଣାଳିନୀଙ୍କ ଅତୀତର ଦେବନା ଯୁକ୍ତ ଇତିହାସର ସଂଗୁପ୍ତ ଚେତନା ଏବଂ ତତ୍‌ଜନିତ ମାନସିକ ବିଷାଦର ଚିତ୍ର ବେଶ୍ କରୁଣାମୟ ।

ସେହିପରି 'ନଦୀ ଓ ନାରୀ' ଗଳ୍ପରେ ପ୍ରେମକୁ ଆଧାର କରି ବନ୍‌ଜା ଗନ୍ତାୟତଙ୍କ ମାନସିକତା ପ୍ରତିଫଳିତ ହୋଇଛି । ପ୍ରୋକ୍ତ ଗଳ୍ପରେ ବନ୍‌ଜା ଚରିତ୍ର ମଧ୍ୟରେ ଲକ୍ଷ୍ୟ ହୀନତା ଓ ସ୍ୱେଚ୍ଛାଚାରିତା ଭାବ ପରିଲକ୍ଷିତ ତେଣୁ ସେ ପ୍ରକାଶ କରିଛି ଯେ- "ମୁଁ ସ୍ୱର୍ଗର ସୁରଧୂନୀ ନୁହେଁ ମର୍ତ୍ତ୍ୟର ପାବନକାରିଣୀ ଗଙ୍ଗା ବି ନୁହେଁ । ମୁଁ ନିମ୍ନଗାମିନୀ, ରସାତଳ ପ୍ରବାହିନୀ, ପାତାଳ ମୁଖିନୀ ଏକ ସ୍ରୋତସ୍ୱିନୀ ।"(୪)ବନ୍‌ଜାର କ୍ଷେତ୍ରରେ ଏହି ବକ୍ତବ୍ୟଟି ପ୍ରଯୁଜ୍ୟ ଅଟେ । କାରଣ ସେ ନିଜର ସ୍ୱାମୀଙ୍କୁ ତ୍ୟାଗ କରି ସ୍ୱେଚ୍ଛାଚାରିଣୀ ଜୀବନ ବଞ୍ଚିବାକୁ ଭଲ ପାଉଥିଲା । ନାରୀର ମାନସିକତାର ଏକ ନୂତନ ଦିଗକୁ ପ୍ରୋକ୍ତ ଗଳ୍ପରେ ଅନୁଭବୀ ହୁଏ । 'ଜନୈକା ସୁନ୍ଦରୀଙ୍କ ସମ୍ପର୍କରେ' ଗଳ୍ପରେ ଗୋଟିଏ ନାରୀ ପାଖରେ ଅନ୍ୟ ଗୋଟିଏ ନାରୀର ସୌନ୍ଦର୍ଯ୍ୟ, ଅବଚେତନ ମନର ଈର୍ଷା, ଅସୂୟା ଓ ଅସହାୟତାର କାରଣ ସାଜିପାରେ ତାହା ବର୍ଣ୍ଣିତ । ଶ୍ରୀମତୀ ଚୌଧୁରୀ ପ୍ରତି ଗଳ୍ପନାୟକଙ୍କ ସ୍ତ୍ରୀଙ୍କର ମାନସିକ ପ୍ରତିକ୍ରିୟା ହିଁ ଏହି ଗଳ୍ପର ଉପଜୀବ୍ୟ । ସେହିପରି 'ସୁଚରିତାସୁ' ଗଳ୍ପରେ ଋକ୍ଷବକ୍ଷ୍ୟ ଇବମଳ ଶୈଳୀରେ ଗଳ୍ପନାୟକ ଓ ତାଙ୍କ ସ୍ତ୍ରୀ ସୁଚରିତାଙ୍କ ରୋମାଣ୍ଟିକ୍ ମୁହୂର୍ତ୍ତଗୁଡ଼ିକର ମାନସିକ ଚିତ୍ର ପ୍ରଦତ୍ତ । 'ସହଜିଆ' ଗଳ୍ପରେ ମଧ୍ୟ ଡାକ୍ତର ସନାତନ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । କିନ୍ତୁ ନିଜର ମାନସପଟରୁ ପ୍ରଥମ ପତ୍ନୀଙ୍କ ସ୍ମୃତିକୁ ଲିଭାଇ ପାରି ନାହାଁନ୍ତି । ସେଥିପାଇଁ ସେ ମାନସିକ ଅବସାଦର ଶିକାର ହୋଇଛନ୍ତି । ସେହିପରି ମୁଁ ତୁମ୍ଭେ ଓ ସେମାନେ' ଗଳ୍ପରେ ଗଳ୍ପନାୟକ (ମୁଁ) ନିଜର ବନ୍ଧୁ ସୁତନୁଙ୍କ ନିକଟରେ ନିଜର ଆଦ୍ୟ ଯୌବନରେ ଶ୍ରୀମତୀ ଛୋଟରାୟଙ୍କ ପ୍ରତି ଥିବା ଆସକ୍ତି ଓ ତାର ମାନସିକ ପ୍ରତିକ୍ରିୟାର ସ୍ମୃତି ବ୍ୟକ୍ତ କରିଛନ୍ତି । କିନ୍ତୁ ଗଳ୍ପର ମଧ୍ୟ ଭାଗରେ ସୁତନୁଙ୍କ କନ୍ୟାଙ୍କ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଯେଉଁଠି ଶିଶୁ ମନସ୍ତତ୍ତ୍ୱର ଉପଲବ୍ଧି ହୁଏ । ଏହି ପ୍ରକାର ବର୍ଣ୍ଣନା ଯୋଗୁଁ ଗଳ୍ପର ମୂଳ ଭାବ ଅସ୍ୱଚ୍ଛ ମନେ ହୋଇଛି । 'ବାହା ହବାର ବିପଳ' ଗଳ୍ପରେ ସ୍ୱୟଂ ଗାଳ୍ପିକଙ୍କ ଅବଚେତନ ମନର ପରିପ୍ରକାଶ ଘଟିଛି ବୋଲି କୁହାଯାଇପାରେ । ପ୍ରୋକ୍ତ ଗଳ୍ପରେ ଗାଳ୍ପିକ ବିବାହ ସଂପାଦନକୁ ଏକ ରୋମାଣ୍ଟିକ୍ ଆବେଗର ପରିଚୟ ଭାବରେ ଗ୍ରହଣ ନ କରି; ସମାଜର ଏକ ଅବାଞ୍ଛିତ ଦାୟିତ୍ୱ ବୋଲି ଗ୍ରହଣ କରିଛନ୍ତି । ଏହା ଅପେକ୍ଷା ସେ ଅନେକ ଦାର୍ଶନିକ/ଅଭିମତ ପ୍ରକାଶ କରିବା ମଧ୍ୟରେ ନିଜ ଅଭିମତର ସ୍ୱଷ୍ଟ ବ୍ୟକ୍ତ କରି ପାରିନାହାନ୍ତି । ସେ କ୍ଷେତ୍ରରେ ସେ ଯେଉଁ ଅଭିମତ ପ୍ରଦାନ କରିଛନ୍ତି ତାହା ମଧ୍ୟ ପ୍ରଭାବିତ ସିଦ୍ଧାନ୍ତ । ସେଥିପାଇଁ ଏଠାରେ ଗଳ୍ପ ସାମାନ୍ୟ ଦୁର୍ବଳ ପ୍ରତୀତ ହୁଏ । ସେହିପରି 'ପ୍ରଥମ ପ୍ରଣୟ' ଗଳ୍ପରେ ମଧ୍ୟ ଗାଳ୍ପିକଙ୍କ କିଶୋର ବୟସର ପ୍ରଣୟର ମଧୁର ସ୍ମୃତି ବର୍ଣ୍ଣିତ । ସେଇ ସ୍ମୃତି ଗାଳ୍ପିକଙ୍କ ଜୀବନରେ ବର୍ତ୍ତମାନ ଅପହଞ୍ଚ ହେଲେ ହେଁ ତାର ମଧୁର ଓ କରୁଣ ସ୍ମୃତି ତାଙ୍କର ମାନସିକତାକୁ ପ୍ରଭାବିତ କରିଛି । 'ଅସ୍ତ ସୂର୍ଯ୍ୟର ରଙ୍ଗ' ଗଳ୍ପରେ ଡ.ମନୋରମାଙ୍କ ଅବଚେତନ ମନର ସ୍ଥିତି ଖୁବ୍ ବିଚିତ୍ର ମନେ ହୁଏ । ପ୍ରୋକ୍ତ ଗଳ୍ପରେ ଡ.ମନୋରମା ଚିରକୁମାରୀ ହୋଇ ମଧ୍ୟ ଶୁଭେନ୍ଦୁ ଚୌଧୁରୀ ଓ କମଳ ମିଶ୍ରଙ୍କ ଭଳି ବହୁ ପୁରୁଷଙ୍କ ପ୍ରତି ଆସକ୍ତ ହୋଇଛନ୍ତି । କିନ୍ତୁ ମାତୃତ୍ୱ କାମନାର ଯେଉଁ ଅବଦମିତ ଇଚ୍ଛାଟି ତାଙ୍କର ନାରୀ ମନକୁ ବିଚଳିତ କରିଥିଲା; ତାର ଏକ ଅଦ୍ଭୁତ ମାନସିକ ପ୍ରତିକ୍ରିୟା ପ୍ରୋକ୍ତ ଗଳ୍ପରେ ପ୍ରଦତ୍ତ ହୋଇଛି । ତେଣୁ ଜନୈକା ବୈଷ୍ଣବୀମାତାଙ୍କ ଅବୈଧ ସନ୍ତାନକୁ ପ୍ରସୂତି କରାଇବା ସମୟରେ ଡ.ମନୋରମା ସେଇ ବୈଷ୍ଣବୀ ମାତାଙ୍କର ବେଦନା ନିଜେ ଅନୁଭବ କରିଛନ୍ତି । ସତେ ଯେପରି ସେ ନିଜେ ହିଁ ଆସନ୍ନ ସନ୍ତାନ ପ୍ରସବ । ଏଠାରେ ଗାଳ୍ପିକଙ୍କ ବର୍ଣ୍ଣନାରେ ବୈଷ୍ଣବୀମାତା ଓ ଡ.ମନୋରମାଙ୍କ ମଧ୍ୟ ସନ୍ତାନ ସଂସାର ବା ସନ୍ତାନରେ ପ୍ରତି ଯେଉଁ ବିରୋଧାଭାସ ରହିଛି ତାହା ସେମାନଙ୍କ ମାନସିକତାର ବିଚିତ୍ର ପ୍ରତିଫଳନ ।

"ଧରିତ୍ରୀ ସ୍ୱପ୍ନ ହିଁ ଦେଖୁଥିଲା । ସେ ମଧ୍ୟ ଜାଣି ପାରୁଥିଲା ଯେ ସେ ସ୍ୱପ୍ନ ଦେଖୁଛି । କାରଣ ଗୋଟିଏ ଭଙ୍ଗା ପୋଲ-ଠକ୍ ଠକ୍ ହୋଇ ଡେଉଁଥିବା ଗୋଟାଏ ସାପର କଟାମୁଣ୍ଡ, ଖଣ୍ଡିଏ ଶୁଖିଲା ଚମଡାକୁ ଚୋବାଉଥିବା ଗୋଟିଏ ଥୋଡିଆ ଘୋଡା - ହୁତୁ ହୁତୁ ହୋଇ ଜଳୁଥିବା ଗୋଟାଏ ଉଡ଼ନ୍ତା ଢେଙ୍କି- କଲବଲ ହୋଇ ବାଟ ଖୋଜି ବୁଲୁଥିବା ଗୋଟାଏ ଅନ୍ଧ ଚୁଚୁନ୍ଦ୍ରା ଛୁଆ- ଆଉ ଗୋଟାଏ ଭଙ୍ଗା ମାଠିଆକୁ କାଖରେ ଧରି ହେଡ୍‌ମିଷ୍ଟ୍ରେସ୍ ସରୋଜିନୀ ଦେବୀଙ୍କର ଗୋଟାଏ ଅମୁହାଁ କୂଅ ଭିତରକୁ ଚାହିଁବା ଆଦି ବ୍ୟାପାର ଏକ ସଙ୍ଗେ ଏକ ସମୟରେ ଗୋଟିଏ ଗୋଟିଏ ଜାଗ୍ରତ ଚେତନା ଭିତରେ ଧରି ହୁଅନ୍ତା ନାହିଁ । କେବଳ ସ୍ୱପ୍ନ ହିଁ ଏ ସବୁ ଅସଂଲଗ୍ନ ଘଟଣାଗୁଡ଼ିକୁ ଏକାଠି ଯୋଡି ଦେଇପାରେ ।"(୫) ଏହି ଉକ୍ତିଟି 'ଧରିତ୍ରୀର ସ୍ୱପ୍ନ' ଗଳ୍ପରୁ ଆନୀତ ଯେଉଁଠି ଧରିତ୍ରୀ ଦେବୀଙ୍କର ଅବଚେତନ ମନର ଭାବ ରାଜିର ଉତ୍ତୋଳନର ଚିତ୍ର ବର୍ଣ୍ଣିତ । ତାଙ୍କ ସ୍ୱପ୍ନରେ ବୁଡି ରହିଛି ତାଙ୍କ କରୁଣ ତଥା ମୋହଭଙ୍ଗର ଛବି । ସେ ଅନେକ ଚେଷ୍ଟା କରିଲେ ମଧ୍ୟ ତାର ସେ ଅସହାୟତା ଫୁଟି ଉଠେ । ସ୍ୱପ୍ନ ସହ ମନସ୍ତତ୍ତ୍ୱର ନିବିଡ ସମ୍ପର୍କ ପ୍ରୋକ୍ତ ଗଳ୍ପରେ

ପ୍ରଦତ୍ତ । ସେହିପରି 'ହୃଦାନନ୍ଦବାବୁ ଓ ହୃଦୟ ବୃତ୍ତାନ୍ତ' ଗଳ୍ପରେ ନିନ୍ଦୁକମାନଙ୍କର ବିଦ୍ରୂପ, ଡାକ୍ତରଙ୍କ କଟୁ ମନ୍ତବ୍ୟ ଓ ପତ୍ନୀଙ୍କ ଭର୍ତ୍ସନା ହେତୁ ନିଜର ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । 'ଅପୂର୍ବ ଅଘଟଣ' ଗଳ୍ପରେ ଜୀବନାନନ୍ଦବାବୁଙ୍କ ମାନସିକ ସ୍ତରରେ ଅବସାଦ ଓ ପରବର୍ତ୍ତୀ ସମୟରେ ତାଙ୍କର ସୁସ୍ଥତାର ଆନନ୍ଦ ବେଶ୍ ଜୀବନ୍ତ ଭାବେ ବର୍ଣ୍ଣିତ । 'ଚକା ଭଉଁରୀ' ଗଳ୍ପରେ ମଧ୍ୟ ଅତୀତରେ କଲେଜର ଅଧ୍ୟୟନ କାଳରେ ପ୍ରୌଢ ବ୍ୟକ୍ତିଙ୍କର ସିପ୍ରାଦେବୀଙ୍କ ସହିତ ଥିବା ସମ୍ପର୍କର ସ୍ମୃତିଚାରଣ ରକ୍ଷବକ୍ଷ ଇବମଳ ଶୈଳୀରେ ରଚିତ । ସେହି ସ୍ମୃତିଚାରଣ ହିଁ ମିସ୍ ସିପ୍ରାଙ୍କର ଅବଚେତନ ମନରେ ଅନେକ ବିକ୍ଷିପ୍ତ ଭାବନା ସୃଷ୍ଟି କରିଛି । ସେହିପରି ପାଇବା ଓ ହରାଇବାର ସମ୍ବାଦଟି ମଣିଷ ମନରେ କିପରି ପ୍ରତିକ୍ରିୟା ଓ ପ୍ରଭାବ ପକାଏ ତାର ଆକାଲଜି 'ଲକ୍ଷେ ଟଙ୍କାର ଛାତି' ଗଳ୍ପରେ ବର୍ଣ୍ଣିତ । ପ୍ରୋକ୍ତ ଗଳ୍ପରେ ଚରିତ୍ରକୁ କୁଶଧ୍ୱଜ ଲକ୍ଷେ ଟଙ୍କା ପ୍ରାପ୍ତର ଖବର ପାଇଁ ଅପୂର୍ବ ଆନନ୍ଦ ଅନୁଭବ କରିଛନ୍ତି । କିନ୍ତୁ ପରମୁହୂର୍ତ୍ତରେ ସେଇ ଖବରଟି ମିଥ୍ୟା ବୋଲି ଶୁଣି ତାଙ୍କର ସବୁ ପୁଲକ ମିଳେଇ ଯାଇଛି । ପ୍ରତ୍ୟେକ ଧନୀକ ବ୍ୟକ୍ତି ବା ଶିଳ୍ପପତିମାନଙ୍କ ଜୀବନରେ ଏହିଭଳି ମାନସିକତା ସହଜଲଭ୍ୟ । 'ମନର ମଣିଷ ଓ ମଣିଷର ମନ' ଗଳ୍ପରେ ଗାଳ୍ପିକଙ୍କ ମନସ୍ତତ୍ତ୍ୱର ଗଭୀର ସଂଯୋଜନା କରିଛନ୍ତି । ମନର ମଣିଷ ଅନୁସନ୍ଧାନ କ୍ଷେତ୍ରରେ ମଣିଷର ଅବଚେତନ ସ୍ତରରେ ଯେଉଁ ପ୍ରକ୍ରିୟା ଘଟିତ ହୁଏ ତାହା ମଣିଷର ମନ ନାମାନ୍ତର ମାତ୍ର । ଗାଳ୍ପିକ ସାହୁଙ୍କ ମତରେ ରାଜନୀତିକ ବ୍ୟକ୍ତିମାନଙ୍କର ମନର ମଣିଷ ଭୋଟର, ଇଞ୍ଜିନିୟର ମାନଙ୍କର କଣ୍ଟ୍ରାକ୍ଟର, ପୋଲିସ୍‌ର ଚୋର,ପ୍ରେମିକର ପ୍ରେମିକା ଓ ଡାକ୍ତରର ରୋଗୀ ଏବଂ ଏହା ହିଁ ସେ କ୍ଷେତ୍ରରେ ଯଥାର୍ଥ । ଆତ୍ମନୈପଦୀ ଶୈଳୀରେ ରଚିତ 'ମନର ମଣିଷ ପାଖକୁ ଚିଠି' ଗଳ୍ପରେ ମଣିଷ ମନର ସଂଗୁପ୍ତ ଭାବନାଗୁଡ଼ିକ ବର୍ଣ୍ଣିତ ହୋଇଛି । ମଣିଷ ଯଦି କେବେ ନିଜର ମନର ମଣିଷକୁ ଚିଠି ଲେଖେ, ତେବେ ତାହା ରାତ୍ରିର ଘନ ଅନ୍ଧାର ମଧ୍ୟରେ ଲିଖିତ ହେବା ଆବଶ୍ୟକ । କାରଣ ମଣିଷ ମନର ଅତି ଗୋପନୀୟ ତଥା ଦୁର୍ବଳ ଭାବନାମାନ ଅନ୍ଧକାରରେ ହିଁ ବ୍ୟକ୍ତ ହୋଇପାରିବ । ସେହି ଅନ୍ଧାକାର ଭିତରେ ହିଁ ମଣିଷର ଅବଚେତନ ମନର ଭାବରାଜି ପ୍ରକଟିତ ହୋଇଥାଏ ।

'ମୋର ବିଶ୍ୱାସ ଆପଣ କୋଉ ଗୋଟା ଉନ୍ମାଦିନୀକୁ ଦେଖି ତା' ପ୍ରତି ଅହେତୁକୀ ଅନୁକମ୍ପାରେ ତାକୁ ଗୋଟାଏ ଆଦର୍ଶ ଆଧୁନିକା ଅଥଚ ଚିରନ୍ତନୀ ହୀରୋଇନ୍ ଭୂମିକାରେ ଠିଆ କରାଇବାକୁ ଖୁବ୍ ଚେଷ୍ଟା କରିଛନ୍ତି । କିନ୍ତୁ ବୃଥା ସେ ଚେଷ୍ଟା ଉନ୍ମାଦିନୀମାନଙ୍କୁ, ଅଧାପାଗଳୀମାନଙ୍କୁ ଏତେ ଅହଂକାରିଣୀ-ସ୍ୱେଚ୍ଛାଚାରିଣୀମାନଙ୍କୁ ଆପଣ ଅନୁକମ୍ପା ଦେଖାଇପାରନ୍ତି । ସେମାନେ କୃପାପାତ୍ରୀ ମଧ୍ୟ ହୋଇ ପାରନ୍ତି । ମାତ୍ର ସେମାନଙ୍କୁ ଆଦର୍ଶ ହୀରୋଇନ୍‌ର ମୁକୁଟ ପିନ୍ଧାଇ ଦିଅନ୍ତୁ ନାହିଁ ।"(୬) ଏହି ମନ୍ତବ୍ୟଟି ଏକ ବିମୁଗ୍ଧା ପାଠିକା ଗାଳ୍ପିକଙ୍କ 'ନିବେଦିତାର ନୈଶାରିସାର' ଗଳ୍ପ ପାଠ କରିବା ପଶ୍ଚାତ୍ ଚିଠି ମାଧ୍ୟମରେ ବ୍ୟକ୍ତ କରିଛନ୍ତି । ଯାହାଦ୍ୱାରା ପ୍ରୋକ୍ତ ଗଳ୍ପରେ ବର୍ଣ୍ଣିତ ନାରୀ ମନସତତ୍ତ୍ୱର ପ୍ରଚଣ୍ଡ ପ୍ରତିରୂପକୁ ଅନୁଭବୀ ହୁଏ । ପ୍ରୋକ୍ତ ଗଳ୍ପଟି ସଂପୂର୍ଣ୍ଣ ଭାବରେ ରକ୍ଷବକ୍ଷ ଇବମଳ ଶୈଳୀରେ ରଚିତ । ଗଳ୍ପନାୟିକା ନିବେଦିତା ଜଣେ ଅଭିସାରିକା ପ୍ରଗଲ୍‌ଭା ଓ ସନ୍ତାନ ସୃଷ୍ଟିର ଆଶୀର୍ବାଦରୁ ବଂଚିତ ନାରୀ ହିଁ ଓଡ଼ିଶାରୁ ବହୁ ଦୂରେ ରହି କୌଣସି ଏକ ନିର୍ଜନ ବଙ୍ଗଳାରୁ ଏକ ଅଜ୍ଞାତ ନିରୁଦ୍ଦିଷ୍ଟ ପୁରୁଷ ପାଖକୁ ଚିଠି ଲେଖିବା ମଧ୍ୟରେ ହିଁ ନିବେଦିତାର ମାନସିକ ଅବସାଦ, ଉତ୍ପୀଡନ ଓ ନିଃସଙ୍ଗ ଅବବୋଧତାର ବ୍ୟଥାକୁ ଆକଳନ କରିହୁଏ । ସେହିପରି 'ଅହଲ୍ୟାଦେବୀଙ୍କ ପ୍ରେମ ସମାଧି' ଗଳ୍ପରେ ପଚାଶ ବର୍ଷର ପ୍ରୌଢା ଅହଲ୍ୟାଦେବୀ ଅତୀତରେ ଶ୍ରୀକାନ୍ତ ଚୌଧୁରୀଙ୍କ ସହ ବିଫଳ ପ୍ରେମର ସ୍ମୃତିର ସମାଧିରେ ଆବେଗର ଫୁଲ ଚଢାଇ ଚାଲିଛନ୍ତି ବୋଲି ମନେ ହୁଏ । "ଅହଲ୍ୟାଦେବୀ ନିଜକୁ ଖୋଜିଲେ ମାତ୍ର ସେ ଆଉ ନିଜକୁ ପାଇଲେ ନାହିଁ । ସେ ଆଉ ଛାତ ଉପରେ ନ ଥିଲେ କୌଣସି ନିର୍ଦ୍ଦିଷ୍ଟ ସତ୍ତାରେ ନ ଥିଲେ । ସେ ସଂପୂର୍ଣ୍ଣ ଭାବେ ବର୍ଷା ହୋଇ ଯାଇଥିଲେ । ସେ ଅଜସ୍ର ଧାରାରେ ଝରି ପଡୁଥିଲେ-ବର୍ଷି ଯାଇଥିଲେ । ଅଜସ୍ର ଧାରାରେ ପୃଥିବୀ ଉପରେ ଛଳ ଛଳ ହୋଇ ବହି ଯାଇଥିଲେ । କୌଣସି ସ୍ଥୂଳ ସତ୍ତା ଭିତରେ ନ ହେଲେ ମଧ୍ୟ ସେ ନିଜକୁ ଏକ ପରିବ୍ୟାପ୍ତ ଚେତନା ଭିତରେ ଅନୁଭବ କରୁଥିଲେ ।"(୭) ଏହି ଉକ୍ତିରୁ ଅହଲ୍ୟାଦେବୀଙ୍କ ଭଳି ନାରୀ ଚରିତ୍ରରର ଅନ୍ତର୍ବେଦନା ଓ ଅସହାୟତାର ଆତ୍ମଲିପିକୁ ସ୍ପଷ୍ଟ ଉପଲବ୍ଧି କରିହୁଏ । ସେହିପରି ' ସେଇ ବାସ୍କେଟ ସେଇ ବ୍ରିଫ୍‌କେଶ୍' ଗଳ୍ପରେ ଗଳ୍ପନାୟକଙ୍କ ତୀବ୍ର ମାନସିକତା ପ୍ରଦତ୍ତ । ଗଳ୍ପର ଘଟଣାନୁସାରେ ଗଳ୍ପନାୟକ ନିଜର ବିଗତ ପ୍ରେମିକାର କିଛି ଆବେଗଭରା ଚିଠି ବାସ୍କେଟ ଓ ବ୍ରିଫ୍‌କେଶ୍‌ରେ ସାଇତି ରଖି ନିରୁଦ୍ଦିଷ୍ଟ ଭାବେ ରେଳଯାତ୍ରା କରିଛନ୍ତି । କିନ୍ତୁ ଏଭଳି ମାନସିକତା ମଧ୍ୟରେ ସେ ଜୀବନ ବଂଚିବାର ରାହା ଖୋଜି ପାଇଛନ୍ତି ।

ଗାଳ୍ପିକ ସାହୁଙ୍କ 'ଶ୍ରୀମତୀ ରାୟ ସିଂହ' ଗଳ୍ପରେ ବସ୍ତୁବାଦୀ ଜୀବନ ଓ ପ୍ରତିଷ୍ଠା ଭିତରେ ଜଣେ ନାରୀ ଚରିତ୍ରର ଶ୍ୱାସରୁଦ୍ଧ ହେବା ଭଳି ମାନସିକତା ବେଶ୍ ଦୃଢ ଭାବରେ ବର୍ଣ୍ଣିତ । ପ୍ରୋକ୍ତ ଗଳ୍ପରେ ଶ୍ରୀମତୀ ରାୟ ସିଂହ ସେଇ ବସ୍ତୁବାଦୀ ଜଗତରୁ ମୁକ୍ତି ଚାହିଁଛନ୍ତି; ସେଥିପାଇଁ ସେ ନିଜକୁ ପ୍ରତିବେଶୀଙ୍କ କବିପତ୍ନୀଙ୍କ ପାଖରେ ପ୍ରକାଶ କରି ମାନସିକ ଆଶ୍ୱସ୍ତି ପାଇଛନ୍ତି । ବେଳେବେଳେ ସତ୍ୟ ମଧ୍ୟ ପ୍ରଳାପ ମନେ ହୁଏ । କିନ୍ତୁ 'ଡକ୍ଟର ନିହାରିକା ଦାସ

ସମୀପେଷୁ' ଗଳ୍ପରେ ନିହାରିକା ଓ ବିନୋଦର ଅତୀତର ପ୍ରଣୟ ସ୍ମୃତିର ସେଇ ପ୍ରଳାପ ହିଁ ସେମାନଙ୍କର ବଞ୍ଚିବାର ପାଥେୟ ଓ ଜୀବନର ପାଦଟୀକା ସାଜିଛି । କବି ଶ୍ରୀ ରାଜେନ୍ଦ୍ର ପଣ୍ଡାଙ୍କ 'କାଠର କଣ୍ଢେଇ' କବିତାରୁ ପ୍ରଭାବିତ ହୋଇ ଗାଳ୍ପିକ ସାହୁ 'କାଠର କଣ୍ଢେଇ' ଗଳ୍ପ ରଚନା କରିଛନ୍ତି । ପ୍ରୋକ୍ତ ଗଳ୍ପରେ ସାହିତ୍ୟିକ କରୁଣାକର ବାବୁ ପ୍ରୌଢାବସ୍ଥାରେ ପଦାର୍ପଣ କରି ମଧ୍ୟ ନିଜକୁ ଯୁବ ମନେ କରି ସଜାଇ ହେବା ଏବଂ ସମାଜର ମୂଲ୍ୟବାନ୍ ବସ୍ତୁଗୁଡ଼ିକୁ କାଠର କଣ୍ଢେଇ ବୋଲି ମନେ କରିବା ଭଳି ଭିନ୍ନ ମାନସିକତା ପ୍ରଦତ୍ତ । ସାମ୍ପ୍ରତିକ ସମାଜର ତଥାକଥିତ Sofisticated ପ୍ରୌଢ ମାନସିକତାର ପ୍ରତିଲିପି ଉପଲବ୍ଧି କରି ହୁଏ କଥାକାର ସାହୁଙ୍କର 'ପ୍ରଳାପଶୂ ବିଳାପଶ୍ଚ' ଗଳ୍ପରେ । ପ୍ରୋକ୍ତ ଗଳ୍ପରେ କୌଣସି ଏକ ସହର ଉପକଣ୍ଠରେ ଥିବା ନିର୍ଜନ ଡାକ ବଙ୍ଗଳାରେ ବିଳମ୍ବିତ ରାତ୍ରିରେ କେତେ ଜଣ ପ୍ରୌଢ ବନ୍ଧୁ ଏକତ୍ରିତ ହୋଇ ହୁଇସ୍କି ନିଶାରେ ଅବଚେତନ ମନର ଗୋପନ ଭାବନା ବ୍ୟକ୍ତ କରନ୍ତି । ସେମାନଙ୍କର ବୟସକୁ ସେମାନଙ୍କ ଚେତନ ଓ ଅବଚେତନର ଅଭିବ୍ୟକ୍ତି ବେଖାପ ମନେ ହୁଏ । ତେଣୁ ପ୍ରୋକ୍ତ ଗଳ୍ପରେ ପ୍ରୌଢମାନଙ୍କର ମାନସିକ ଉଦ୍‌ବେଗ ଓ ଅସହାୟତାର ପ୍ରଳାପ ଓ ବିଳାପ ହିଁ ଉପଜୀବ୍ୟ । 'ତ୍ରିବିକ୍ରମବାବୁ କାହିଁକି ମୂକ ହେଲେ ?" ଗଳ୍ପରେ ଗଳ୍ପନାୟକ ତ୍ରିବିକ୍ରମବାବୁ ଜଣେ ପ୍ରତିପତ୍ତିଶାଳୀ ଚରିତ୍ର । ସେ ବହୁ ନାରୀଙ୍କୁ ଉପଭୋଗ କରି ଆନନ୍ଦ ପାଇଛନ୍ତି । କିନ୍ତୁ ଘଟଣାକ୍ରମେ ଏକାନ୍ତରେ ଫୁଲ ନାମ୍ନୀ ଏକ ନିରୀହା ନାରୀକୁ ଉପଭୋଗ କରିବାର ଅପରାଧ ହିଁ ତାଙ୍କର ମାନସିକ ଆଲୋଡନର କାରଣ ସାଜିଛି । କ୍ରମଶଃ ସେ ମୂକ ହୋଇଛନ୍ତି । ପ୍ରୌଢ କାଳରେ ଯୁବ ବୟସର ଉନ୍ମାଦନା ନେଇ ବଞ୍ଚି ରହିବାର ବ୍ୟର୍ଥ ନିଶା ମଣିଷକୁ କିପରି ଅସହାୟ କରିଦିଏ ତାହା 'ଦାନ୍ତ ବେଦାନ୍ତ' ଗଳ୍ପରେ ବର୍ଣ୍ଣିତ । ପ୍ରୋକ୍ତ ଗଳ୍ପରେ ପ୍ରୌଢ ବାଳମୁକୁନ୍ଦ ବାବୁଙ୍କ ମାନସିକ ରୂପ ଓ ଅତୀତର ସ୍ମୃତି ପ୍ରଦତ୍ତ । ନିଜର ଦାନ୍ତହୀନ ପାଟିରେ କୃତ୍ରିମ ଦାନ୍ତ ଲଗାଇ ସେ ଯୌବନର ଆବେଗକୁ ଉପଲବ୍ଧି କରିବାକୁ ପ୍ରୟାସୀ । କିନ୍ତୁ ଯେଉଁ ଦିନ ନିଜ ପାଟିର କୃତ୍ରିମ ଦାନ୍ତକୁ ବାହାରେ ରଖିଥିବା ବେଳେ ତାହା ମୂଷାମାନଙ୍କ ଦ୍ୱାରା ଚୋରୀ ହୋଇଗଲା; ସେଦିନ ତାଙ୍କର ଅବଚେତନର ଅସହାୟାତାକୁ ସେ ଅନୁଭବ କରିଛନ୍ତି ।

ସ୍ୱାଧୀନ ଭାରତର ନାରୀମାନେ ଘର ଚାରିକାନ୍ଥର ବାହାରେ ବାହାରି ଚାକିରି କରି ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାରେ ସହଯୋଗ କରିବାକୁ ପ୍ରୟାସୀ । କିନ୍ତୁ ଆମ ସମାଜରେ ନାରୀର ଏହି ଭଳି ନିଷ୍ପତି ତାକୁ ବିଷାଦ ଓ ବେଦନାର ଅନ୍ଧାର ଗୁମ୍ଫାକୁ ଠେଲି ଦେଇ ଥାଏ । ନାରୀର ଏହି ମାନସିକ ଦ୍ୱନ୍ଦ୍ୱ ପ୍ରତିଫଳିତ ହୋଇଛି 'ଦୁଇ ଭର୍ତ୍ତୁକାର ବିଳାପ' ଗଳ୍ପରେ । ଗଳ୍ପର ଘଟଣାକ୍ରମେ ଚାକିରି କରି ଅର୍ଥ ଉପାର୍ଜନ କରୁଥିବା ଡଲିଦେବୀ କ୍ରମଶଃ ନିଜ ପରିବାର ମଧ୍ୟରେ ସ୍ୱାମୀଙ୍କ ସେବା ଓ ଅନ୍ୟାନ୍ୟ କର୍ତ୍ତବ୍ୟବୋଧରୁ ବଞ୍ଚିତା । ଫଳରେ ତା'ଠାରେ ଅନେକ ମାନସିକ ଅସ୍ଥିରତା ଦେଖାଇ ଦେଇଛି । ସେହିପରି 'ପ୍ରତ୍ନତତ୍ତ୍ୱବିତ୍' ଗଳ୍ପରେ ମଧ୍ୟ ବିଚିତ୍ରାନନ୍ଦ ପ୍ରତ୍ନତତ୍ତ୍ୱବିତ୍ ଭାବେ ଦୀର୍ଘକାଳ ଗବେଷଣା କରିଛନ୍ତି । ନିଜ ଗବେଷଣା ପ୍ରତି ତାଙ୍କର ନିଷ୍ଠା ତାଙ୍କୁ ପରିବାଠାରୁ ଦୂରକୁ ନେଇଯାଇଛି । ସେ ନିଜର ଘରକୁ ମ୍ୟୁଜିୟମରେ ରୂପାନ୍ତର କରି ଦେଇଛନ୍ତି । ଯେଉଁ ସ୍ଥାନରେ ଘର ଆସବାବପତ୍ର ଶୋଭା ପାଉଥିଲା ସେଠାରେ ଭୂ-ଖୋଦିତ ଖଣ୍ଡିତ ମୂର୍ତ୍ତି, ମୃତ୍ତିକା ପାତ୍ର, ନର କପାଳ ଓ ନରକଙ୍କାଳ ସଜ୍ଜିତ ହୋଇଛି । ନିଜର ସାଧନା ଓ ପରିବାରର ଦାୟିତ୍ୱବୋଧ ମଧ୍ୟରେ ବିଚିତ୍ରାନନ୍ଦଙ୍କ ମାନସିକ ଦ୍ୱନ୍ଦ୍ୱ ହିଁ ଗଳ୍ପର ମୁଖ୍ୟ ଉପଜୀବ୍ୟ । 'ସୁନନ୍ଦାର ଲୁହ' ଗଳ୍ପରେ ସୁନନ୍ଦାର ମାନସିକ ଅସହାୟତା ଅତି ତୀବ୍ର । ପାରିବାରିକ ଦାୟିତ୍ୱବୋଧ ଓ ଦାରିଦ୍ର୍ୟତା ସୁନନ୍ଦାର ଅବଚେତନ ମନକୁ ପ୍ରଭାବିତ କରିଛି । ସେଥିପାଇଁ ସୁନନ୍ଦା ଦଶହରା ପର୍ବ ପାଳନ କରିବାକୁ ଯାଇ ବଜାରରୁ ଚୋରି କରି ସାର୍ଟଟିଏ ନିଜ ସ୍ୱାମୀଙ୍କୁ ଆଣି ଦେଇଛି । ସର୍ବୋପରି ଏଠାରେ ନାରୀର ଅସହାୟା ଓ କରୁଣ ମାନସିକ ଦଶା ଏଠାରେ ଅନୁଭବୀ ହୁଏ । ସଂସାରର ସମସ୍ତ ଅବସାଦ ଓ ଦୁଃଖକୁ ଚେତାଶୂନ୍ୟ (ମୂର୍ଚ୍ଛିତ) କରି ସେ ଭିତରେ ହିଁ ସୁନ୍ଦର ଭାବ ଜଗତର ପରିକଳ୍ପନା ପରିଲକ୍ଷିତ ହୋଇଥାଏ 'ମୂର୍ଚ୍ଛିତ ବିଷାଦ' ଗଳ୍ପରେ । ପ୍ରୋକ୍ତ ଗଳ୍ପରେ ଅତୀତରେ ଅନେକ ପାପ କରିଥିବା ନିରଞ୍ଜନ ଓ ନିଜର ଇପ୍‌ସିତ ସ୍ୱାମୀଙ୍କୁ ନ ପାଇଥିବା ଶ୍ରୀମତୀ ଛୋଟରାୟଙ୍କ ଠାରେ ତୀବ୍ର ମାନସିକ ଆଲୋଡନ ସୃଷ୍ଟି ହୋଇଛି । ସେହିପରି ମଣିଷର ଅବଚେତନ ମନର ଇଚ୍ଛା, ପ୍ରଭାବ ଓ ପ୍ରତିକ୍ରିୟା ମଣିଷର ଜୀବନ ପ୍ରତି କିଭଳି ଆଶଙ୍କା ସୃଷ୍ଟି କରିଥାଏ । ତାହା 'ମୀନକେତନ ବାବୁ ଓ ଜଳବାୟୁ' ଗଳ୍ପରେ ବର୍ଣ୍ଣିତ । ପ୍ରୋକ୍ତ ଗଳ୍ପରେ ଜିଲ୍ଲା ଜଜ୍-ମୀନକେତନ ବାବୁ ଆକସ୍ମିକ ଭାବେ ଜଳ, ବାୟୁ ବିଷୟକ ମାନସିକତାରେ ଆଚ୍ଛନ୍ନ ହୋଇ ପଡ଼ିଛନ୍ତି । ତାଙ୍କର ଏପରି ଆଚ୍ଛନ୍ନତା ତାଙ୍କୁ କ୍ରମଶଃ ଦୁରାରୋଗ ବ୍ୟାଧି କବଳିତ କରିଛି ।

'ଆଦ୍ୟ ବସନ୍ତର କାହାଣୀ' ଗଳ୍ପରେ ଚରିତ୍ର ରମାକାନ୍ତଙ୍କ ମାନସିକତା ବେଶ୍ ତୀବ୍ର ଭାବେ ପ୍ରତିଫଳିତ ହୋଇଛି । ପ୍ରୋକ୍ତ ଗଳ୍ପରେ ରମାକାନ୍ତ ନିଜର ଅତୀତର ସ୍ମୃତିରେ ବିଚରଣ କରୁ କରୁ ସେ ଯାଇ ପହଞ୍ଚି ଯାଇଛନ୍ତି ତାଙ୍କର ବାଲ୍ୟ ଓ କୌଶୋର ଜୀବନାଂଚଳରେ । ଫଳରେ ସେ ମାନସିକ ଦ୍ୱନ୍ଦ୍ୱ ଓ ଅସ୍ଥିରତାର ଶିକାର ହୋଇଛନ୍ତି । 'ପୁରୁଷାୟିତ'ଗଳ୍ପରେ ନାରୀର ତୀବ୍ର ଓ ଅଦ୍‌ଭୁତ ମାନସିକତାକୁ ସଂଦର୍ଶନ କରିହୁଏ । ପ୍ରୋକ୍ତ ଗଳ୍ପରେ ନିଜର ମୃତ ସ୍ୱାମୀଙ୍କର ସ୍ମୃତି ରୋମନ୍ଥନ ମଧ୍ୟରେ ହିଁ ବିଧବା ମହିଳାଟି

କାମଭୁକ୍‌ରେ ରୂପାନ୍ତରିତ ହୋଇଥାଏ ଏବଂ ତା' ମନରେ ବହୁ ପୁରୁଷ ରମଣର କାମନା ଜାଗ୍ରତ ହୁଏ । ପରିଶେଷରେ 'ଶବଯାତ୍ରାର ଶେଷ ଦୃଶ୍ୟ' ଗଳ୍ପରେ ଜଣେ ପୁରୁଷର ବିଚିତ୍ର ମାନସିକତାକୁ ଉପଲବ୍ଧି କରି ହୁଏ । ଯେଉଁଠି ଗଳ୍ପ ନାୟକର ଅବଚେତନ ମନରେ ପ୍ରେମ ଓ ମୃତ୍ୟୁ ଦୁଇଟି ଭିନ୍ନ ଭିନ୍ନ ଅବବୋଧ ସୃଷ୍ଟି କରିପାରନ୍ତି ନାହିଁ । କାରଣ ଏଠାରେ ଗଳ୍ପ ନାୟକ ଆତ୍ମୀୟ ସ୍ୱଜନର ଶବଯାତ୍ରାରେ ଯାଉ ଯାଉ ନିଜ ପ୍ରେମିକାର ପ୍ରକୋଷ୍ଠକୁ ଯାଇ ସମ୍ଭୋଗରେ ଲିପ୍ତ ରହେ । ସେହିପରି ମଶାଣିକୁ ଯାଇ ମଧ୍ୟ ସେଠାରେ ମାନସିକ ସ୍ତରରେ ପ୍ରେମିକାକୁ ଭେଟେ । ମନସ୍ତାତ୍ତ୍ୱିକ ବର୍ଣ୍ଣନା କ୍ଷେତ୍ରରେ ଏହା ଏକ ସାର୍ଥକ ପ୍ରତିଲିପି ।

କଥାକାର ମହାପାତ୍ର ନୀଳମଣି ସାହୁ ନିଜର ମୌଳିକତା ଓ ଅସାମାନ୍ୟ ବର୍ଣ୍ଣନା କୌଶଳ ବଳରେ ନିଜ କଥା ଜଗତର ଚରିତ୍ରମାନଙ୍କର ମାନସିକତାକୁ ବେଶ୍ ସଫଳ ଭାବରେ ରୂପାୟନ କରିଛନ୍ତି । ନିଜର ସେଇ ସୃଜନଶୀଳତାକୁ ନେଇ ଆତ୍ମାଭିମାନୀ କଥାକାର ଯାହା କହନ୍ତି, ତାହା ଏହି ଆଲେଖ୍ୟର ପରିଶେଷରେ ଉପସ୍ଥାପନ କରିବା ବେଶ୍ ଯଥାର୍ଥ ମନେହୁଏ- "ଆଜି ସୁଦ୍ଧା ବୁଝିଛି ଯେ ସେତେବେଳର ଗଣିତ ବିଦ୍ୟାର ପାରଦର୍ଶୀ ବହୁ ତଥା-କଥିତ ବୃଦ୍ଧମାନଙ୍କ ଠାରୁ ଆଜି କମ୍ପ୍ୟୁଟର ଯନ୍ତ୍ର କୋଟି ଗୁଣରେ ବୁଦ୍ଧିମାନ ବୋଲି ମାତ୍ର କମ୍ପୁଟର କ'ଣ ରସା ସାହୁର ବେଦନା ବୁଝିପାରିବ ? ବୁରୁନ୍ଦା ବେଧର ମନକଥା ବୁଝିପାରି ହାହାକାର କରିପାରିବ 'କପୋତ ପକ୍ଷୀ ଗୁରୁ ମୋର ଗଳ୍ପ ଲେଖିପାରିବ ? ଲେଖିପାରିବ 'ଅନ୍ଧରାତିର ସୂର୍ଯ୍ୟ' ଭଳି ଗଳ୍ପ ।"(୮) ଅଭିମାନ ଭିତରେ ହିଁ ତାଙ୍କର ନିଷ୍ଠା ଓ ପ୍ରତିଭାର ପରିଚୟ ମିଳିଥାଏ । ଯାହା ଓଡ଼ିଆ କଥା ଜଗତକୁ ଏକ ନବଦିଗନ୍ତ ପ୍ରଦାନ କରିଛି ବୋଲି କୁହାଯାଇପାରେ ।

**ପ୍ରାନ୍ତଟୀକା :**


୧. ସାହୁ, ମହାପାତ୍ର ନୀଳମଣି, ସୁମିତ୍ରାର ହସ, ଫ୍ରେଣ୍ଡସ୍ ପବ୍ଲିଶର୍ସ କଟକ, ୧୯୯୦, ପୃ-୨

୨. ଗାଳ୍ପିକଙ୍କ ସହ ସାକ୍ଷାତ୍‌କାର- 'ଗଳ୍ପ' (୪ର୍ଥ ସଂକଳନ, ଜୁଲାଇ-ସେପ୍ଟେମ୍ବର, ୧୯୭୧), ପୃ-୩୦

୩. ସାହୁ, ମହାପାତ୍ର ନୀଳମଣି, ବୀଣା ଓ ମୁଁ, ଗ୍ରନ୍ଥ ମନ୍ଦିର, କଟକ, ୧୯୬୨, ପୃ-୨୧

୪. ସାହୁ, ମହାପାତ୍ର ନୀଳମଣି, ନଦୀ ଓ ନାରୀ, ଗ୍ରନ୍ଥ ମନ୍ଦିର, କଟକ, ୧୯୬୨, ପୃ-୧୫୬

୫. ସାହୁ, ମହାପାତ୍ର ନୀଳମଣି, ଧରିତ୍ରୀର ସ୍ୱପ୍ନ (ପି.ଅ.କ) ଅଗ୍ରଦୂତ, କଟକ, ୧୯୭୭, ପୃ-୧୨୨

୬. ସାହୁ, ମହାପାତ୍ର ନୀଳମଣି, ପାଠିକାର ମନ୍ତବ୍ୟ (ନିବେଦିତାର ନୈଶାଭିସାର), ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୮୪, ପୃ-୬

୭. ସାହୁ, ମହାପାତ୍ର ନୀଳମଣି, ଅହଲ୍ୟା ଦେବୀଙ୍କ ପ୍ରେମ ସମାଧି, କଟକ, ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୮୪, ପୃ-୩୭

୮. ସାହୁ, ମହାପାତ୍ର ନୀଳମଣି, 'ମୁ କିପରି ଗଳ୍ପ ଲେଖିଲି ?' (ଅଭିସକ୍ତ ଗନ୍ଧର୍ବ) ଅଗ୍ରଦୂତ, କଟକ, ୧୯୯୦, ପୃ-୧୧



ଅଧ୍ୟାପକ, ଓଡ଼ିଆ ବିଭାଗ
ଗାଙ୍ଗେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟ
ପଚାଙ୍ଗୀ, କୋରାପୁଟ

ISSN -2583-147X(P), Vol.- 8, Issue No. V, August 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଗୋଣ୍ଡ ସମାଜରେ ପ୍ରଚଳିତ 'ଗୌରୀ ଓଷା'

**ନମିତା ମହାପାତ୍ର**

ଓଡିଶା ହେଉଛି ଏକ ଧର୍ମପରାୟଣ ରାଜ୍ୟ । ଅତି ପ୍ରାଚୀନ କାଳରୁ ଓଡିଶାର ନରନାରୀ ଲୋକ ସମାଜରେ ପୂଜିତ ଦେବାଦେବୀଙ୍କ ପୂଜା ଆରାଧନା କରି ଆପଣାର ଅଭିଷ୍ଟ ସିଦ୍ଧି ପାଇଁ ପ୍ରାର୍ଥନା କରି ଆସୁଛନ୍ତି । କାଳକ୍ରମେ ପୌରାଣିକ ତଥା ସାମାଜିକ ପରମ୍ପରା କ୍ରମେ ସମାଜରେ ଅସଂଖ୍ୟ ଦେବାଦେବୀ ସୃଷ୍ଟି ହୋଇଛନ୍ତି । ସେହି ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ବିଭିନ୍ନ ପ୍ରକାର ନୀତି ନିୟମ, ବିଧି, ବ୍ୟବସ୍ଥା ଇତ୍ୟାଦିର ପ୍ରଣୟନ କରାଯାଇଛି । ଉକ୍ତ ବିଧିବିଧାନ ଅନୁଯାୟୀ ସେମାନଙ୍କୁ ପୂଜା ଆରାଧନା କରି ଓଡିଶାବାସୀ ମାନସିକ ଶାନ୍ତି ଓ ସନ୍ତୋଷ ଲାଭ କରି ଆସୁଛନ୍ତି । ଏହ ଧର୍ମୀୟ ଅନୁଷ୍ଠାନ ମଧ୍ୟରୁ ମୁଖ୍ୟ ହେଉଛି ଓଷାବ୍ରତ ପାଳନ ।

'ଓଷା' ଶବ୍ଦର ମୂଳ ହେଉଛି ସଂସ୍କୃତ 'ଉପବାସ' । ଯେକୌଣସି ବ୍ୟକ୍ତି ମାନସିକ କରି ଅଶନ ତ୍ୟାଗ ପୂର୍ବକ ଦେବତାଙ୍କ ନିକଟରେ ଯେଉଁ ପୂଜାର୍ଚ୍ଚନା କରିଥାଏ ତାହା ସାଧାରଣତଃ ଓଷା ନାମରେ ପରିଚିତ । ବସ୍ତୁତଃ ମଣିଷ ହେଉଛି ଧର୍ମଭୀରୁ । ସେ ମନେକରେ ଯେ, ତା ଜୀବନର ପ୍ରତିଟି କର୍ମରେ  ଦେବତାଙ୍କ ଆଶୀର୍ବାଦ ରହିଛି । ସେ ଜୀବନର କର୍ମ ପଥରେ କୌଣସି ଅପରାଧ କଲେ ଦେବତା କୋପ କରି ଥାଆନ୍ତି । ଅତି ନମ୍ର ଭାବରେ ଦେବତାଙ୍କୁ ଆପଣାର ଦୁଃଖ ଓ ସମସ୍ୟା ଜଣାଇଲେ ସେ କୋପ ଶାନ୍ତି କରି ଆଶୀର୍ବାଦ କରନ୍ତି ଓ ଅଚିରେ ସେହି ବ୍ୟକ୍ତିର ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ଲୋକ ଜୀବନର ଏହି ମାନସିକତାରୁ ଓଷାର ସୃଷ୍ଟି ହୋଇଛି ।

ଓଡିଶାର ଓଷା ବ୍ରତ ସୃଷ୍ଟିର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆର୍ଯ୍ୟ ପରମ୍ପରା ବିକଶିତ ହେବାର ଅନେକ ପୂର୍ବରୁ ଏହି ଭୌଗୋଳିକ ଭୂଖଣ୍ଡରେ ଆଦିବାସୀମାନେ ବସବାସ କରୁଥିଲେ । ଆଦିବାସୀମାନେ ମଧ୍ୟ ଧର୍ମଭୀରୁ ଜାତି । ସେମାନେ ତାଙ୍କ ଲୌକିକ ବିଧାନ ଅନୁଯାୟୀ ଯେଉଁ ଦେବତାଙ୍କର ପରିକଳ୍ପନା କରିଥାନ୍ତି, ତାଙ୍କ ପ୍ରତି ରହିଥାଏ ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ । ତେଣୁ ସେମାନେ ସେହି ଦେବତାଙ୍କ ନିକଟରେ ଆପଣାକୁ ପୂର୍ଣ୍ଣ ପ୍ରାଣରେ ସମର୍ପଣ କରି ଦେଇ ସ୍ୱକୀୟ ପୂଜାର୍ଚ୍ଚନା କରିଥାନ୍ତି । ଅଦ୍ୟାବଧି ସେମାନଙ୍କ ସମାଜରେ ପ୍ରଚଣ୍ଡ ଧର୍ମବିଶ୍ୱାସର ନିଦର୍ଶନମାନ ଅନୁଭୂତ ହେଉଛି । ଏହି ଧର୍ମବିଶ୍ୱାସ 'ଗୋଣ୍ଡ' ଜନଜାତିଙ୍କ ଠାରେ ମଧ୍ୟ ଦେଖିବାକୁ ମିଳେ । ଅନ୍ୟାନ୍ୟ ଆଦିବାସୀଙ୍କ ପରି ସେମାନେ ପ୍ରକୃତିକୁ ପୂଜା କରିବା ସହ ବିଭିନ୍ନ ଦେବାଦେବୀଙ୍କର ଆରାଧନା କରିଥାନ୍ତି । ସେହି ଦେବାଦେବୀମାନଙ୍କ ମଧ୍ୟରେ ଗୌରୀ ମାତା ଓ ପାର୍ବତୀ ମାତା ଅନ୍ୟତମ ଶ୍ରେଷ୍ଠ ଦେବୀ ଭାବେ ଗୋଣ୍ଡ ସମାଜରେ ପୂଜିତ । ତାଙ୍କୁ ଆଧାର କରି 'ଗୌରୀ ଓଷା' ପାଳନ କରି ଥାଆନ୍ତି ।

ମା' ଗୌରୀ ହେଉଛନ୍ତି ଆଦିଶକ୍ତି, ଦକ୍ଷ ରାଜାଙ୍କ କନ୍ୟା ପାର୍ବତୀ । ଏହି ଆଦିଶକ୍ତି ମା' ଗୌରୀଙ୍କୁ ଗୋଣ୍ଡ ସମାଜର ଲୋକେ ଇଷ୍ଟଦେବୀ ରୂପେ ପୂଜାର୍ଚ୍ଚନା କରି ଥାଆନ୍ତି ।ଗୋଣ୍ଡୁକୀ ପୁରାଣ (ଗୋଣ୍ଡମାନଙ୍କର ପୁରାଣ ଗ୍ରନ୍ଥ) ଅନୁସାରେ ମା' ଗୌରୀଙ୍କର ସାତଟି ନାମ ଅଛି । ସେହି ନାମ ଅନୁସାରେ ସେ ପୂଜା ପାଆନ୍ତି । ସେମାନେ ହେଲେ, ଆଦ୍ୟଶକ୍ତି ଗୌରୀ ବା ଆଦି ଗଉରା, ପାତଳ ଗୌରୀ, ବିତାଳ ଗୌରୀ, ଗଙ୍ଗା ଗୌରୀ ବା ଗଙ୍ଗେଇ ଗଉରା ବା ଗଙ୍ଗେଇ ଗିରିଜା, ହରଗୌରୀ, କନକ ଗୌରୀ ଓ ସିନ୍ଦୁର ଗୌରୀ । ଏମାନେ ସମସ୍ତେ ବିଭିନ୍ନ ଗ୍ରାମରେ ଗ୍ରାମଦେବୀ ରୂପେ ପୂଜା ପାଆନ୍ତି ।

ମାର୍ଗଶୀର ମାସର ପ୍ରଥମ ଗୁରୁବାର 'ଗୌରୀ ଓଷା' ଆରମ୍ଭ କରାଯାଏ । ସେହି ସମୟରେ ଯଦି ଗ୍ରାମରେ କୌଣସି ଅଶୌଚ ଜନକ ପରିସ୍ଥିତି (ଛୁତିକା ବା ମୃତ୍ୟୁକ୍ରିୟା) ଉପୁଜେ ତେବେ ସେ ମାସର ଯେକୌଣସି ଗୁରୁବାରରେ ଆରମ୍ଭ କରାଯାଇପାରେ । ସାଧାରଣତଃ ଗୋଣ୍ଡ ଅଧ୍ୟୁଷିତ ଗ୍ରାମର ଗୋଣ୍ଡ ମୁଖିଆ ବା ଦେହୁରୀଙ୍କ ଦାଣ୍ଡ ଅଗଣାରେ ଆସ୍ଥାନ ସ୍ଥାପିତ ହୁଏ । ସେ ସ୍ଥାନକୁ 'କୋଠୀ'

ସ୍ଥାନ କୁହାଯାଏ । ଧାର୍ଯ୍ୟ ଦିବସରେ ସେ ସ୍ଥାନକୁ ପୂଜା କଲା ପରେ ଉପବାସ ଥିବା ସାତଜଣ ସଧବା ନାରୀ ମିଶି ଗୋଟିଏ ଶାବଳ ଉପରେ ସାତଟି ଆମ୍ବପତ୍ର ନୂଆ ସୂତାରେ ସାତ ବେଢା ବାନ୍ଧି ସାତଥର କୁଣ୍ଡ ବା ଖୋଳା ହେବାକୁ ଥିବା ସ୍ଥାନକୁ ଛୁଇଁ ଛୁଇଁ ଖୋଳା ଆରମ୍ଭ କରନ୍ତି । ଏମାନଙ୍କ ସହ ଆଉ ଦୁଇ ତିନିଜଣ ପୁରୁଷ ମଧ୍ୟ ଉପବାସ ଥାଆନ୍ତି । ସେହିମାନେ କୁଣ୍ଡକୁ ଭଲ ଭାବରେ ଖୋଳି ତା' ଭିତରୁ, ମାଟି ସବୁ ବାହାର କରନ୍ତି । ସେଠାରେ ଉପସ୍ଥିତ ଥିବା ସେହି ସାତଜଣ ନାରୀ କୁଣ୍ଡ ଚାରି ପାର୍ଶ୍ୱରେ କଞ୍ଚା ମାଟିରେ ତିନି ପାବଚ୍ଛ ବିଶିଷ୍ଟ ବେଦୀ ନିର୍ମାଣ କରନ୍ତି । ଏହାପରେ ଦେହୁରୀ ପୂଜା ଆରମ୍ଭ କରନ୍ତି । ଗାଉଣୀ (ଯେ ଗୌରୀ ଓଷା ସମ୍ବନ୍ଧୀୟ ଗୀତ ବୋଲନ୍ତି) ଗୌରୀ ଗୀତ ବୋଲନ୍ତି, ଝିଅ ବୋହୂମାନେ ଗାଉଣୀ ଗୀତରେ ପାଳି ଧରନ୍ତି । ଶଙ୍ଖ ହୁଳହୁଳି ବାଦ୍ୟରେ ପରିବେଶ ମୁଖରିତ ହୁଏ । ଦେହୁରୀ ପୂଜା ସାରିଲା ପରେ ଯେତେଜଣ ଉପବାସ ଥାଆନ୍ତ ସମସ୍ତେ ଜଣେ ଜଣେ କରି ଆଞ୍ଜୁଳିରେ ଅରୁଆ ଚାଉଳ ଭରି ତା ଉପରେ ଗୋଟିଏ ଗୁଆ, ଏକଟଙ୍କା ଏବଂ ଫୁଲ ଦେଇ ପଷ୍ପାଞ୍ଜଳି ଦିଅନ୍ତି ସେହି କୁଣ୍ଡ ଭିତରେ । ଏହାପରେ ବୋହୂମାନେ ବନ୍ଦାପନା କାର୍ଯ୍ୟ ଆରମ୍ଭ କରନ୍ତି । ବନ୍ଦାପନା ସରିଲା ପରେ ବିଭିନ୍ନ ପ୍ରକାର ଫୁଲ ଓ ଫୁଲ ଡାଳକୁ ସେହି କୁଣ୍ଡ ଭିତରକୁ ନିକ୍ଷେପ କରାଯାଏ । କୁଣ୍ଡର ମୁହଁକୁ ନୂଆ ଡାଲା ଦ୍ୱାରା ଘୋଡାଇ ଦିଆଯାଏ । ମା' ଗୌରୀଙ୍କ କୁଣ୍ଡରେ ଭୂତ ପ୍ରେତ ବା କୌଣସି ଦୁଷ୍ଟ ଶକ୍ତି ନ ପଶିବା ପାଇଁ ଡଲା ଉପରେ ମାନଝରୀ ଖଣ୍ଡା (ଗୋଣ୍ଡମାନଙ୍କର ପାରମ୍ପରିକ ଖଣ୍ଡା) କିମ୍ବା ଗୌରୀ ବେତ ରଖା ଯାଇଥାଏ । କୁକୁର, ବିଲେଇ କିମ୍ବା ଅନ୍ୟାନ୍ୟ ପଶୁପକ୍ଷୀ ସେହି କୁଣ୍ଡ ଉପରେ ନ ଡେଇଁବା ପାଇଁ କୁଣ୍ଡ ଚାରି ପାଖରେ ଚାରୋଟି ଖୁଣ୍ଟ ପୋତି ନୂଆ ଲୁଗା କିମ୍ବା ଗଛର ଡାଳରେ ବାଡ ଦିଆଯାଇ ସୁରକ୍ଷିତ ରଖା ଯାଇଥାଏ । ଏ ସମସ୍ତ କାର୍ଯ୍ୟ ଶେଷରେ କୁଣ୍ଡ ଭିତରୁ ବାହାରିଥିବା ମାଟିକୁ ନେଇ ସମସ୍ତେ ନିଜ ନିଜ ଘରକୁ ଯାଆନ୍ତି । ସେହି ମାଟିକୁ ନେଇ ବିଲମାନଙ୍କରେ ପକାଇବା ଦ୍ୱାରା ଫସଲ ଭଲ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ।

ସେହିଦିନ ଠାରୁ ପ୍ରତ୍ୟେକ ଦିନ ସକାଳେ ଗୌରୀ କୁଣ୍ଡକୁ କଳା ମାଟିରେ ଲିପା ଯାଇଥାଏ । କଳା ଲୁଣ୍ଡା ଗୌରୀ ମା'ଙ୍କର ଭାରି ପ୍ରିୟ । ଏହି କାର୍ଯ୍ୟଟି ଜଣେ ସଧବା ନାରୀ କରିଥାନ୍ତି । ସେତେବେଳେ ସେ ଗୀତ ବୋଲନ୍ତି –

"କଳା ଲୁଣ୍ଡା ମା ଉଚ୍ଚ ପିଣ୍ଡା, ତାଇଁ ଖେଳେ ଗୌରୀ
ତହିଁରେ ପଡିବ ମା ଚନ୍ଦନର ଛେଳ ।"

ଲିପା ପୋଛା ସାରି ଧୂପଦୀପ ଦେଇଥାନ୍ତି । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଝିଅ ବୋହୂମାନେ ଏକତ୍ରିତ ହୋଇ ବନ୍ଦାଣ ଗୀତ ଗାନ କରି ଥାଆନ୍ତି । ଦେହୁରୀ ସନ୍ଧ୍ୟା ଦିଅନ୍ତି । ସମସ୍ତେ ଏକତ୍ରୀତ ହୋଇ ବିଭନ୍ନ ପ୍ରକାର ଫଳ, ପତ୍ର, ପୁଷ୍ପ, ଧାନ, ଚାଉଳ ଆଦି କୁଣ୍ଡ ମଧ୍ୟରେ ନିକ୍ଷେପ କରନ୍ତି । ଏହାପରେ ଫୁଲ ପକା ଗୀତ ବୋଲା ଯାଇଥାଏ । ଯଥା –

"ଗୌରୀ ସୁତେ ମା ଗୌରୀ ସୁତେ
ବାସଙ୍ଗ ଫୁଲର କଢ
ବାସଙ୍ଗ ଫୁଲ ଶିଶିରୀ ପାଣି ପାଇଲେ
ଗୌରୀ ମଥାରେ ପଡୁ ମାଲୋ ବାସ୍କିମଥାରେ ପଡୁ
ବାସ୍କି ମଥା ମା ଠାକୁରାଣୀ ମଥା
ଈଶ୍ୱର ମଥାରେ ପଡୁ ଗୋ ଗୌରୀ ମଥାରେ ପଡୁ ।"

ଏହି ଫୁଲ ପକାଇା କାର୍ଯ୍ୟ ଜଣେ ଅପ୍ରାପ୍ତ ବାଳିକା ଦ୍ୱାରା ସମାହିତ ହୋଇଥାଏ । ଫୁଲ ପକାଇବା ପରେ କୁଣ୍ଡରେ ତାଳେ ପାଣି ଢଳା ଯାଇଥାଏ ଏବଂ ପୂର୍ବପରି କୁଣ୍ଡ ମୁହଁକୁ ଘୋଡାଇ ଦେଇ ହୁଳହୁଳି ପକାଇ ଶଙ୍ଖ ବଜାଇ ସମସ୍ତେ ଘରକୁ ଫେରି ଯାଆନ୍ତି । ଏହି ପ୍ରକ୍ରିୟା ତିନିପକ୍ଷ ପର୍ଯ୍ୟନ୍ତ ପାଳନ କରିବାର ବିଧି ରହିଛି । ଗ୍ରାମରେ ଛୁତିକା ମୃତିକା ଜନିତ ଅଶୌଚ ଘଟଣା ଘଟିଲେ ସମସ୍ତ ପୂଜା କାର୍ଯ୍ୟ ସ୍ଥଗିତ ରଖାଯାଏ । ପୁଣି ଶୌଚ ସରିବା ପରେ ପୂଜାବିଧି ହୋଇଥାଏ ।

ମାର୍ଗଶୀର ମାସରୁ ବିଧି ଆରମ୍ଭ ହୋଇଥିବା ଗୌରୀ ଓଷାର ଶେଷ ହୋଇଥାଏ ପୌଷ ମାସରେ । ପୌଷ ମାସରେ ବଡଦେଓ (ଗୋଣ୍ଡ ଜନଜାତିଙ୍କର ଶ୍ରେଷ୍ଠ ଦେବତା)ଙ୍କ ପୂଜା ସମାପନ ପରେ ଗୌରୀ ମା'ଙ୍କ ଉପାସନା କରାଯାଇଥାଏ । ଏହି ଓଷାଟି ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନକୁ ଆଧିବାସ ବା ଦଣ୍ଡି କହନ୍ତି । ଏହା ବୁଧବାର ଦିନ କରାଯାଏ, ଦ୍ୱିତୀୟ ଦିବସ ଗୁରୁବାର ଜାଗର ଓଷା ଏବଂ ତୃତୀୟ ଦିବସ ଶୁକ୍ରବାର ଉଦ୍‌ଯାପନ ବା ବିସର୍ଜନ ରୂପେ ବିବେଚିତ କରାଯାଏ ।

ଅଧିବାସ ଦିନ ପାର୍ଶ୍ୱ ଦେବାଦେବୀମାନଙ୍କର ମୂର୍ତ୍ତି ଗଠନ କରିବା ପାଇଁ ମୃତ୍ତିକା ପୂଜା କରାଯାଏ । ସନ୍ଧ୍ୟା ସମୟରେ ପ୍ରତିଦିନ ପରି କୋଠୀ କାର୍ଯ୍ୟକ୍ରମ ସମାପ୍ତ କରି ସାତଜଣ ସଧବା ନାରୀ କିଛି ପୁରୁଷ, ଏବଂ କିଛି ଝିଅଙ୍କ ସମେତ ଦେହୁରୀ ଏବଂ ଗାଉଣୀ ସମସ୍ତେ ମିଶି ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ମୃତ୍ତିକା ପୂଜା କରିବାକୁ ଯାଆନ୍ତି । ଦେହୁରୀ ପୂଜା କରେ, ଗାଉଣୀ ମାଟିବରଣ ଗୀତ ବୋଲିଥାଏ ଏବଂ ଝିଅ ବୋହୂମାନେ ପାଳି ଧରନ୍ତି । ମାଟିବରଣ କରିବା ସମୟରେ ଗୋଟିଏ ଲୁହା ଶାବଳରେ ସାତଟି ଆମ୍ବପତ୍ର ନୂଆ

ସୂତାରେ ବାନ୍ଧି ଉପବାସ ରହଥିବା ପୁଅ ପିଲାମାନେ ସେହି ଶାବଳରେ କିଛି କିଛି ମାଟି ଖୋଳି ତିନୋଟି ମାଟି ପିଣ୍ଡୁଳା ତିଆରି କରି ଦେହୁରୀ ସାମ୍ନାରେ ରଖନ୍ତି । ସେହି ତିନୋଟି ପିଣ୍ଡୁଳାକୁ ବୁଢାଦେଓ, ଜଙ୍ଗାଦେଓ ଓ ଲିଙ୍ଗାଦେଓ ନାମରେ ଦେହୁରୀ ପୂଜା କରି ମାଟିବରଣ କରନ୍ତି । ରାତିରେ ମାଟିବରଣ କାର୍ଯ୍ୟ ସମାପ୍ତ କରି ଘରକୁ ଫେରନ୍ତି । ପରଦିନ ପାହାନ୍ତାରୁ ସେମାନେ ଗାଧୋଇ ସାରି ମାଟି ଆଣିବାକୁ ଯାଆନ୍ତି । ସମସ୍ତେ ନିଜ ନିଜ କୂଳ ଦେବତା ତିଆରି କରିବା ପାଇଁ ନିଜେ ମାଟି ଆଣିଥିବା ବେଳେ ବଡଦେଓ, ଜଙ୍ଘାଦେଓ ଓ ଲିଙ୍ଗାଦେଓଙ୍କ ନିମନ୍ତେ ମାଟି ଆଣିବା କାର୍ଯ୍ୟଟି ପ୍ରତିଦିନ ସନ୍ଧ୍ୟାର ଗୌରୀ କୁଣ୍ଡରେ ଫୁଲ ପକାଉ ଥିବା ଅପ୍ରାପ୍ତ ବାଳିକାଟି କରିଥାଏ । ସର୍ବପ୍ରଥମେ ସେ ମାଟିକୁ ଆଣିବ ତା'ପରେ ଅନ୍ୟମାନେ ଆଣିଥାନ୍ତି । ମାଟିକୁ ଆଣି ଗ୍ରାମ ଉପାନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମୂର୍ତ୍ତି ନିର୍ମାଣ ନିମନ୍ତେ ରଖା ଯାଇଥାଏ । ମୂର୍ତ୍ତି ନିର୍ମାଣକାରୀ ବଢେଇମାନେ ସେଦିନ ଉପବାସ ରହି କାର୍ଯ୍ୟ କରନ୍ତି ଏବଂ ସନ୍ଧ୍ୟାରେ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଖାଦ୍ୟପେୟର ବ୍ୟବସ୍ଥା କରାହୋଇଥାଏ ।

ମୂର୍ତ୍ତି ବା ପାର୍ଶ୍ୱ ଦେବାଦେବୀଙ୍କ ମଧ୍ୟରେ ବଡଦେଓଙ୍କ ପ୍ରତୀକ ବଡଦେଉଳ, ଲିଙ୍ଗାଦେଓଙ୍କ ପ୍ରତୀକ ନିମାଇଁ ଦେଉଳ । ପ୍ରବଳ ପ୍ରତାପୀ ଚଣ୍ଡିଆ ବାବୁଙ୍କର ମୂର୍ତ୍ତି ସହ ଅନ୍ୟ ଦେବାଦେବୀ ଥାଆନ୍ତି । ସେମାନେ ହେଲେ ତିନି ଦେଓ ବଂଶଙ୍କର କୁଳଦେବତା ବାଘ, ଚାରି ଦେଓଙ୍କ ଦେବତା କଚ୍ଛପ, ପାଞ୍ଚ ଦେଓଙ୍କର ଦେବତା ବାଜପକ୍ଷୀ, ଛଅ ଦେଓଙ୍କର ଦେବତା ହାତୀ ଏବଂ ସାତ ଦେଓଙ୍କର ଦେବତା ନାଗସାପ ମୂର୍ତ୍ତି ତିଆରି ହୋଇଥାଏ । ଏଥିସହିତ ହରଗୌରୀ, ଆଗ ସୁବକାରୀ, ତୁଳସୀ ଚଉରା, ଗ୍ରାମ ଠାକୁରାଣୀ, କଞ୍ଚା କଳସ, ବୁଢା ଦେଉଳ, ଗଙ୍ଗେଇ ଗିରିଜା, ନବଗୁଞ୍ଜର ବାଘ, ମହାବଳ ହସ୍ତୀ, ହେରସା ପକ୍ଷୀ, କପିଳାସ ଗାଈ, ସପ୍ତଫେଣୀ ନାଗ, ସୂର୍ଯ୍ୟମଣ୍ଡଳ, ସିନ୍ଦୂରାଗୌରୀ, ବଉଳା ଭୀମ, ବାଘା ବୋଲି ମାଝୀ, ଭେଣ୍ଡିଆ ଡାଙ୍ଗୁଳୀ, ଗୁରୁଗୁରିଆଣୀ, ଚମକଚମକାଣୀ ଓ ଗଣେଶ ଆଦି ମୂର୍ତ୍ତି । ଶିମୁଳି ପଟା ଓ ବାଉଁଶ ବତା, ପାଳ ଓ କଦଳୀ ପଟ ସହାୟତାରେ ମାଟିରେ ମୂର୍ତ୍ତି ନିର୍ମାଣ କରାଯାଇଥାଏ । ମୂର୍ତ୍ତିଗୁଡିକ ମଧ୍ୟରୁ କେଉଁଟି କ୍ଷୁଦ୍ର ତ କେଉଁଟି ବୃହତ । ରଞ୍ଜୁଫଳ ଓ ରଙ୍ଗୀନ ଜରି ଲଗାଇ ଏଗୁଡିକୁ ଆକର୍ଷଣୀୟ କରାଯାଇଥାଏ । ମୂର୍ତ୍ତି ଗଠନ ପାଇଁ କୌଣସି ଶିଳ୍ପୀଙ୍କୁ ବାହାରୁ ନିମନ୍ତ୍ରଣ କରାଯାଏ ନାହିଁ । ଗ୍ରାମବାସୀ ହିଁ ବାରଶହ ବଢେଇ ହୋଇ ମୂର୍ତ୍ତି ଗଠନ କରିଥାନ୍ତି । ଦ୍ୱିତୀୟ ଦିବସ ଅର୍ଥାତ୍ ଗୁରୁବାର ଦିନ ଏହି କାର୍ଯ୍ୟ ସବୁ ହୋଇଥାଏ । ନିଷ୍ଠାର ସହ ଅତି ପବିତ୍ର ଭାବେ ଏହି ଓଷାଟିକୁ ପାଳନ କରାଯାଇଥାଏ । ଏହି ଓଷାର ଏକ ବିଶେଷତ୍ୱ ହେଲା ଏଥିରେ କେବଳ ଝିଅ ବୋହୂ ନୁହେଁ ପୁରୁଷମାନେ ମଧ୍ୟ ଏହି ଓଷାକୁ ପାଳନ କରିଥାନ୍ତି । ସନ୍ଧ୍ୟା ସମୟର ବରାଦ ମୁତାବକ କୁମ୍ଭାର ଛୋଟ ଛୋଟ ଅପୋଡା (ପୋଡା ହୋଇ ନଥିବା) କଳସ ଏବଂ ଦୀପାଳି ଯୋଗାଇ ଦେଇଥାଏ । ସ୍ଥଳ ବିଶେଷରେ ନିଜେ ମଧ୍ୟ ଏହି କାର୍ଯ୍ୟ କରିଥାନ୍ତି । ଧାନ କେଣ୍ଡାରୁ ବେଣୀ ତିଆରି କରି କଳସରେ ବନ୍ଧା ଯାଏ ଏବଂ ତା' ଉପରେ ଦୀପ ରଖାଯାଏ । ଏହାକୁ 'କଳେଇକଣ୍ଡି' ବୋଲି କହନ୍ତି ।

ମା' ଗୌରୀଙ୍କର ପ୍ରତୀକ ଗୌରୀ ହାଣ୍ଡି । ଛୋଟ ଗୋଟିଏ ହାଣ୍ଡିରେ ଧାନ ଭର୍ତ୍ତି କରାହୁଏ, ବିଭିନ୍ନ ପ୍ରକାର ଫୁଲର ମାଳ ସହ ଅତି ସୁନ୍ଦର ଭାବେ ପ୍ରସ୍ତୁତ ହୋଇଥିବା ଧାନ ବେଣୀ ଗୌରୀ ହାଣ୍ଡିରେ ବନ୍ଧା ହୋଇଥାଏ । ଗୌରୀ ହାଣ୍ଡି ଉପରେ 'ଶାଳଦୀପ' ସପ୍ତ ଦୀପାଳି ଘିଅ ସଳିତା ରଖା ହୁଏ । ବ୍ରତଚାରିଣୀମାନେ ହଳଦିଆ ସୂତା ଡୋରିରେ ପୂର୍ବ ବର୍ଣ୍ଣିତ ମାତା ଗୌରୀଙ୍କର ସାତଟି ନାମରେ ସାତଟି ଫୁଲ ସହ ସାତଟି ଗଣ୍ଠି ପକାଇ ଡାହାଣ ହାତରେ ବାନ୍ଧନ୍ତି । ମା' ପାର୍ବତୀ ଯେପରି କୋଠର ସଂଯମ ଏବଂ ନିଜର ପବିତ୍ର ତପୋନିଷ୍ଠା ପାଇଁ ମହାଦେବଙ୍କୁ ଆକୃଷ୍ଟ କରି ପତି ରୂପେ ପ୍ରାପ୍ତ କରିଥିଲେ ଠିକ୍ ସେହିପରି ସୌମ୍ୟ ଗୁଣବାନ୍ ସର୍ବ ସଂସ୍କୃତି ସମ୍ପନ୍ନ ପତି ଭାଗ୍ୟରେ ମିଳୁ ବୋଲି ଅବିବାହିତା ଯୁବତୀମାନେ ମା' ଗୌରୀଙ୍କ ଠାରେ ପ୍ରାର୍ଥନା କରିଥାନ୍ତି ଏବଂ ସମସ୍ତେ ନିଜର ପରିବାର ତଥା ଜାତି ଭାଇଙ୍କ ମଙ୍ଗଳ କାମନା କରି ମା' ଗୌରୀଙ୍କ ଠାରେ ଶରଣାପନ୍ନ ହୋଇଥାନ୍ତି । ଏହି ସମୟରେ ଗାଉଣୀ (ଗାୟକ) ଦେବାଦେବୀଙ୍କର ଜଣାଣ ସହ ତାଙ୍କୁ ଆବାହନ କରେ ଏବଂ ଦେବାଦେବୀମାନଙ୍କର କାଳିସୀ ମଧ୍ୟ ବିଜେ ହୁଅନ୍ତି ଲୋକଙ୍କ ଦେହରେ । ହୁଳହୁଳି ଶଙ୍ଖଧ୍ୱନି ସହ ଢୋଲ ବାଦ୍ୟ ବାଜେ ତା'ପରେ ଦୀପ ପ୍ରଜ୍ୱଳନ କରାଯାଏ । ପ୍ରଥମେ ଶୁଭକାରୀ (ଯେଉଁ ଅପ୍ରାପ୍ତ ବାଳିକାଟି ପ୍ରତିଦିନ ସନ୍ଧ୍ୟାରେ ଗୌରୀ କୁଣ୍ଡରେ ପୁଷ୍ପାଞ୍ଜଳି ଦେଉଥିଲା) ସେ ଦୀପ ଜାଳେ ତା'ପରେ ଗ୍ରାମ ଠାକୁରାଣୀ ଏବଂ ତା'ପରେ ଗୌରୀ ମା'ଙ୍କର ପ୍ରଦୀପ ପ୍ରଜ୍ୱଳନ କରାଯାଏ । ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ କଳେଇ କଣ୍ଡିର ଦୀପଗୁଡିକୁ ପ୍ରଜ୍ୱଳନ କରିଥାନ୍ତି । ଏହି ଜାଗର ପର୍ବ ଦେହୁରୀ ବା ଗ୍ରାମ ମୁଖିଆଙ୍କ ଅଗଣାରେ ଥିବା ଚଉରା ପାର୍ଶ୍ୱରେ କରାଯାଏ ।

ଦୀପ ପ୍ରଜ୍ୱଳନ ପରେ ହରିବୋଲ ହୁଳହୁଳି ସହ ଦିହୁଡି ଜଳାଇ ବୀର ବାଦ୍ୟର ତାଳେ ତାଳେ ଆବାଳ ବୃଦ୍ଧ ବନୀତାଙ୍କ ଆନନ୍ଦ ଉତ୍‌ଫୁଲ୍ଲିତ ପରିବେଶ ମଧ୍ୟରେ କୋଠୀ ଶାଳକୁ ଅଣାଯାଏ ଏବଂ ଯଥା ସ୍ଥାନରେ ଦୀପମାଳାକୁ ସ୍ଥାପନ କରାଯାଏ । ଏହାପରେ ମୂର୍ତ୍ତି ଆଣିବାକୁ ଯାଆନ୍ତି । ସେଠାରେ ଯଥାରୀତି ପୂଜାର୍ଚ୍ଚନା କରାଯାଏ । ଗାଉଣୀ ପ୍ରାଚୀନ ଗୋଣ୍ଡ ରାଜାମାନଙ୍କର ବୀର ଗାଥା

ଗାୟନ କରନ୍ତି । ମା' ଗୌରୀଙ୍କର ଅପୂର୍ବ ଗାଥା ପରିବେଷଣ କରନ୍ତି । ଏହି ପ୍ରକ୍ରିୟା ରାତିଅଧ ଯାଏ ଚାଲୁ ରହେ । ଏ ଗାଥାକୁ ଆବାଳ ବୃଦ୍ଧବନିତା ସମସ୍ତେ ଶ୍ରବଣ କରନ୍ତି । ଏହି କାର୍ଯ୍ୟ ପରେ ନିଜ ନିଜର କୂଳଦେବତା ବା ମୂର୍ତ୍ତିଗୁଡ଼ିକୁ ଆଣି କୋଠୀ ସ୍ଥାନରେ ସ୍ଥାପନ କଲା ପରେ ଓଷା କାର୍ଯ୍ୟ ସମାପ୍ତ ହୋଇଥାଏ । ତା'ପରେ ବ୍ରତଚାରିଣୀମାନେ ଅରୁଆ ଅର୍ଣ୍ଣ ଭକ୍ଷଣ କରି ଓଷା ସମାପ୍ତ କରନ୍ତି ।

ସେଦିନ ମଧ୍ୟରାତ୍ରରେ ସନ୍ଧିପୂଜା ହୁଏ । ତାକୁ ବାହ୍ୟ ଲୋକ ଦେଖିବାର ବିଧି ନାହିଁ । ଏହା ଅତି ଗୋପନ ଭାବରେ କରା ହୁଏ । ଏହି ପୂଜାକୁ କେତେକ ଚଣ୍ଡୀ ପୂଜା ଓ କେତେକ ପୂଜାରେ ବିଘ୍ନ ଘଟାଉ ଥିବା ରାକ୍ଷାସ, ଅତାପୀ ଏବଂ ବାତାପୀଙ୍କୁ ସନ୍ତୁଷ୍ଟ କରିବାକୁ ପୂଜା ହୋଇଥାଏ ବୋଲି କହନ୍ତି । ଗୋଟିଏ ନାଲି କୁକୁଡ଼ା ଗଞ୍ଜାର କଲିଜାକୁ କାଷ୍ଠ ନିର୍ମିତ ଏକ ମୂନିଆ ଅସ୍ତ୍ରରେ ବାହାର କରି ଗୁପ୍ତରେ ଚଣ୍ଡୀଙ୍କୁ ଅର୍ପଣ କରାଯାଏ ।ଏହାପରେ କାର୍ଯ୍ୟକ୍ରମ ମାନଙ୍କରେ ବଳି ଭୋଗ ଆରମ୍ଭ କରାଯାଏ । ପୂର୍ବରୁ ମା' ଗୌରୀଙ୍କର ଅପର୍ଣ୍ଣା ବା ଅନ୍ନପର୍ଣ୍ଣା ବେଶରେ ଶୀତଳ ଭୋଗ ଲାଗି ଥାଏ । ଏହି ପୂଜା ପରେ ମା'ଙ୍କର ଚଣ୍ଡୀ ରୂପ ପ୍ରକଟିତ ହୋଇଥାଏ । ବଳି ଲାଗୁଥିବା କୁକୁଡ଼ାକୁ ଗୋଣ୍ଡ ସମ୍ପ୍ରଦାୟର ବିଶି ବା ଭାଟମାନେ (ଗୋଣ୍ଡ ସମ୍ପ୍ରଦାୟର ଏକ ଗୋଷ୍ଠୀ) ନେଇଥାନ୍ତି । ବର୍ତ୍ତମାନ ଏମାନଙ୍କ ପ୍ରଚଳନ ଧିରେ ଧିରେ କମି ଗଲାଣି ।

ତୃତୀୟ ଦିବସରେ ଉଦ୍‌ଯାପନ ବା ବିସର୍ଜନ କରାଯାଇଥାଏ । ଏହିଦିନ ବିଧିମତେ ପୂଜା କାର୍ଯ୍ୟ କରାଯାଇ ନଡ଼ିଆ, କଦଳୀ ଆଦି ଭୋଗ ସ୍ୱରୂପ ଦିଆଯାଇ କୁକୁଡ଼ା, ବୋଦା, ଛେଳି ଆଦି ମଧ୍ୟ ବଳି ଦିଆ ଯାଇଥାଏ । ଏହିପରି ଭାବରେ ଓଷା ସମାପ୍ତ ହୋଇଥାଏ । ଏହାପରେ ସମସ୍ତେ ନିଜ ନିଜ ଦେବତାଙ୍କୁ ମୁଣ୍ଡରେ ବୋହି ପୋଖରୀକୁ ବିସର୍ଜନ କରିବାକୁ ଯାଆନ୍ତି । ଯିବା ବାଟରେ ଗୀତ ବୋଲି ବୋଲି ନାଚି ନାଚି ଯାଆନ୍ତି । ସନ୍ଧ୍ୟା ପୂର୍ବରୁ ସବୁକାମ ଶେଷ କରି ଘରକୁ ଫେରନ୍ତି । ବିଭିନ୍ନ ବିଧିବିଧାନ ପୂର୍ବକ ମା'ଙ୍କର ଗୌରୀ ଓଷାର ସମାପନ ଏହିଭଳି ଭାବେ ହୋଇଥାଏ ।

ଏହି ଓଷାଟି ଗୋଣ୍ଡ ଲୋକ ସଂସ୍କୃତିର ଏକ ଉଲ୍ଲେଖନୀୟ ଉପାଦାନ । ବହୁ ପ୍ରାଚୀନ କାଳରୁ ଏହା ଗୋଣ୍ଡ ଜନଜାତିର ଲୋକଙ୍କ ମଧ୍ୟରେ ପାଳିତ ହୋଇ ଆସୁଛି ଏବଂ ଓଡିଶାର ଜନମାନସକୁ ଗଭୀର ଭାବରେ ସ୍ପର୍ଶ କରିଅଛି । ଅତ୍ୟନ୍ତ ସହଜ ଓ ସରଳ ଭକ୍ତି ଭାବନାକୁ ଆଧାର କରିଏହି ଓଷା ପାଳନ କରାଯାଉ ଥିବାରୁ ଏହା ଗୋଣ୍ଡ ସମାଜରେ ପ୍ରିୟ ହୋଇପାରିଛି କାରଣ ଏଥିରେ ନାହିଁ କୃଚ୍ଛ ସାଧନା କିମ୍ବା କଠିନ ନିଷ୍ଠା । ଅତି ଶୁଦ୍ଧ ଓ ପବିତ୍ର ମନରେ ମା' ଗୌରୀଙ୍କୁ ଆରାଧନା କରିବାର ଆନନ୍ଦ ଏହି ଓଷାରେ ମିଳି ଥାଏ ।

ତେଣୁ ଅଦ୍ୟାବଧି ଏହା ଓଡିଶାର ବିଭିନ୍ନ ସ୍ଥାନରେ ଗୋଣ୍ଡ ଜନଜାତିଙ୍କ ମଧ୍ୟରେ ପାଳିତ ହୋଇ ଆସୁଛି ଓ ଲୋକ ମାନସିକତାକୁ ପ୍ରଭାବିତ କରିଛି । ସେହି ଦୃଷ୍ଟିକୋଣରୁ ଏହାର ମୂଲ୍ୟ ଏକାନ୍ତ ଭାବରେ ମହତ୍ତ୍ୱପୂର୍ଣ୍ଣ ।

**ସହାୟକ ଗ୍ରନ୍ଥସୂଚୀ :**

(୧) ଗୋଁଡ ସାଂସ୍କୃତିକ ସମାଜ, ଭୁବନେଶ୍ୱର, 'ଷଡବଂଶୀ ନିୟମାବଳୀ', ପ୍ରଥମ ସଂସ୍କରଣ, ୧୯୮୫, ପୃ-୧୫ ।

(୨) ପ୍ରଧାନ, କୃଷ୍ଣଚନ୍ଦ୍ର, 'ଓଡିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି', ବିଦ୍ୟାପୁରୀ, ବାଲୁବଜାର, କଟକ, ଚତୁର୍ଥ ସଂସ୍କରଣ, ୨୦୧୩, ପୃ-୧୭ ।

**ତଥ୍ୟ ସଂଗ୍ରହ :**

ନାୟକ, ବୈଦେହୀ, ଗ୍ରା. - ତାଳପଦା, ଜି. - କେନ୍ଦୁଝର ।

ମହାପାତ୍ର, ପୁଷ୍ପାଞ୍ଜଳି, ଗ୍ରା. - ବିନିଦା, ଜି. - କେନ୍ଦୁଝର ।

ଗବେଷିକା
ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), **Vol.- 8, Issue No. V, August 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ବାରନ୍ଦା

**ରଜନୀକାନ୍ତ ମିଶ୍ର**

ଉଦୁଉଦିଆ ଖରାବେଳ । ଖାଇ ସାରି ରୋଷାଇ ଘର ସଜାଡି, ବାରନ୍ଦାରେ ପଡିଥିବା ଚଉକି ଉପରେ ଥକ୍କା ମାରି ବସିଗଲେ ମମତା । ବାରନ୍ଦାର ଚଉକିଟା କାହିଁ କେତେ ବର୍ଷରୁ ପଡିଛି । ମମତାଙ୍କ ବାପା ଜେଜେ ବାପା ଅମଳରୁ । ମମତାଙ୍କ ବାପା ଥିଲାବେଳେ ପ୍ରାୟ ସବୁ ସମୟ ସେଇଠି ବସି ରୁହନ୍ତି । କେତେବେଳେ ଖବରକାଗଜ ପଢନ୍ତି ତ ଆଉ କେତେବେଳେ ଗୁଣୁଗୁଣୁ ଗାଉଥାନ୍ତି ଭଜନ ଓ ଜଣାଣ । ବାରନ୍ଦାଟା ତାଙ୍କର ଖୁବ୍ ପ୍ରିୟ ଥିଲା । ଏତେ ବଡ ଘର ଥାଉ ଥାଉ ଏଇ ବାରନ୍ଦାରେ ମମତାଙ୍କ ବାପାଙ୍କର ଦିନର ଅନେକ ସମୟ କଟେ । ବାପା ତାଙ୍କର ଘରର ଯାବତୀୟ ହିସାବ ନିକାଶ, ବନ୍ଧୁ ମିଳନ ସବୁ ଏଇ ବାରନ୍ଦାରେ ବସି ସମ୍ପାଦନ କରନ୍ତି । ଦିନ ସାରା ଏଇ ବାରନ୍ଦାରେ ଗହଳି ଚହଳି ଲାଗି ରହିଥାଏ ।

ମମତାଙ୍କ ଆଖି ପଡ଼ିଲା ବାରନ୍ଦାର କାନ୍ଥରେ ଟଙ୍ଗା ଯାଇଥିବା ବାପାଙ୍କର ଫଟୋ ଉପରେ । ଚେହେରାରେ ଆଭିଜାତ୍ୟର ଠାଣି । ପାଖରେ ମା'ଙ୍କର ଫଟୋ ବି ଟଙ୍ଗା ହୋଇଛି । ବାପା ଥିଲେ ଏକ ଖୁବ୍ ରକ୍ଷଣଶୀଳ ବଂଶ ପରମ୍ପରାର ସୁଦୃଢ ସ୍ତମ୍ଭ । ଘରର ବଂଶ ପରମ୍ପରା ଓ ମର୍ଯ୍ୟାଦା ବାପାଙ୍କ ପାଇଁ ସର୍ବୋପରି ଥିଲା । ଏଇ ବାରନ୍ଦାରେ ବସି ବଂଶ ପରମ୍ପରାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଅନେକ କଠୋର ନିଷ୍ପତ୍ତି ନେଇଥିବା ମମତାଙ୍କର ମନେ ପଡିଯାଉଥିଲା ।

ସାହି ପଡିଶାର ଲୋକଙ୍କ ପାଖରେ ବି ବାପାଙ୍କର ଖୁବ୍ ଖାତିର । ଘଟଣା ଓ ଦୁର୍ଘଟଣାର ମୀମାଂସା ପାଇଁ ଶାଇ ପଡିଶାର ଲୋକେ ଧାଇଁ ଆସନ୍ତି ବାପାଙ୍କ ପାଖକୁ । ବାପା ଯାହା ନିଷ୍ପତ୍ତି ନିଅନ୍ତି ସମସ୍ତଙ୍କର ଗ୍ରହଣୀୟ ହୁଏ । କାହାର ପ୍ରତିବାଦ ନଥାଏ । ବାପାଙ୍କ ଓଜସ୍ୱୀ ଓ ଗାମ୍ଭୀର୍ଯ୍ୟ ପୂର୍ଣ୍ଣ ଚେହେରା ଆଗରେ, ବାରନ୍ଦା ଉପରକୁ ଉଠି ବାପାଙ୍କ ସାମନାରେ ଉଚ୍ଚ ସ୍ୱରରେ କାହାକୁ କଥା ହେବା ମମତା ଶୁଣି ନାହାନ୍ତି ।

ଖରାର ପ୍ରକୋପ ବଢୁଥିଲା । ଏକା ଏକା ସକାଳ ପ୍ରହରୁ କାମ କରି କରି ମମତା ଥକି ଯାଇଥିଲେ । ଆଖି ତାଙ୍କର ଲାଗି ଆସୁଥିଲା । ଅର୍ଦ୍ଧନିଦ୍ରା ଅବସ୍ଥାରେ ହଜି ଯାଇଥିବା ସମୟ ଗୁଡାକ ମମତାଙ୍କ ମନ ଭିତରୁ ଉଙ୍କି ମାରୁଥିଲେ । ବାରନ୍ଦାର ଏଇ ଚଉକି ଉପରେ ବସି ମମତାଙ୍କ ବାପା ମମତାଙ୍କ ଜୀବନର ଏକ ବିରାଟ ନିଷ୍ପତ୍ତି ନେଇଥିବା ମନେ ପଡିଯାଉଥିଲା । ଆଉ ବାପାଙ୍କ ସେଇ ନିଷ୍ପତ୍ତି ମମତାଙ୍କର ପ୍ରେମର ସ୍ୱପ୍ନ ମହଲକୁ ଭାଙ୍ଗି ଚୁରମାର କରି ଦେଇଥିଲା । ବଦଳି ଯାଇଥିଲା ମମତାଙ୍କ ଜୀବନର ଗତିପଥ । ମଉଳି ଯାଇଥିଲା ଯୌବନର ସବୁ ଶେଫାଳି ଫୁଲ । ଛଳ ଛଳ ଆଖି ତାଙ୍କର ଧିରେ ଧିରେ ନିଦ୍ରା ଦେବୀଙ୍କ କୋଳରେ ହଜିଯାଉଥିଲେ... ।

ଗେଟ୍‌ର ଆୱାଜ ଶୁଣି ଆଖି ଖୋଲିଲେ । ଜଣେ ବୟସ୍କ ଭଦ୍ରବ୍ୟକ୍ତି ଗେଟ୍ ଖୋଲି ତାଙ୍କରି ଆଡକୁ ଆସିବା ନଜର ପଡିଲା ।

ପଚାରିଲେ,

- କାହାକୁ ଖୋଜୁଛନ୍ତି ?"

- ଜୀବନ ବାବୁଙ୍କ ଘର, ନୁହଁ ?"

- ହଁ, ଏଟା ଜୀବନ ବାବୁଙ୍କ ଘର । କିନ୍ତୁ ସେ ତ ଅନେକ ଦିନରୁ ଚାଲିଗଲେଣି ।" ଜୀବନ ଦାଶ ମମତାଙ୍କର ବାପା ।

- ଆଗନ୍ତୁକଙ୍କର ନଜର ପଡିଲା ମମତାଙ୍କ ବାପା ଓ ମା'ଙ୍କ ଫଟୋ ଉପରେ । ବାରଣ୍ଡା ତଳୁ ହାତ ଯୋଡି ନମସ୍କାର ହୋଇ ପଚାରିଲେ,

- ଆପଣ.... ତାଙ୍କ ଝିଅ, ମମତା ?"

ମମତା ଚମକି ପଡିଲେ, ନିଜର ପରିଚୟ ଆଗନ୍ତୁକ ପାଖରେ ଥିବା ଯୋଗୁଁ । ମମତା କିଛି କହିବା ଆଗରୁ ଆଗନ୍ତୁକ ଜଣକ କହିଲେ,

– ମୋତେ ବୋଧହୁଏ ଚିହ୍ନି ପାରିଲେନି । ମୁଁ ଅସିତ୍" ।

ଅସିତ୍.... !!! ମମତା ହତବାକ ହୋଇ ଚାହିଁ ରହିଥାନ୍ତି । ବାର୍ଦ୍ଧକ୍ୟ ଗ୍ରସ୍ତ ଶରୀର ଭିତରେ ଖୋଜୁଥାନ୍ତି ତାଙ୍କର ପ୍ରାଣର ଅସିତଙ୍କୁ କଲେଜ ଜୀବନର ଖୁବ୍ ମେଧାବୀ,ସୌମ୍ୟ କାନ୍ତି ଚେହେରା ଧାରି ଓ ମିଷ୍ଟ ଭାଷି ଅସିତଙ୍କର ଉପସ୍ଥିତିକୁ ଅନଭବ କରିବାକୁ ଚେଷ୍ଟା କରୁଥାନ୍ତି, ସମୟର କ୍ରୁର ଛାଟରେ ନିଷ୍ପେସିତ ଆଗନ୍ତୁକଙ୍କ ଚେହେରା ଭିତରୁ । ବାରନ୍ଦା ତଳେ ଠିଆ ହୋଇଥିବା ଅସିତଙ୍କୁ ଦେଖି ମମତା କହିଲେ,

– ମୋତେ ତୁମେ ଚିହ୍ନି ପାରିଲନି ? ପଚାରିଲ, ମୁଁ ଜୀବନ ବାବୁଙ୍କ ଝିଅ ନା ନୁହଁ ।"

କେତେ ଦିନ ଯେ ବିତିଗଲାଣି । ତୁମ ଚେହେରା ସମ୍ପୂର୍ଣ୍ଣ ବଦଳି ଯାଇଛି । ତୁମେ ବି ତ ମତେ ଚିହ୍ନି ପାରିଲିନି, ନୁହେଁ ?"

– ହଁ... । ହେଉ ଅସିତ୍, ଉପରକୁ ଆସ । ତଳେ କାହିଁକି ଠିଆ ହୋଇଛ ? ଏଇ ପାଖ ଚଉକିରେ ବସ । ମୁଁ ଚା' କରି ଆଣୁଛି ।"

– ନାଁ, ମୁଁ ଏଠି ଠିକ୍ ଅଛି । ତୁମକୁ ଟିକିଏ ଦେଖିବାକୁ ଆସିଥିଲି । ଏଇନା ଚାଲିଯିବ ।"

– ଉପରକୁ ଆସିବନି ? ଏତେ ବର୍ଷ ପରେ ବି ଆହୁରି ମନେ ରଖିଛ ସେଦିନର ଘଟଣା ?"

ଅସିତ୍ ନିରବ ରହିଲେ,

ମମତାଙ୍କର ମନେ ପଡୁଥିଲା, ବାପାଙ୍କର କଠୋର ଜାତି ଧର୍ମ ଓ ପରମ୍ପରା ଭିତ୍ତିକ ଅନୁଶାସନର ଏକ ନିଷ୍ଠୁର ନିଷ୍ପତି । ଏମିତି ଏକ ଖରାବେଳେ ଅସିତ୍ ଆସିଥିଲେ ମମତାଙ୍କ ସହିତ ବିବାହ ପ୍ରସ୍ତାବ ନେଇ । ଅସିତ୍ ଓ ମମତାଙ୍କ ଭଲ ପାଇବାକୁ ସାମାଜିକ ବନ୍ଧନର ସ୍ୱୀକୃତି ଦେବାକୁ ଚେଷ୍ଟା କରିଥିଲେ । ଅସିତ୍, ନିଜ ବାପା ଓ ମା'ଙ୍କୁ ଅନେକ ବୁଝାଇଥିଲେ ମମତାଙ୍କ ଘରକୁ ପ୍ରସ୍ତାବ ନେଇ ଯିବା ପାଇଁ । କିନ୍ତୁ ସେମାନେ ସାହସ କରିପାରି ନଥିଲେ । କାରଣ... ? ଜାତି ଗୋତ୍ରର ବିରାଟ ଅନ୍ତର । ମମତା ଥିଲେ ତଥାକଥିତ ଉଚ୍ଚ ଜାତି ଓ ଅସିତ ନିଚ କୂଳରେ ଜନ୍ମିତ । ଅସିତ, ନିଜ ବାପା ମା'ଙ୍କ ଅନିଚ୍ଛା ସତ୍ତ୍ୱେ ନିଜେ ଅସିଥିଲେ । ଅସିତଙ୍କ ପ୍ରସ୍ତାବ ଶୁଣି ମମତାଙ୍କ ବାପା ଅଗ୍ନିବାଣ ହୋଇ ଯାଇଥିଲେ । ଅନେକ କଟୁକ୍ତି ଶୁଣିବାକୁ ପଡିଥିଲା ଅସିତାଙ୍କୁ । ବାରନ୍ଦାର ତଳେ ଚୁପ୍‌ଚାପ୍ ଠିଆ ହୋଇଥିଲେ ଅସିତ । ମୁଣ୍ଡ ପୋତି ସବୁ ଶୁଣିଥିଲେ । ବାପାଙ୍କର ଏତାଦୃଶ ବ୍ୟବହାରରେ ମର୍ମାହତ ହୋଇଥିଲେ ମମତା । ବାରନ୍ଦା କଣରେ ଥିବା କବାଟ ବନ୍ଧକୁ ଆଉଜି ସବୁ ଶୁଣୁଥିଲେ । ଲଜ୍ଜିତ ବି ମନେ କରୁଥାନ୍ତି । କିନ୍ତୁ କରିବେ ବା କ'ଣ ? ଉଚ୍ଚ, ନୀଚ ଓ ଜାତି, ଗୋତ୍ରର ଅହେତୁକ ଅହଂକାର ଆଗରେ ପ୍ରେମ ତାଙ୍କର ଅପମାନିତ ହେଉଥିବା ଦେଖି ବି ନିରବ ରହିଥିଲେ । ସମାଜ ଆଖି ଆଗରେ ପ୍ରତିଷ୍ଠିତ, ବାପା ଓ ମା'ଙ୍କର ମାନ ସମ୍ମାନ ତାଙ୍କୁ ଚୁପ୍ ରହିବାକୁ ବାଧ କରିଥିଲା ।

– ତୁମେ ଏକା ରହୁଛ" ? ଅସିତ୍‌ଙ୍କ ପ୍ରଶ୍ନରେ ପ୍ରକୃତିସ୍ଥ ହେଲେ ମମତା ।

– ହଁ । ବାପା ଓ ମା' ଅନେକ ଦିନରୁ ସ୍ୱର୍ଗବାସ କଲେଣି ? ଆଉ କ'ଣ କରିବି ?

– ଆଚ୍ଛା ଅସିତ୍, ସେଦିନ ଗଲା ପରଠୁଁ ଆଉ ଗାଆଁକୁ ଫେରି ନଥିଲ ?"

– ବାପା ଓ ମା' ବହୁତ ବାଧ କରୁଥିଲେ ବିବାହ ପାଇଁ । ମୁଁ କିନ୍ତୁ ରାଜି ହୋଇ ନଥିଲି । କୌଣସି ପ୍ରକାରେ ଟାଳି ଦେଇଥିଲି । ସେତେବେଳକୁ ମୋର ବମ୍ବେରେ ଚାକିରି ଆସିଥିଲା, ଚାଲିଗଲି । ସେଠାରୁ କିଛି ବର୍ଷ ପରେ ଆମେରିକା । ବାପା ଓ ମା'ଙ୍କୁ ବି ନେଇଗଲି । ଆମେରିକାରେ ରହିବା ସମୟରେ ସେମାନେ ଆରପାରିକୁ ଚାଲିଗଲେ । ମୃତ୍ୟୁ ପୂର୍ବରୁ ସେମାନେ ମୋତେ ବିବାହିତ ଦେଖିବାକୁ ଚାହିଁଥିଲେ । କିନ୍ତୁ ମୁଁ... । ଟିକିଏ ନିରବ ରହି ପୁଣି କହିଲେ,

କହିବାକୁ ଗଲେ ଆମେରିକାରେ ହିଁ ମୋର ଚାକିରି ଜୀବନ କଟିଛି । ଅବସର ପରେ ବର୍ତ୍ତମାନ ବମ୍ବେରେ ରହୁଛି । ଗାଆଁରୁ ସେଦିନ ଯିବା ପରଠୁଁ ଆମ ଗାଆଁକୁ ଏଇ ମୋର ପ୍ରଥମ ଗସ୍ତ । କିଛିଦିନ ତଳେ ଆମ ଗାଆଁ ଖୁବ୍ ମନେ ପଡିଲା । ଧାଇଁ ଆସିଲି ।"

– ଆଉ ମୁଁ ... ? ? ମୁଁ କେବେ ମନେ ପଡିନାହିଁ ?"

ଦୁହେଁ ପୁଣି କିଛି ସମୟ ନିରବ ।

– ତୁମେ କ'ଣ ବିବାହ କଲ ନାହିଁ ?" ମମତା ପଚାରିଲେ,

– ବିବାହ ତ ମୁଁ ଅନେକ ପୂର୍ବରୁ କରିଛି ।" ଅସିତ୍‌ଙ୍କ କଣ୍ଠସ୍ୱରରେ କ୍ଷୋଭ ।

– ସ୍ତ୍ରୀ ଓ ପିଲାମାନେ ?" ମମତା ପ୍ରଶ୍ନ କଲେ ।

– ପିଲାମାନେ ନାହାନ୍ତି ।"

– ମାନେ ?"

– ମୋର କେହି ଛୁଆ ପିଲା ନାହାନ୍ତି ।"

– ଆଉ ସ୍ତ୍ରୀ ?"

– ହଁ, ଅଛନ୍ତି ।"

– କେଉଁଠି ? ବମ୍ବେ ରେ ?"

– ନାଁ ।"

– ଆଉ କେଉଁଠି ?"

ମୁଣ୍ଡ ତଳକୁ ପୋତି ଅସିତ ପୁଣି ନିରବ ରହିଲେ ।

– କିଛି କହିଲନି ଯେ ?"

– ଛାଡ ସେ କଥା । ତୁମ କଥା କୁହ । ତୁମ ସ୍ୱାମୀ ଓ ପିଲାମାନେ ?" ଅସିତ୍ ପଚାରିଲେ ।

– ମୋର ବେଶଭୂଷା ଦେଖି କିଛି ବୁଝି ପାରୁନାହଁ ?" ମମତା ନିଜ ଆଡକୁ ଚାହିଁ କହିଲେ ।

– ଓଃ, ତୁମେ ବିବାହ କରିନାହିଁ ? କିନ୍ତୁ ତୁମ ବାପା ତ ସେଦିନ କହିଥିଲେ ତୁମର ବିବାହ ତୁମ ଜାତି ଗୋତ୍ରରେ ସ୍ଥିର ସେ କରି ସାରିଥିଲେ । ଦୁଇଦିନ ପରେ ତୁମର ନିର୍ବନ୍ଧ ହୋଇଥାନ୍ତା । କଲ ନାହିଁ କାହିଁକି ?"

– କେମିତି କରିଥାନ୍ତି ? ତୁମେ କ'ଣ ମୋତେ ଚିହ୍ନି ନଥିଲ ? ତୁମକୁ ଜୀବନସାଥି ରୂପେ ହୃଦୟରେ ସ୍ଥାନ ଦେଇସାରିଲା ପରେ ଅନ୍ୟଜଣଙ୍କ ଶଯ୍ୟା ସଙ୍ଗିନୀ ହୋଇଥାନ୍ତି କିପରି ? ତୁମେ କ'ଣ ଭାବି ଥିଲ ମୁଁ କେଉଁ ପାଶ୍ଚାତ୍ୟ ଦେଶର ଝିଅ ? ତୁମେ ତ ସେଦିନ ବାରନ୍ଦା ତଳୁ ଚାଲିଗଲ ଯେ ପଛକୁ ଚାହିଁ ନାହଁ । ମୁଁ କେମିତି ରହିଲି, କେମିତି ବଞ୍ଚିଛି ତୁମେ ଟିକିଏ ବି ଭାବି ନାହଁ ? ଭାବି ଥିଲେ ତୁମେ କ'ଣ ମୋତେ ହାସଲ କଲା ଯାଏଁ ପ୍ରୟାସ କରିନଥାନ୍ତ ? ମୁଁ ଘରର ଝିଅ । ହଠାତ ବାପା ଓ ମାଙ୍କୁ ଛାଡି ଘର ବାରନ୍ଦା ଡେଇଁ ଯାଇପାରିବା କଷ୍ଟକର ଥିଲା । କିନ୍ତୁ ତୁମେ କ'ଣ ବାରମ୍ବାର ଚେଷ୍ଟା କରିପାରିନଥାନ୍ତ ? ଗୋଟାଏ ଘଟଣାରେ ଅଭିମାନରେ ଚାଲିଗଲ ?

ବାପା ଓ ମା ମୋର ବିବାହ ପାଇଁ ଅନେକ ପ୍ରବର୍ତ୍ତାଇ ଥିଲେ । ମା'ର ଇଚ୍ଛା, ଇଚ୍ଛାରେ ରହିଗଲା । ବାପା ବି ଚୁପ୍ ଚାପ୍ ଚାଲିଗଲେ । ମୁଁ ରହିଗଲି ଏକା ଏକା । କାହା ପାଇଁ ବଞ୍ଚି ରହିଛି ବୁଝି ହେଉନାହିଁ । ଗାଁ ମୁଣ୍ଡ ଆମ୍ବ ତୋଟାର ପୁରୁଣା ମନ୍ଦିର ସାମନାରେ ଆମେ ଜୀବନ ସାଥି ହୋଇ ବଞ୍ଚିବାର ଶପଥ ନେଇଥିଲେ । ଆଉ ବିବାହ କରିଥାନ୍ତି କିପରି ? ମୁଁ ମୋ ଜିଦ୍‌ରେ ଅଟଳ ଥିଲି । ଆଉ ବାପା ତାଙ୍କ ନିଷ୍ପତ୍ତିରେ । ଅନେକ ସମୟରେ ବାପାଙ୍କର କଠୋର ଅନୁଶାସନ ମୋତେ ଅଣନିଶ୍ୱାସୀ କରୁଥିଲା । ସବୁ ଛାଡି ଚାଲି ଯିବାକୁ ମନ ହେଉଥିଲା । ଇଚ୍ଛା କରିଥିଲେ ଘର ଛାଡି ତୁମ ହାତଧରି ଚାଲି ଯାଇଥାନ୍ତି । କିନ୍ତୁ ବାପା ସାରା ଜୀବନ ବଞ୍ଚିଥିଲେ ତାଙ୍କର ମାନ ସମ୍ମାନକୁ ପାଥେୟ କରି । ଲୋକ ଲଜ୍ୟା ମା'ର ଜୀବନ ଧାରଣର ଏକମାତ୍ର ମାଧ୍ୟମ ଥିଲା । ମୋର ବାରନ୍ଦା ଡେଇଁ ଚାଲିଯିବା ସେମାନଙ୍କର ମୁଣ୍ଡ ସବୁଦିନ ପାଇଁ ତଳକୁ କରିଦେଇଥାନ୍ତା । ମୁଁ ମୋ ନିଜର ସବୁ କିଛି ହରାଇ ବି ବଞ୍ଚି ପାରିଲି । କିନ୍ତୁ ସେମାନଙ୍କୁ ଲଜ୍ଜିତ କରାଇ କ'ଣ ବଞ୍ଚି ପାରିଥାନ୍ତି... ? ନା' ସେମାନେ ବଞ୍ଚି ପାରିଥାନ୍ତେ ? କିଛିଦିନ ପରେ ମୁଁ ଏଇ ଗାଁ ସ୍କୁଲରେ ଶିକ୍ଷକତା କଲି । ବାପା ଓ ମା' ଦୁଇ ବର୍ଷ ତଳେ ଆଗ ପଛ ହୋଇ ଚାଲିଗଲେ । ଏବେ ଅବସର ପରେ ଏଇ ଘରର ଏକମାତ୍ର ଦାୟଦ । ଜୀବନର ଶୂନ୍ୟ ମହଲରେ କେଉଁ ଏକ ନିଭୃତ୍ତ କୋଠରିରେ ଜଳୁଛି ଆମ ଭଲପାଇବାର ପ୍ରଦୀପ । ତାରି କ୍ଷୀଣ ଶିଖାକୁ ଚାହିଁ ଚାହିଁ ବଞ୍ଚି ରହିଛି । ଖାଇସାରି ଖରାବେଳେ ଯେବେ ଥକ୍କା ମାରି ଏଇ ବାରନ୍ଦାରେ ବସିଯାଏ ତୁମ କଥା ଖୁବ୍ ମନେ ପଡେ ସବୁଦିନ । ମନେ ପଡେ ସେଦିନର ଘଟଣା । ବିଶ୍ୱାସ କରି ହୁଏ ନାହିଁ ଜୀବନଟା ଏମିତି ଅଧୁରା ରହିଗଲା । ଓଃ... ।" ଅବଶୋଷର ଏକ ଦୀର୍ଘଶ୍ୱାସ ବାହାରି ଆସିଲା ମମତାଙ୍କ ମୁହଁରୁ ।

– ଅସିତ୍..., ତୁମେ କହିଲ ବିବାହ କରିଛ । ଆଉ ସ୍ତ୍ରୀ'ଙ୍କ କଥା ଏଡାଇ ଦେଲ କାହିଁକି ? କ'ଣ କିଛି ଅସୁବିଧାର ସମ୍ମୁଖୀନ ହୋଇଛ" ?

– ନା, ସେମିତି କିଛି ନୁହଁ ।"

– ତେବେ ତୁମ ସ୍ତ୍ରୀ କେଉଁଠି ?

– ମମତା.., ଜଣେ ଜଣକୁ ଜୀବନ ସାଥି କରିବାକୁ ହେଲେ ଖାଲି କ'ଣ ଦେହର ମିଳନ ନିହାତି ଜରୁରି ? ହୃଦୟରେ ସାଇତି ରଖି ସାରା ଜୀବନ ଚାଲି ହେବ ନାହିଁ ? ମୋ ମନ ତ ଆମ୍ୱତୋଟାର ସେଇ ପୁରୁଣା ମନ୍ଦିର ସାମନାରେ ତୁମକୁ ସ୍ତ୍ରୀ ବୋଲି ସେଦିନ ହିଁ ଗ୍ରହଣ କରି ସାରିଥିଲା । ତୁମକୁ ପାଖରେ ପାଇଲି ନାହିଁ, ଦୁଃଖ ନାହିଁ । କିନ୍ତୁ ତୁମର ସ୍ମୃତିକୁ ସାଇତି ରଖି ଏ ଯାଏଁ ବଞ୍ଚି ପାରିଛି । ତୁମେ ବି ମୋତେ ତୁମ ହୃଦୟରେ ଏବେ ବି ସ୍ଥାନ ଦେଇଛ । ଯା'ଠୁ ଅଧିକ ନିବିଡ଼ ସମ୍ପର୍କ କ'ଣ ବା ହୋଇ ପାରିଥାନ୍ତା ?

ଦୁହେଁ ନିରବ... । ଦୁହିଁଙ୍କ ଆଖି ଛଳଛଳ । ଅଭିମାନ ଓ ଅବଶୋଷର ଅଶ୍ରୁ ଚକ୍ଷୁର କୂଳ ଲଂଘୁଥିଲେ । ପଣତ କାନିରେ ଲୁହ ପୋଛୁ ପୋଛୁ ମମତା କହିଲେ...

– ଅସିତ୍, ସମୟ ତ ସରିଗଲା । ଜାତି, ଧର୍ମ ଓ ଗୋତ୍ରର ଅଭିମାନ ବି ଲିଭି ସାରିଲାଣି । ପାଇବା ଓ ଉପଭୋଗର ଇଚ୍ଛା ତ କିଛି ନାହିଁ । ଆଉ ବର୍ତ୍ତମାନ.... ?

ଆଉ ବର୍ତ୍ତମାନ କ'ଣ ମମତା ? ଯେମିତି ଏତେ ଦିନ ବଞ୍ଚି ଆସିଲେ ବାକି ସମୟ ସେମିତି କାଟି ଦେବା । ବାପା ଓ ମା'ଙ୍କର ସେ ସମୟର ଆଦର୍ଶ ହୁଏତ ଆମ ଦୃଷ୍ଟିରେ ଠିକ୍ ନଥିଲା । ତଥାପି ସେମାନଙ୍କ ଅବର୍ତ୍ତମାନରେ ସେମାନେ ଛାଡି ଯାଇଥିବା ମାନ ସମ୍ମାନରେ ଆଘାତ ତ ଦେଇ ହେବ ନାହିଁ । ଆଉ କିଛି ସମୟ ପରେ ମୁଁ ବମ୍ବେ ଚାଲି ଯିବି । ନଭଶ୍ଚୁମ୍ବୀ ଅଟ୍ଟାଳିକାର ନିଶବ୍ଦ କୋଠରିରୁ ନିରୀକ୍ଷଣ କରୁଥିବି ସାଗର ବୁକୁରେ ମାଳମାଳ ଢେଉ । ତା'ରି ଭିତରେ ଖୋଜୁଥିବି, ବିତିଯାଇଥିବା ସମୟର ଢେଉ ଭିତରର କିଛି ଖରା ଛାଇର ସ୍ମୃତି । ଆଉ ତୁମେ ବସିଥିବ ତୁମର ଏଇ ବାରନ୍ଦାରେ, ଏକା ଏକା । ଆମେ ଦୁହେଁ ପାଖରେ ନଥିବା ସତ, କିନ୍ତୁ ଆମ ଦୁହିଁଙ୍କ ହୃଦୟ ଥିବେ ଖୁବ୍ ନିକଟରେ, ଚିରଦିନ ।

– ମୁଁ ଆସୁଛି", କହି ଅସିତ୍ ଗେଟ୍ ଆଡକୁ ପାଦ ବଢାଇଲେ । ଗେଟ୍ ଖୋଲି ଅସିତ୍ ଚାଲିବାକୁ ଲାଗିଲେ ଆଗକୁ ଆଗକୁ । ଗଲାବେଳେ ପକେଟରୁ ରୁମାଲ କାଢି ଆଖିରୁ ବାରମ୍ବାର ଲୁହ ପୋଛି ପକାଉଥିଲେ । ଧିରେ ଧିରେ ମମତାଙ୍କ ଦୃଷ୍ଟି ପଟଳରୁ ଅପସରି ଯାଉଥିଲେ ଅସିତ୍ । ମମତା ଠିଆ ହୋଇଥିଲେ ବାରନ୍ଦା ଉପରେ ଲୁହ ଝରାଇ । ଆଦ୍ୟ ଯୌବନର ପ୍ରଥମ ପ୍ରେମକୁ ପୁଣି ଥରେ ପାଖରେ ପାଇ ହରାଇବାର ଦୁଃଖରେ ଛାତିରେ ଜମାଟ ବାନ୍ଧୁଥିଲା କୋହ । ଦୃଢମନା ମମତା ନିଜକୁ ଖୁବ୍ ଅସହାୟ ମନେ କରୁଥିଲେ । ଯେମିତି ସେଦିନ ବାପାଙ୍କ କଟୁକ୍ତି ଶୁଣି ଅସିତ୍ ଅସହାୟ ଭାବେ ଠିଆ ହୋଇଥିଲେ ବାରନ୍ଦା ତଳେ । ବାପା ଓ ମା'ଙ୍କ ଫଟୋକୁ ଚାହିଁ ଦୁଇ ଧାର ଲୁହ ବୋହିଗଲା । ପଣତକାନିରେ ଫଟୋ ଉପରୁ ଜମି ଥିବା ଧୂଳି ପୋଛି ଆଣିଲେ । ଲୁହ ଭିଜା ଆଖିରେ ଅପଲକ ନୟନରେ ଫଟୋରେ ଦେଖୁଥିଲେ ତାଙ୍କ ବାପାଙ୍କୁ । ଆଖିରେ ତାଙ୍କର ଅନେକ ଅଭିଯୋଗ । ତାଙ୍କର ମନେ ହେଲା, ସତେ ଯେମିତି ବାପାଙ୍କ ଚେହେରାର ଗାମ୍ଭୀର୍ଯ୍ୟତା ଉଭେଇ ଯାଇଛି । ଜମିଥିବା ଧୂଳି ସହିତ ଜାତି ଗୋତ୍ରର ଅହଂକାରର ପରଳ ପୋଛି ହୋଇ ଯାଇଛି ବାପାଙ୍କ ଚେହେରାରୁ । ବାପା ଓ ମାଙ୍କ ଆଖିରେ ଲୁହ ଚିକ୍ ଚିକ୍ ହେବା ପରି ତାଙ୍କର ମନେ ହେଲା । ମନେହେଲା, ଫଟୋ ଭିତରୁ ହାତ ବାହାର କରି ବାପା ତାଙ୍କର ମୁଣ୍ଡ ସ୍ନେହରେ ଆଉଁଷି ଦେଉଛନ୍ତି । ସତେ ଯେମିତି ସେ କହୁଥିଲେ, ମା' ଲୋ... ମୋର ମିଛ ଗର୍ବ ଓ ଅଭିମାନ ତୋ ସୁନା ସଂସାର ଉଜାଡ଼ି ଦେଲା । ମୁଁ ତୋର ଦୋଷୀ । ପାରିବୁ ଯଦି ଏ ବୟସରେ ବି ବାରନ୍ଦା ଡେଇଁ ସବୁ ଛାଡି ଅସିତ୍ଙ୍କ ସଙ୍ଗେ ଚାଲିଯା । ଜାତି, ଗୋତ୍ର, ବଂଶ ଓ ପରମ୍ପରାର ମିଥ୍ୟା ଗର୍ବ, ଅହଂକାର ଚୁନା ହେଇଯାଉ ।

ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
ପ୍ଲଟ୍ ନଂ ୩, ମଧୁସୂଦନ ନଗର
ଭୁବନେଶ୍ୱର

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ